ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୦/୨୦୨୫ (୧୬ ପୃଷ୍ଠା) Bhubaneswar, Tuesday, June 10/2025 Page 16 ₹ 7.00 | DHENKANAL
୫୧ଶ ଭାଗ ୧୯୫ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 195 ମୂଲ୍ୟ ₹୭/-

# ହନିମୁନ୍‌ରେ ସ୍ୱାମୀଙ୍କୁ ହତ୍ୟା, ସ୍ତ୍ରୀ ମାଷ୍ଟରମାଇଣ୍ଡ

**ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀଙ୍କୁ ମେଘାଳୟରେ ହନିମୁନ୍ ବେଳେ ହତ୍ୟା କରାଇଥିଲେ ତାଙ୍କ ସ୍ତ୍ରୀ ସୋନମ। ମେ’ ୨୩ରୁ ନିଖୋଜ ଥିବା ରାଜାଙ୍କ ମୃତଦେହ ଜୁନ୍ ୨ରେ ଠାବ ହେବା ପରେ ନବବିବାହିତା ସୋନମଙ୍କୁ ଜୀବିତ ଉଦ୍ଧାର କରିବା ମଧ୍ୟପ୍ରଦେଶ ଓ ମେଘାଳୟ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଯାଇଥିଲା। ତେବେ ଶନିବାର ରାତିରେ ଉତ୍ତର ପ୍ରଦେଶର ଗାଜିପୁରସ୍ଥିତ ଏକ ଢାବାରୁ ସୋନମ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର ହେବା ପରେ ପୋଲିସ ତାଙ୍କୁ ଗାଜିପୁର ମେଡିକାଲ କଲେଜକୁ ଚିକିତ୍ସା ପାଇଁ ନେଇଥିଲା। ସୋନମ ସେଠାରେ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ଶନିବାର ରାତିରେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜଣେ ଉତ୍ତର ପ୍ରଦେଶରୁ ଧରା ପଡ଼ିଥିବାବେଳେ ଅନ୍ୟ ୨ ଜଣ ଇନ୍ଦୋରରୁ ଗିରଫ ହୋଇଛନ୍ତି। ସୋନମ ନିଜ ସ୍ୱାମୀଙ୍କୁ ହତ୍ୟା କରାଇବା ପାଇଁ ସେମାନଙ୍କୁ ସୁପାରି ଦେଇଥିବା ଅଭିଯୁକ୍ତମାନେ ପୋଲିସ ସମ୍ମୁଖରେ ପ୍ରଘଟ କରିଛନ୍ତି। ଅଭିଯୁକ୍ତମାନଙ୍କ ବୟାନ ଆଧାରରେ ସୋନମଙ୍କ ପ୍ରେମିକ ରାଜ କୁଶୱାହଙ୍କୁ ସୋମବାର ଗିରଫ କରାଯାଇଥିବା ପୋଲିସ କହିଛି। ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବାରେ ମେଘାଳୟ ପୋଲିସ ସଫଳ ହୋଇଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗମା ପ୍ରଶଂସା କରିଛନ୍ତି।**

## ପ୍ରେମିକଙ୍କୁ ବାହାହେବା ପାଇଁ କରିଥିଲେ ମର୍ଡର ପ୍ଲାନ୍



ସୋନମ ଓ ରାଜା ରଘୁବଂଶୀ

### ସୋନମ, ବୟଫ୍ରେଣ୍ଡ୍, ୩ ସହଯୋଗୀ ଗିରଫ

ଶିଲଂ/ଇନ୍ଦୋର/ଗାଜିପୁର,୯।୬

ନବ ଦମ୍ପତି ରାଜା ରଘୁବଂଶୀ ଓ ସୋନମ ହନିମୁନ୍‌ରେ ଇଷ୍ଟ ଖାସି ହିଲ୍ସ ଚେରାପୁଞ୍ଜି ବୁଲିବାକୁ ଯାଉଥିଲେ। ମେ’ ୨୩ରେ ଉଭୟେ ନିଖୋଜ ହୋଇଯାଇଥିଲେ। ଏହାର ଦିନକ ପରେ ଦୁହିଁଙ୍କୁ ଶେଷଥର ପାଇଁ ନୋଙ୍ଗ୍‌ରିଆଟ୍‌ର ବାଲାଜୀ ହୋମ୍‌ଷ୍ଟେ’ରେ ଦେଖିବାକୁ ମିଳିଥିଲା। ରାଜା ଓ ସୋନମ ବୁଲାବୁଲି କରିବା ପାଇଁ ଭଡ଼ାରେ ନେଇଥିବା ଏକ ସ୍କୁଟର ନିଖୋଜ ହେବାର ଦିନକ ପରେ ସୋହରାରିମ୍‌ରେ ପରିତ୍ୟକ୍ତ ଅବସ୍ଥାରେ ଠାବ ହୋଇଥିଲା। ରିଆଟ୍ ଆର୍ଲିଅଙ୍ଗ୍‌ର ୱେଇସାଡୋଙ୍ଗ୍ ପାର୍କିଂ ଲଟ୍‌ରେ ଥିବା ଏକ ଗଭୀର ଖାଇରୁ ଇନ୍ଦୋର ବ୍ୟବସାୟୀ ରାଜାଙ୍କ ମୃତଦେହ ଠାବ ହେବାର ୧୦ ଦିନ ପରେ ସେହି ସ୍ଥାନରୁ ଏକ ଦାଆ ମଧ୍ୟ ମିଳିଥିଲା। ରାଜାଙ୍କୁ ଏହି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରିଥିଲା। ତେବେ ସ୍ତ୍ରୀ ସୋନମଙ୍କ ପତ୍ତା ମିଳି ନ ଥିବାରୁ ପୋଲିସ ତନାଘନା ଜାରି ରଖିଥିଲା। ଇତିମଧ୍ୟରେ ମେଘାଳୟର ଜଣେ ଟୁରିଷ୍ଟ ଗାଇଡ୍ ଏହି ଦମ୍ପତି ନିଖୋଜ ହେବା ଦିନ ସେମାନଙ୍କୁ ଅନ୍ୟ ୩ ଜଣଙ୍କ ସହ ଦେଖିଥିବା କଥା ଶନିବାର କହିଥିଲେ। ମେ’ ୨୩ ପୂର୍ବାହ୍ନ ୧୦ଟାରେ ସେହି ☞ ପୃଷ୍ଠା-୨

**ଘୂର୍ଣ୍ଣିବଳୟ ସୃଷ୍ଟି, ୧୪ରୁ ବଢ଼ିବ ବର୍ଷା**
ପୃଷ୍ଠା-୩

**ଆଜିର ସମ୍ପାଦକୀୟ**
ଏବେ ଡିଜିପିନ୍

# ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁହେଲେ ସହାୟତା ୧୦ ଲକ୍ଷ

ଭୁବନେଶ୍ୱର,୯।୬(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣରେ ପୂର୍ବରୁ ମିଳୁଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ସୋମବାର ବୃଦ୍ଧି କରିଛନ୍ତି। ପୂର୍ବରୁ ଏ ବାବଦକୁ ରାଜ୍ୟ ସରକାର ପ୍ରଦାନ କରୁଥିବା ୬ ଲକ୍ଷ ଟଙ୍କାର ରାଶିକୁ ୧୦ ଲକ୍ଷକୁ ବୃଦ୍ଧି କରାଯାଇଛି। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ସାଧାରଣତଃ ବନ୍ୟଜନ୍ତୁ ଆକ୍ରମଣର ନଜିର ଅଧିକ ହୋଇଥାଏ। ବନ୍ୟଜନ୍ତୁ ଆକ୍ରମଣରେ ମଧ୍ୟ ବହୁ ଧନଜୀବନ ନଷ୍ଟ ହୋଇଥାଏ। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଲୋକଙ୍କ ସହାୟତା ରାଶି ବୃଦ୍ଧି କରିଛନ୍ତି। ସରକାରୀ ନିଷ୍ପତ୍ତି ଅନୁଯାୟୀ ମୃତ୍ୟୁକାଳୀନ ☞ ପୃଷ୍ଠା-୨










ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍‌ଆଇସି ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ସୋମବାର ଧରିତ୍ରୀ ପକ୍ଷରୁ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଭାଜପା ନେତା ଗୋଲକ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସନାୟକ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ

# ଅପ୍ରତିଦ୍ୱନ୍ଦ୍ୱୀ ଜନନାୟିକା 'ନନ୍ଦିନୀ'

ଭୁବନେଶ୍ୱର, ୯।୬ (ବନ୍ଦନା ସେଠୀ)

## ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ନାରୀନେତ୍ରୀ ତଥା ସାରସ୍ୱତ ସାଧିକା ନନ୍ଦିନୀ ଶତପଥୀଙ୍କ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଥିଲା। ମହିଳା ସଶକ୍ତୀକରଣର ସେ ଥିଲେ ଅନନ୍ୟ ପ୍ରତୀକ। କେବଳ ଓଡ଼ିଶା ନୁହେଁ, ଭାରତୀୟ ରାଜନୀତିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟିକା ଥିଲେ। ଭୁବନେଶ୍ୱରକୁ ଆଧୁନିକତାର ସ୍ପର୍ଶ ଦେବାରେ ତାଙ୍କର ବଡ଼ ଅବଦାନ ଥିଲା ବୋଲି ଧରିତ୍ରୀ ପକ୍ଷରୁ ନନ୍ଦିନୀଙ୍କ ୯୪ତମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତ ଦେଇଛନ୍ତି। ସୋମବାର ଭୁବନେଶ୍ୱର ରାଜଭବନ ନିକଟ ଏଲ୍‌ଆଇସି ଅଫିସ ସମ୍ମୁଖସ୍ଥ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିସ୍ଥଳରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ନନ୍ଦିନୀ ଶତପଥୀ କେବଳ ମହିଳାଙ୍କ ପାଇଁ ନୁହେଁ, ବରଂ ସମସ୍ତଙ୍କ ଲାଗି ପ୍ରେରଣାଦାୟୀ ହୋଇ ରହିବେ। କେବଳ ରାଜନୀତି ନୁହେଁ, ସାହିତ୍ୟ ଜଗତରେ ମଧ୍ୟ ତାଙ୍କର ଅନେକ ଅବଦାନ ରହିଛି। ଭାଜପା ନେତା ଗୋଲକ ମହାପାତ୍ର ଯୋଗଦେଇ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟଧାରାକୁ ଦେଖିବା ଲାଗି ବିଭିନ୍ନ ସ୍ଥାନରୁ ଲୋକମାନେ ଆସୁଥିଲେ ବୋଲି ମତ ରଖିଛନ୍ତି। ତାଙ୍କ ସମୟରେ ଭୁବନେଶ୍ୱରରେ ନୂଆ ଥାନା, ହାଟ ଓ ସହର ଗଢ଼ିତୋଳିବାର ଯୋଜନା ହୋଇଥିଲା। ସେହିପରି ଅନେକ ସଂସ୍କାରମୂଳକ କାର୍ଯ୍ୟ ତାଙ୍କ ସମୟରେ ଆରମ୍ଭ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପ୍ରଶାସନିକ କ୍ଷେତ୍ରରେ ନନ୍ଦିନୀ ଦେବୀଙ୍କ ଅନେକ ଅବଦାନ ରହିଛି। ସେ ଦୀର୍ଘ ସମୟଧରି ଓଡ଼ିଶାର ଶାସନ ବ୍ୟବସ୍ଥାକୁ ଗୋଟିଏ ନୂଆ ଦିଗ୍‌ଦର୍ଶନ ଦେଇଥିଲେ ବୋଲି ମହାପାତ୍ର କହିଛନ୍ତି। କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ସ୍ୱର୍ଗତା ନନ୍ଦିନୀ ଶତପଥୀ ସମସ୍ତଙ୍କ ପ୍ରେରଣାର ଉତ୍ସ ଥିଲେ ବୋଲି କହିଛନ୍ତି। ନନ୍ଦିନୀ ଦେବୀ ବିଶେଷକରି ସମଗ୍ର ଓଡ଼ିଶା ତଥା ଦେଶର ମହିଳାଙ୍କ ପାଇଁ ଆଦର୍ଶ ସାଜିଥିଲେ। ସେ ଜଣେ ଅଗ୍ନିବର୍ଷୀ ନେତ୍ରୀ ଭାବେ ନିଜକୁ ପ୍ରମାଣିତ କରିଥିଲେ। ତାଙ୍କ ଜୀବନଶୈଳୀରୁ ଆମ ସମସ୍ତଙ୍କୁ କିଛି ଶିଖିବାର ଅଛି ବୋଲି ଆକାଶ ଦାସନାୟକ କହିଛନ୍ତି। ସେହିପରି ଓଡ଼ିଆ ଭାଷା, ସଂସ୍କୃତିକୁ ଶକ୍ତିଶାଳୀ କରିବାରେ ନନ୍ଦିନୀଙ୍କ ଲମ୍ବା ଯୋଗଦାନ ରହିଥିଲା ବୋଲି ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରମୁଖ ଯୋଗଦେଇ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉପସ୍ଥିତ ଥିଲେ। ସେହିପରି ସଂସ୍କୃତି ବିଭାଗ, ଉତ୍କଳ ସମ୍ମିଳନୀ, ୱି ଫର୍ ଭୁବନେଶ୍ୱର, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ

ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ରାଜନୀତି ସମେତ କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଚିରସ୍ମରଣୀୟ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ସେହିପରି ନନ୍ଦିନୀ ଦେବୀଙ୍କ ଜୟନ୍ତୀ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସମେତ ବହୁ ବ୍ୟକ୍ତିବିଶେଷ ମଧ୍ୟ ସୋସିଆଲ ମିଡିଆରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।




ଉତ୍କଳ ସମ୍ମିଳନୀ



ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ ଏବଂ ଅନ୍ୟମାନେ



ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଧରିତ୍ରୀ ପରିବାର




ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ସ୍ମୃତି ତର୍ପଣ କରାଯାଉଛି



ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ଭୁବନେଶ୍ୱରର କର୍ପୋରେଟର ବୃନ୍ଦ ଓ ଅନ୍ୟମାନେ

ଧରିତ୍ରୀ 51 Years

# ଧରିତ୍ରୀ
DHARITRI




DADLS-26

ବର୍ଷ ଏକ ଉପଲବ୍ଧି ଅନେକ

ସମୃଦ୍ଧ ଭବିଷ୍ୟତ ପାଇଁ କୃଷି ଓ କୃଷକ ସଶକ୍ତିକରଣ

• ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା

• ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ପାଇଁ ନିଷ୍ପତ୍ତି • ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ



OIPR-15001/13/0678/2526


# କେନ୍ଦ୍ରାପଡ଼ା ଜିଲା ବିକାଶ ପ୍ରତି ସରକାର ସଚେତନ: ମୁଖ୍ୟମନ୍ତ୍ରୀ

## ବିରୋଧୀ ୪ ବିଧାୟକଙ୍କ କଥା ଦେଢ଼ଘଣ୍ଟା ଧରି ଶୁଣିଲେ

**କେନ୍ଦ୍ରାପଡ଼ା, ୯।୬ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଶ୍ରୀବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ, କ୍ଷେତକୁ ଜଳ ପରିଚାଳନା ଓ ପାନୀୟ ଜଳ ବ୍ୟବସ୍ଥା, ଅଧିକ ହେନ୍ତାଳ ବଣ ସୃଷ୍ଟି ଆଦି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ରାଜ୍ୟ ସରକାର ବିକଶିତ କେନ୍ଦ୍ରାପଡ଼ା ପାଇଁ ସଚେତନ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲା ଉନ୍ନୟନ କାର୍ଯ୍ୟ ସମୀକ୍ଷା ପରେ ସୋମବାର ମତ ରଖିଛନ୍ତି।

ଅପରାହ୍ନରେ ସମୀକ୍ଷା ବୈଠକ ସର୍କିଟ୍ ହାଉସଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲା ପରିଷଦ ଅଧ୍ୟକ୍ଷା ଲିଳିତା ସାହୁ,



ତ୍ରିରଙ୍ଗା ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ଅନ୍ୟମାନେ।

ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ମଲ୍ଲିକ, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଭିଡିଓ କନ୍‌ଫେରେନ୍ସରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ବିଜେଡିର ୪ ବିଧାୟକ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତିଠାରୁ ଉନ୍ନୟନ କାର୍ଯ୍ୟର ମନ୍ଥରତା ସମ୍ପର୍କରେ ଆଲୋଚନା କରିଥିଲେ। ଗଣମାଧ୍ୟମକୁ ଜିଲା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ, ଗୋଟିଏ ବର୍ଷର ଭାଜପା ଶାସନ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ଶେଷ ହୋଇଛି। କ୍ଷେତରୁ ଜଳ ନିଷ୍କାସନ ସମସ୍ୟା ଅଛି। ଏହାର ନିରାକରଣ ହେବ। ସେହିପରି ମେଗା ପାନୀୟ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଭିତରକନିକା ଓ ଗହୀରମଥାର ଇକୋ ଟ୍ୟୁରିଜମ୍‌ର ବ୍ୟାପକ ଉନ୍ନତୀକରଣ ହେବ। ସୁଭଦ୍ରା ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦ୍ରାପଡ଼ା ଜିଲାର ଅଗ୍ରଗତି ଖୁସି ଦେଇଛି। ଲକ୍ଷ ପତି ଦିଦି ଯୋଜନାରେ କେନ୍ଦ୍ରାପଡ଼ା ଜିଲା ନମ୍ବର ୧ ହୋଇଛି। ଜମ୍ବୁ-ମାର୍ଶାଘାଇ କେନାଲ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଜିଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିପାଇଁ ଜିଲା ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର କେନ୍ଦ୍ରାପଡ଼ା ଆସି ବିକଶିତ ଜିଲା ପାଇଁ ଆବଶ୍ୟକ ଭିତ୍ତିଭୂମିକୁ ସୁଦୃଢ଼ କରିବେ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ପ୍ରକାଶ କରିଥିଲେ। ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ ସମ୍ପର୍କରେ କେନ୍ଦ୍ରାପଡ଼ା ବିଧାୟକ ବେହେରା କହିଛନ୍ତି, ମୁଖ୍ୟମନ୍ତ୍ରୀ ମାଝୀ ଏକ ଅନୁକୂଳ ପରିବେଶରେ ଜିଲା ବିକାଶ ପାଇଁ ଦାବିଗୁଡ଼ିକ ଶୁଣିଛନ୍ତି। ସରକାରୀ ପଦବୀ ପୂରଣ କରିବା, ଗୋବରୀ ନଦୀର ଉନ୍ନତୀକରଣଠାରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ସକାରାତ୍ମକ ମତ ରଖିଛନ୍ତି। ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ମାଝି ମାଉସୀ ମା' ମନ୍ଦିରଠାରୁ ଶ୍ରୀବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେଇଥିଲେ। ଏହି ଅବସରରେ ସେ ଅପରେଶନ ସିନ୍ଦୂରର ସଫଳତା ବୟାନ କରିଥିଲେ। ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ମଞ୍ଚରେ ସ୍ଥାପିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶ୍ରୀ ବଳଦେବଜୀଉଙ୍କ ଦର୍ଶନ ପରେ ରାଜସ୍ୱ ରଥ ଓ କୃଷି ରଥକୁ ଉଦ୍‌ଘାଟନ କରିଥିଲେ। ଏଥିସହ କେତେଜଣ ଭୂମିହୀନ ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ତ୍ରିରଙ୍ଗା ଶୋଭାଯାତ୍ରାରେ ଭାଜପା ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, କୃଷ୍ଣଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ଭୁବନ ମୋହନ ଜେନା, ତେଜେଶ୍ୱର ପରିଡ଼ା, ଗୀତାଞ୍ଜଳି ସେଠୀ, ଲଳିତ କୁମାର ବେହେରା, ପ୍ରତାପ କୁମାର ଦାଶ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଭିଡ଼ ଟ୍ରେନ୍‌ରୁ ଖସିପଡ଼ି ୪ ଯାତ୍ରୀ ମୃତ

**ମୁମ୍ବାଇ, ୯।୬**

ମହାରାଷ୍ଟ୍ରର ଠାଣେ ନିକଟବର୍ତ୍ତୀ ଦିବା ଷ୍ଟେଶନଠାରେ ଏକ ଲୋକାଲ ଟ୍ରେନ୍‌ରେ ପ୍ରବଳ ଭିଡ଼ ଯୋଗୁ ଖସିପଡ଼ି ୪ ଜଣ ଯାତ୍ରୀ ପ୍ରାଣ ହରାଇବା ସହ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଟ୍ରେନ୍‌ଟି କସାରା ଯାଉଥିବାବେଳେ ଦିବା ଏବଂ କୋପାର ମଧ୍ୟବର୍ତ୍ତୀ ସ୍ଥାନରେ ଏହି ଘଟଣା ଘଟିଛି। ସୋମବାର ସକାଳ ସମୟ ପୂର୍ବାହ୍ନ ୯ଟା ୩୦ ମିନିଟ୍‌ରେ ଟ୍ରେନ୍‌ରେ ପ୍ରବଳ ଭିଡ଼ ଥିବାରୁ ବହୁ ଲୋକ ଡୋର୍ ନିକଟରେ ଛିଡ଼ାହୋଇଥିଲେ। ଟ୍ରେନ୍ ଚାଲୁଥିବାବେଳେ ଅନ୍ୟୂନ ୧୩ ଜଣ ଯାତ୍ରୀ ଖସିପଡ଼ିଥିଲେ। ୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ। ରେଲୱେ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଇଥିଲେ। ଏହି ଘଟଣା ପରେ ମୁମ୍ବାଇରେ ଚଳାଚଳ କରୁଥିବା ସମସ୍ତ ଲୋକାଲ ଟ୍ରେନରେ ଅଟୋମେଟିକ୍ ଡୋର୍ ଲଗାଇବାକୁ ରେଳ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏହି ଡୋର୍‌ଗୁଡ଼ିକରେ ସ୍ୱତଃ ବନ୍ଦ ହେବା ବ୍ୟବସ୍ଥା ରହିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କେନ୍ଦ୍ରୀୟ ରେଲୱେର ପ୍ରିନ୍ସିପାଲ୍ ଚିଫ୍ ସେଫ୍ଟି ଅଫିସର (ପିସିଏସ୍‌ଓ)ଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

# ଜେଲ୍ ଗଲେ ଧର୍ମଗଡ଼ ଉପଜିଲାପାଳ

## ମହଙ୍ଗା ପଡ଼ିଲା ୧୦ ଲକ୍ଷ ଲାଞ୍ଚ ନେବା



ଧୀମାନ ଚକ୍‌ମା

**ଭବାନୀପାଟଣା, ୯।୬ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକ୍‌ମା ରବିବାର ରାତିରେ ଜଣେ କ୍ରଶର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହାସହ ଭିଜିଲାନ୍ସ ଛାନ୍‌ଭିନ୍ ବେଳେ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ନଗଦ ୪୭ ଲକ୍ଷ ୪୭ ହଜାର ୬ ଶହ ଟଙ୍କା ଜବତ କରିଥିଲା। ପରେ ଉପଜିଲାପାଳ ଚକମାଙ୍କୁ ଭବାନୀପାଟଣା ଭିଜିଲାନ୍ସ ଅଫିସକୁ ଅଣାଯାଇ ଜେରା କରାଯାଇଥିଲା। ଏହି ସମୟରେ ସେ ଜବତ ଟଙ୍କାର ହିସାବ ଦେଇ ନ ପାରିବାରୁ ସୋମବାର ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ବର୍ତ୍ତମାନ ମଧ୍ୟ ଘଟଣାର ତଦନ୍ତ ଚାଲିଛି ବୋଲି ଭବାନୀପାଟଣାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଭିଜିଲାନ୍ସ ସେଲ ଡିଭିଜନର ଏସ୍‌ପି ଏମ୍. ରାଧାକ୍ରିଷ୍ଣା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅଞ୍ଚଳର ଜଣେ କ୍ରଶର ମାଲିକଙ୍କୁ କାର୍ଯ୍ୟାନୁଷ୍ଠାନ ଭୟ ଦେଖାଇ ଧର୍ମଗଡ଼ ଉପଜିଲାପାଳ ଚକ୍‌ମା ୨୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ରବିବାର ରାତିରେ ଉପଜିଲାପାଳ ତାଙ୍କ ସରକାରୀ ବାସଭବନରେ ୧୦ ଲକ୍ଷ ଟଙ୍କା ନେବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ପରେ ତାଙ୍କ ସରକାରୀ ବାସଭବନରେ ଯାଞ୍ଚ କରାଯିବା ବେଳେ ଆହୁରି ନଗଦ ୪୭ ଲକ୍ଷ ୪୭ ହଜାର ୬ଶହ ଟଙ୍କା ଜବତ ହୋଇଥିଲା। ଏ ନେଇ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୬/୨୦୨୫) ରୁଜୁ ହୋଇଛି।


Government of India

ରାଷ୍ଟ୍ର ପ୍ରଥମ
ନିର୍ଣ୍ଣାୟକ, ନିର୍ଭୀକ, ଦାୟିତ୍ୱବାନ ଭାରତ






ବିଶ୍ୱସ୍ତରୀୟ ହେଲା **ବ୍ରହ୍ମୋସ୍** କ୍ଷେପଣାସ୍ତ୍ର: **ଫିଲିପାଇନ୍ସ**କୁ ରପ୍ତାନି

ଭାରତର ପ୍ରତିରକ୍ଷା - ରପ୍ତାନୀରେ **୩୩ ଗୁଣ** ବୃଦ୍ଧି

ପ୍ରତିରକ୍ଷା ପୁଞ୍ଜି ଅଧିଗ୍ରହଣ ବଜେଟର **୭୫ ପ୍ରତିଶତ ଘରୋଇ ଉତ୍ପାଦନ** ପାଇଁ ରଖାଯାଇଛି

ପ୍ରତିରକ୍ଷା ସ୍ୱଦେଶୀକରଣ ତାଲିକାରେ **୫୦୦୦ରୁ ଅଧିକ ସାମଗ୍ରୀ** ଯୋଡ଼ି ହୋଇଛି।

**ଆଇଡିଇଏକ୍ସ ଷ୍ଟାର୍ଟଅପ୍** ଏବଂ **ଏମ୍‌ଏସ୍‌ଏମ୍‌ଇ.** ଗୁଡ଼ିକରୁ **୨୪୦୦+ କୋଟି ଟଙ୍କା** ମୂଲ୍ୟର **୪୩ଟି ସାମଗ୍ରୀ** କିଣାଯାଇଛି

ସ୍ୱଦେଶୀ ନିର୍ମିତ ବିମାନ ବାହକ **ଆଇ.ଏନ୍.ଏସ୍. ବିକ୍ରାନ୍ତ**

**ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍** ପଦବୀ ସୃଷ୍ଟି: ଉଚ୍ଚ ପ୍ରତିରକ୍ଷା ସଂଗଠନରେ ଏକ ଐତିହାସିକ ସଂସ୍କାର

**ଏକ ପାହ୍ୟା ଏକ ପେନସନ,** ସଶସ୍ତ୍ର ବାହିନୀର ଦୀର୍ଘ ଦିନର ଦାବି-ପୂରଣ ହେଲା ।



ଭାରତୀୟ ବାୟୁସେନାରେ ସାମିଲ ହେଲା ସ୍ୱଦେଶୀ ହାଲୁକା ଲଢୁଆ **ହେଲିକପ୍ଟର ପ୍ରଚଣ୍ଡ,** ଯାହା ବିଶ୍ୱର ଏକମାତ୍ର ଆକ୍ରମଣକାରୀ ହେଲିକପ୍ଟର, ଯାହା ଅଧିକ ଭାର ସହିତ **୫୦୦୦ ମିଟର** ଉଚ୍ଚତାରେ ଅବତରଣ ଏବଂ ଉଡ଼ାଣ କରିବାରେ ସକ୍ଷମ ।

ସ୍ୱାୟତ୍ତତା, ଦକ୍ଷତା ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ ଗୋଳାବାରୁଦ କାରଖାନା ବୋର୍ଡକୁ **୭ଟି ପ୍ରତିରକ୍ଷା ରାଷ୍ଟ୍ରାୟତ୍ତ ଉଦ୍ୟୋଗ**ରେ ପରିଣତ କରାଯାଇଛି ।

CBC 44101/13/0007/2526



**ଅପରେସନ ସିନ୍ଦୁର**
ଆମ ସଶସ୍ତ୍ର ବାହିନୀର ଉଲ୍ଲେଖନୀୟ ବୀରତ୍ୱ ପ୍ରଦର୍ଶନ କରିଥିଲେ:
ଶତ୍ରୁ ଦେଶରେ ଥିବା **୯ଟି ଆତଙ୍କବାଦୀ ବେସ୍** ମାତ୍ର ୨୨ ମିନିଟରେ ଧ୍ୱଂସ

Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପଞ୍ଚାନନ କାନୁନ୍‌ଗୋଙ୍କ ଲିଖିତ ପୁସ୍ତକ 'ମାନ୍ୟବର ମୁଖ୍ୟମନ୍ତ୍ରୀ' ଉନ୍ମୋଚନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୨୯।
- ଲେଖକ କୃଷ୍ଣମଣି ସାହୁଙ୍କ ଲିଖିତ ପୁସ୍ତକ 'ତବଲା ଶବ୍ଦକୋଷ' ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଟକ
- କିଶୋର ନଗରରେ ଆଧୁନିକ ଚାଷ ସମ୍ବର୍ଦ୍ଧୀୟ ତାଲିମ ଶିବିର, ସ୍ଥାନ: କିଶୋରନଗର ପଞ୍ଚାୟତ କଲ୍ୟାଣ ମଣ୍ଡପ, କଟକ ସଦର, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଏବିଭିପି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଆୟୁଷ୍ମାନ ଭବନ, ଗୋପାଳ ଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଔପଦା, ସମୟ: ପୂର୍ବାହ୍ନ ୧୦ଟା।
- ସୁନ୍ଦରପୁର ରଜ ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କେଭିସିସି ଶିକ୍ଷାକେନ୍ଦ୍ର, ଖଇରା, ସମୟ: ଅପରାହ୍ନ ୫ଟା।
- ବିଜୟୀ ବାଲିଆପାଳ ଜନ ଆନ୍ଦୋଳନର ୪୦ବର୍ଷ ପୂର୍ତ୍ତି ଏବଂ ବନ୍ଦର ହଟାଅ ଭିଟାମାଟି ବଞ୍ଚାଅ ଜନସମାବେଶ, ସ୍ଥାନ: ବାଲିଆପାଳ ବାଲିଭିଲ ହାଟ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ସଙ୍ଗୀତ ସନ୍ଧ୍ୟା ଆସର, ସ୍ଥାନ: ନୃତ୍ୟ ସଙ୍ଗୀତ କଳାମନ୍ଦିର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## କେନ୍ଦୁଝର
- ବାର୍ଷିକ ଅଷ୍ଟମପ୍ରହରୀ ନାମଯଜ୍ଞ, ନାମ ସଂକୀର୍ତ୍ତନ, ସ୍ଥାନ: ଶାସଙ୍ଗ, ଛେନାପଦି, ସମୟ: ସକାଳ ୬ ଟା।

## ମୟୂରଭଞ୍ଜ
- ଆମେ-୮୦ ପକ୍ଷରୁ ଜଳସେବା,ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ମୟୂର କଳା ଭୂମି ପକ୍ଷରୁ ଡ୍ୟାନ୍ସ ତାଲିମ ଶିବିର, ସ୍ଥାନ:ତୁଳସୀ ମଣ୍ଡପ ଡାରଗାଡାହି ଗୋଲେଇ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଡିଆର୍‌କେ କ୍ଲବ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଚନ୍ଦ୍ରଶେଖର କଲ୍ୟାଣ ମଣ୍ଡପ ଖାସ୍ବା ସାହି, ସମୟ: ସକାଳ ୮.୩୦।
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୧୦ଟା।

## ଗଞ୍ଜାମ
- ନିଶା ନିବାରଣ ସଚେତନତା ଅଭିଯାନ ଶୁଭାରମ୍ଭ, ସ୍ଥାନ: ପୁଞ୍ଜିକଂଘା ଛକ ଦିଗପହଣ୍ଡି। ସମୟ: ସକାଳ ୯ ଟା।
- ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ଛତ୍ରପୁର ନୂଆ ବସଷ୍ଟାଣ୍ଡ ଟର୍ମିନାଲ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଜିଲ୍ଲା ପରିଷଦ ବୈଠକ, ସ୍ଥାନ: ଫୁଲବାଣୀସ୍ଥିତ ପଞ୍ଚାୟତ ଭବନ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଇସ୍କନ ରାଜନଗର ପକ୍ଷରୁ ନାମଯଜ୍ଞ, ସ୍ଥାନ: ବ୍ରାହ୍ମଣ ସାହି, ଗଜରାଜପୁର, ରାଜନଗର, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ବିକଶିତ କୃଷି ସଙ୍କଳ୍ପ ଅଭିଯାନ, ସ୍ଥାନ: ସୁକିନ୍ଦା ସାଂଶିଲୋ ପଞ୍ଚାୟତର ସାଂଶିଲୋ ଓ ପାଟପୁର, ଗୋବରଘାଟି ପଞ୍ଚାୟତର ଗୋବରଘାଟି, ହାତୀମୁଣ୍ଡ ଓ ମିଗିଗଚାର, ସମୟ: ପୂର୍ବାହ୍ନ ୯ଟା।

## ନୟାଗଡ଼
- ପାଲା କଳାକାରଙ୍କ ସମାବେଶ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ରାମଲୀଳାର ୫ମ ଦିବସ, ସ୍ଥାନ: କଣ୍ଟିଲୋ ବାପୁଜୀନଗରର ରଘୁନାଥ ପୀଠ, ସମୟ: ରାତି ୧୧ଟା।

## ରାୟଗଡ଼ା
- ବାଲ୍ୟ ବିବାହ ନିରାକରଣ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ପୌର ପରିଷଦ ସଭା ଗୃହ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: କଲ୍ୟାଣ ମଣ୍ଡପ, ଗୁଡାରି, ସମୟ: ପୂର୍ବାହ୍ନ ୧୦ ଟା।
- ମୁନିଗୁଡା ରୋଟାରୀ କ୍ଲବ୍ ତରଫରୁ ଚିକିତ୍ସା ଶିବିର ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ପଓନ କମ୍ପ୍ଲେକ୍ସ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ ଟା।
- ପୁଷ୍ଟିକର ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: କୋଲନରା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ସୁଭଦ୍ରାଶକ୍ତି ଖାଦ୍ୟ ମେଳା, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ଉମରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ପାଠାଗାର, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ପୌର ପରିଷଦ କଲ୍ୟାଣ ମଣ୍ଡପ, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅନ୍ତ୍ରାକ୍ସ ନେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅଧ୍ୟାପନା ସମ୍ମିଳନୀ କକ୍ଷ, ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ସୁରକ୍ଷା ଯୋଜନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ଓସ୍ୱାନ ଗୃହ, କୋରାପୁଟ,ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ମାଗଣା ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା ପରିସର, ସମୟ : ସକାଳ ୮ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ୍ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବନାମ ସହଯୋଗ କ୍ଲବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ଜିଲାସ୍ତରୀୟ ଫୁଟବଲ ମ୍ୟାଚ ମେହେର ଆସୋସିଏଶନ ବନାମ ମହତାଫ କ୍ଲବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୫ଟା ୩୦।

## ରାଉରକେଲା
- ଖବରଦାତା ସମ୍ମିଳନୀ, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ୩୦ଦିନିଆ ଶିଶୁନାଟ୍ୟ କର୍ମଶାଳା ଶୁଭାରମ୍ଭ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଏବିଭିପିର ପ୍ରାନ୍ତ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ, ସ୍ଥାନ: କ୍ରିଷ୍ଣା ବିକାଶ, ବରଗଡ଼, ସମୟ: ସକାଳ ୯ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ବିଗ୍ରହଙ୍କ ଚକା ଅସରପ ନୀତି, ସ୍ଥାନ: ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ ମହାପୁରାଣର ଏକାଦଶ ସ୍କନ୍ଦ ପଠନ, ସ୍ଥାନ: ନୂତନ ମାଉସୀ ମା' ମନ୍ଦିର ସମ୍ମୁଖ କେନ୍ଦୁପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଅଷ୍ଟମ ଦିବସ, ସ୍ଥାନ: କେଏନ୍ କିଡ୍ସ ପବ୍ଲିକ ସ୍କୁଲ ନୂଆପଡ଼ା, ସମୟ: ସକାଳ ୮ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ ଡୁମେରବାହାଲ ଗାଁ, ସମୟ: ପ୍ରାତଃ ୪ଟା ୪୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ ଗାଁ, ସମୟ: ସକାଳ ୮ଟା ୩୦।
- ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- କଂଗ୍ରେସର ସମ୍ବିଧାନ ବଞ୍ଚାଅ ଉପଲକ୍ଷେ ଶୋଭାଯାତ୍ରା ଓ ସମାବେଶ, ସ୍ଥାନ: ଅଗ୍ରେସନ ଭବନ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମ ଚନ୍ଦ୍ର ଯୋଗୁ ଅର୍ଥ ସମ୍ପର୍କିତ ଚିନ୍ତା, ବିଳାସବ୍ୟସନ ଦିଗରେ ମନ ନିମଜ୍ଜିତ ରହିପାରେ। ରାହୁ ଦୃଷ୍ଟ ମଙ୍ଗଳ ଭ୍ରାତୃ, ପଡ଼ୋଶୀ କିମ୍ବା ସମ୍ପର୍କୀୟଙ୍କ ସହ ବିବାଦ ବୃଦ୍ଧି କରିବ। ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିତର୍କ ହୋଇପାରେ। ପରିବାରରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିପାରେ।

**ବୃଷ** ରବିଙ୍କ ସ୍ଥିତି ଆତ୍ମୀୟଙ୍କୁ ଆପଣେଇ ନେବାରେ ସାହାଯ୍ୟ କରିବ। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିପାରନ୍ତି। ବନ୍ଧୁଙ୍କ ସାହାଯ୍ୟରୁ ଆର୍ଥିକ ଉନ୍ନତି, ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଘଟିପାରେ। ଯାତ୍ରା, ବ୍ୟବସାୟ, ପରିବାର, କର୍ମାରମ୍ଭ କ୍ଷେତ୍ରରେ ବିଶେଷ ଅସୁବିଧା ନ ହୋଇପାରେ।

**ମିଥୁନ** କୋଣଭାବସ୍ଥ ରାହୁ ଆପଣଙ୍କ ସମସ୍ୟାକୁ ପ୍ରତିହତ କରିବା ସାଙ୍ଗକୁ ବିବାଦରେ ବିଜୟୀ କରାଇବ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବେ। କେତେକ ଘଟଣାରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା ରହିପାରେ। କର୍ମକ୍ଷେତ୍ରରେ କେତେକ କାମ କରିବାକୁ ବାଧ ହୋଇପାରନ୍ତି।

**କର୍କଟ** ଧନ ସ୍ଥାନରେ ମଙ୍ଗଳଯୁକ୍ତ କେତୁ ଆର୍ଥିକ ଅବନତି କରାଇବା ସହ ଦୈହିକ ଅସୁସ୍ଥତା ସୃଷ୍ଟିକରିବ। ଭଲ ପଦ୍ମ ନ ଥିବା ବ୍ୟକ୍ତି ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ ଓ ଯାତ୍ରା ବାଣିଜ୍ୟରେ ପ୍ରତିବନ୍ଧକ ଲାଗି ରହିବ।

**ସିଂହ** ନିଜ ଫାଇଦା ହାସଲ ପାଇଁ ସହକର୍ମୀ କିମ୍ବା ବନ୍ଧୁ ଫନ୍ଦିଫିକର କରିପାରନ୍ତି। ବାଣୀକାରକ ବୁଧ ପାପଦୃଷ୍ଟ ଯୋଗୁ ଅଫିସ୍ କାମରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ଶିଳ୍ପ, ବାଣିଜ୍ୟ, ସଭାସମିତି, ଆନୁଷ୍ଠାନିକ କାମରେ ମନୋନିବେଶ କରିପାରନ୍ତି। ଆକସ୍ମିକ ଶୁଭଖବର ପାଇ ଖୁସି ଅନୁଭବ କରିପାରନ୍ତି।

**କନ୍ୟା** କର୍ମକ୍ଷେତ୍ର, ସାମାଜିକ କାର୍ଯ୍ୟ, ବନ୍ଧୁ ପରିଜନ ଓ ପରିବହନ କ୍ଷେତ୍ର ସମସ୍ୟାବହୁଳ ରହିପାରେ। ଏଣେ ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀତିଗତ କାମରୁ ଓ ବନ୍ଧୁମିଳନରୁ ଖୁସି ରହିପାରନ୍ତି। ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ତୁଳା** ଆଜି ଅଫିସ୍ କାମରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ଅନ୍ୟ ମାନଙ୍କୁ ସୁହାଇଲା ଭଳି କଥାକହି ଲକ୍ଷ୍ୟ ହାସଲ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାରସାମ୍ୟ ରଖି ଚଳିବା ନିତାନ୍ତ ଜରୁରି ହୋଇପଡିବ। ନବାଗତ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେଲେ ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**ବିଛା** ରବିଙ୍କ ସବଳତା କାରଣରୁ ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସହାୟତା ପାଇ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ବନ୍ଧୁମାନେ ସହଯୋଗ କରିପାରନ୍ତି। ସମ୍ପର୍କୀୟ ବନ୍ଧୁବର୍ଗ କିମ୍ବା ପଡ଼ୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାର ମନ୍ତବ୍ୟ ଦେଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କେତେକାଂଶରେ ପ୍ରଭାବିତ ହୋଇପାରେ।

**ଧନୁ** ପାରିପାର୍ଶ୍ୱିକ ଅବସ୍ଥା ସ୍ୱାଭାବିକ ହେଲେ ମଧ୍ୟ ପାରିବାରିକ କ୍ଷେତ୍ର ବିଶୃଙ୍ଖଳିତ ରହିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ସଦ୍‌ଭାବ ପାଇବେ। ମାଲିମକଦ୍ଦମା, ରାଜନୀତି କିମ୍ବା ପ୍ରଶାସନିକ ସ୍ତରରେ ସହଜରେ କାମ ହାସଲହେବା କଷ୍ଟକର ହେବ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ବକେୟା ପରିଶୋଧ କରିବାରେ ବିଫଳ ହେବେ।

**ମକର** ଆଜି ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟଲାଭର ସୁଯୋଗ ପାଇବେ। ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ** ପୂର୍ବରୁ ସମସ୍ୟା ଲାଗି ରହିଥିବାରୁ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ ନାହିଁ। ଶୁକ୍ରଙ୍କ ସୁପ୍ରଭାବରୁ ନୂତନ ଯୋଜନା ଆରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ ବ୍ୟତିକ୍ରମକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ।

**ମୀନ** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁଙ୍କ ଆଦର, ଅଭ୍ୟର୍ଥନା ମଧ୍ୟରେ ଦିନଟି ଉପଭୋଗ୍ୟ ରହିବ। ସକାଳୁ ଆଜିର ଯାତ୍ରା, କାମର ଶୈଳୀ, ଆଲୋଚନାର ଯଥାର୍ଥତା, ବନ୍ଧୁଙ୍କ ସଦିଚ୍ଛାରୁ ମନ ଖୁସି ରହିବ। ଅଫିସ୍‌ରେ କୌଣସି ଘଟଣା ବିବ୍ରତ କରିପାରେ। ପାରିବାରିକ ପରିସ୍ଥିତିକୁ ଯେତେଟା ଜଟିଳ ମନେକରିବେ ବାସ୍ତବରେ ସେପରି କିଛି ହେବନାହିଁ।

ଆଜି ଜୁନ୍ ୧୦ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମା ମଙ୍ଗଳବାର, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ। ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ସକାଳ ଘ. ୦୫।୧୦ ଗତେ, ଘ.୦୬।୪୯ ମଧ୍ୟେ, ଘ.୦୯।୩୪ ଗତେ, ଘ.୧୨।୧୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୩।୦୩ ଗତେ, ଘ.୦୪।୪୨ ମଧ୍ୟେ ରାହୁକାଳ।

# ନଗର ଉନ୍ନୟନ ବିଭାଗ ପକ୍ଷରୁ ପଦୋନ୍ନତି ଓ ବଦଳି

ଭୁବନେଶ୍ୱର,୯।୬(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ୬ଜଣ ଅଧିକାରୀଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଛି। ଏହାସହିତ ତିନିଜଣ ଅଧିକାରୀଙ୍କୁ ୪ତାରିଖରେ ବଦଳି କରାଯାଇଛି। ସୋମବାର ବିଭାଗୀୟ ବିଜ୍ଞପ୍ତି ଅନୁଯାୟୀ, ପଞ୍ଚାୟତିରାଜ ବିଭାଗ ଅଧୀନସ୍ଥ ଗ୍ରାମ୍ୟ ଜଳଯୋଗାଣର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନାରାୟଣ ପ୍ରସାଦ ଗାନ୍ଧୀଙ୍କୁ ମୁଖ୍ୟଯନ୍ତ୍ରୀଙ୍କୁ ପଦୋନ୍ନତି ଦିଆଯାଇଛି। ସେହିପରି ୫ଜଣ ସହ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ଜନସ୍ୱାସ୍ଥ୍ୟ)ଙ୍କୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ଦିଆଯାଇଛି। ସେଥିମଧ୍ୟରେ ତପନ କୁମାର ସାହୁ, ଅଶୋକ କୁମାର ବଢ଼େଇ, ପ୍ରଭାତ ଚନ୍ଦ୍ର ବେହେରା, ପ୍ରଦୀପ କୁମାର ଆଡି ଏବଂ ବସନ୍ତ କୁମାର ବେହେରା ରହିଛନ୍ତି। ସେହିପରି ବିଭାଗର ବଦଳି ବିଜ୍ଞପ୍ତି ଅନୁଯାୟୀ, ରାଉରକେଲା ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ଅଭିଷେକ ମିଶ୍ରଙ୍କୁ କେନ୍ଦ୍ରାପଡ଼ା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅରଜିତ ନାୟକଙ୍କୁ ପୁରୀ ମ୍ୟୁନିସିପାଲିଟିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିବା ବେଳେ ରୋହିତ କାନ୍ତି ଦାସଙ୍କ ମେ' ୨୭ତାରିଖ ନିଯୁକ୍ତିକୁ ବାତିଲ କରାଯାଇଛି।

# ପାର୍କିଂସ୍ଥଳରୁ ମିଳିବ ମାଗଣା ଅଟୋ ସେବା

## ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସୋମବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ ବୈଠକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେବା ସହ ନିର୍ଦ୍ଧାରିତ ସମୟ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ସମୟରେ ବିଭିନ୍ନ ପାର୍କିଂସ୍ଥଳରୁ ଭକ୍ତଙ୍କୁ ମାଗଣା ଅଟୋ ସେବା ଯୋଗାଇଦେବାକୁ ସ୍ଥିର ହୋଇଛି। ରଥକାଠ ସହ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ନୀତି ସମ୍ପାଦନ, ସ୍ୱାସ୍ଥ୍ୟ ଓ ପରିମଳ, ବିଶୁଦ୍ଧ ପାନୀୟଜଳ, ବିଦ୍ୟୁତ, ପରିବହନ, ଟ୍ରେନ ଚଳାଚଳ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗଗୁଡ଼ିକୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଛି।

ରଥଯାତ୍ରା ପାଇଁ ୨୩୦ରୁ ୨୫୦ ଅଧିକ ବସ୍ ଚଳାଚଳ କରିବ। ପୁରୀ ସହରର ବିଭିନ୍ନ ସ୍ଥାନରେ ୧୮ଟି ପାର୍କିଂ ସ୍ଥାନ ହେବ। ମାଳତୀପାଟପୁରରେ ଟୁରିଷ୍ଟ ବସ୍ ରହିବ। ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ଯାତ୍ରୀବାହୀ ବସ୍ ତାଳବଣିଆରେ ପାର୍କିଂ କରିବ। ରଥଯାତ୍ରା ସମୟରେ ବିଭିନ୍ନ ପାର୍କିଂ ସ୍ଥାନରୁ ମାଗଣା ଅଟୋ ସେବା ଯୋଗାଇ ଦିଆଯିବ। ସବୁ ବସ୍‌ରେ ରେଟ୍ ଚାର୍ଟ ରହିବ। ୩୬୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବା ସହ ୩୫ଟି ଅତିରିକ୍ତ ଟିକେଟ କାଉଣ୍ଟର, ୧୦ଟି ଏଟିଭି ମେସିନ ବ୍ୟବସ୍ଥା ହେବ। ଦୁର୍ଘଟଣା ରୋକିବା ପାଇଁ ଇଣ୍ଟରସେପ୍ଟର, ୧୧ଟି କ୍ରେନ୍ ନିୟୋଜିତ ହେବ। ଭିଡି ୱାଲ୍‌ରେ ଟ୍ରେନ୍ ସୂଚନା ଦିଆଯିବ। ରଥଯାତ୍ରା ପାଇଁ ୩୦୦ ଅଧିକ ଡାକ୍ତର ନିୟୋଜିତ ହେବେ। ଏଆଇ-୧ ସିସିଟିଭି କ୍ୟାମେରା ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥା ନିୟନ୍ତ୍ରଣ କରାଯିବ। ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ କମାଣ୍ଡ ସେଣ୍ଟର ଓ ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହ ୱାର୍ ରୁମ୍ ହେବ। ତାଳବଣିଆରେ ମାଷ୍ଟର କଣ୍ଟ୍ରୋଲ ରୁମ୍ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ପାଇଁ ପର୍ଯ୍ୟାପ୍ତ ପୋଲିସ ମୁତୟନ ହେବେ। ବଡ଼ଦାଣ୍ଡରେ ବିପଦଶଙ୍କୁଳ କୋଠା ଚିହ୍ନଟ କରାଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦାନ୍ତ ଦାରୀ,**
**ପେଟ ଭଗାରି।**

କଥାବାର୍ତ୍ତା କଲାବେଳେ ଦାନ୍ତ ଆଗ ବାହାରିପଡ଼େ। ସମସ୍ତଙ୍କୁ ଦେଖି ଆଗ ହସିଦେବା ମଣିଷର ପ୍ରକୃତି। ସେହିପରି ଅଧିକ ଖାଇଲେ ରୋଗଗ୍ରସ୍ତ ହେବା ସମ୍ଭାବନା ରହିଥାଏ। ଭୋକ ହେଲେ ସ୍ଥାନ-କାଳ-ପାତ୍ର ନ ବିଚାରି ମଧ୍ୟ ଖାଇବାକୁ ପଡ଼ିଥାଏ। ଏପରିସ୍ଥଳେ ପେଟ ଭଗାରି ଭଳି ଦାଉସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦରକାର ନାହିଁ ସରକାରକୁ**
**ଲୋଡା ନାହିଁ ମୋର ବୁଢ଼ା ବରକୁ।**

ବର ଓ କନ୍ୟାଙ୍କ ଭିତରେ ବୟସର ତାରତମ୍ୟ ଯେତେ କମ୍ ହୋଇଥାଏ ସେମାନଙ୍କ ମଧ୍ୟରେ ସମ୍ପର୍କ, ବିଶ୍ୱାସ ଓ ବୁଝାମଣା ସେତେ ଅଧିକ ଦୃଢ଼ ହୋଇଥାଏ। ପଇସା ଥିଲେ ଯେ ସବୁ ସୁଖ ସମ୍ପଦ ମିଳିଯିବ ତାହା ନୁହେଁ, ମନ ସହ ମନର ମିଳନ ହେବା ମଧ୍ୟ ଜରୁରୀ ହୋଇଥାଏ। ଏପରି ସ୍ଥିତିରେ ବୟସାଧିକ ବ୍ୟକ୍ତିଙ୍କ ସହ ବିବାହ କରିବା ନେଇ କନ୍ୟା ଜଣକ ଅନିଚ୍ଛା ପ୍ରକାଶ କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍ସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଜୁଲାଇ ୮ରୁ ଷ୍ଟିଅରିଂ ଛାଡ଼ିବେ ୧୨ଲକ୍ଷ ଡ୍ରାଇଭର

ଭୁବନେଶ୍ୱର,୯।୬(ବନ୍ଦନା ସେଠୀ)

ଅଟୋ ଚାଳକମାନେ ଗାଡ଼ି ଚଳାଉଥିବାବେଳେ ସେମାନଙ୍କୁ ରାଜ୍ୟ ସରକାର ଅଣସଂଗଠିତ ଶ୍ରମିକ କ୍ଷେତ୍ରରେ ସାମିଲ କରିଛନ୍ତି। ଏହା ଡ୍ରାଇଭରମାନଙ୍କୁ ଭାଗ ଭାଗ କରିବାର ସରକାରଙ୍କ ଯୋଜନା। ତେଣୁ ଏହି ଯୋଜନାକୁ ପଣ୍ଡ କରିବା ସହ ଡ୍ରାଇଭରମାନଙ୍କ ଏକତାକୁ ବଳିଷ୍ଠ କରାଯିବା ଆବଶ୍ୟକ ବୋଲି ଡ୍ରାଇଭର ଏକତା ମହାମଞ୍ଚ ଓଡ଼ିଶା ପକ୍ଷରୁ ଆହ୍ୱାନ କରାଯାଇଛି। ସରକାର ମଞ୍ଚର ଦାବି ପୂରଣ ନ କଲେ ଜୁଲାଇ ୮ରେ ସାରା ରାଜ୍ୟରେ ମଞ୍ଚ ଅଧୀନରେ ଥିବା ୧୨ଲକ୍ଷ ଡ୍ରାଇଭର ଷ୍ଟିଅରିଂ ଛାଡ ଆନ୍ଦୋଳନ କରିବେ ବୋଲି ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଅଟୋ ଡ୍ରାଇଭରମାନଙ୍କୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ୍ ୱାର୍କର୍ସ ୱେଲ୍‌ଫେୟାର ବୋର୍ଡରେ ସାମିଲ କରିବାକୁ ଦାବି କରାଯାଇଛି।

# କୋରାପୁଟରେ ଗୁଣାତ୍ମକ ଶିକ୍ଷା ପାଇଁ ମୁଖ୍ୟସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର,୯।୬(ରବିନାରାୟଣ ଜେନା)

ଦୁର୍ଗମ ଅଞ୍ଚଳ କୋରାପୁଟରେ କିଭଳି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ମିଳିବ ସେନେଇ ମୁଖ୍ୟଶାସନ ସଚିବ ମନୋଜ କୁମାର ଆହୁଜା ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟସଚିବ କୋରାପୁଟ ଜିଲା ଗସ୍ତ ଅବସରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ବିଭିନ୍ନ କ୍ଷେତ୍ର ପାଇଁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଓ ରାଜସ୍ୱ ଭଳି ବିଭିନ୍ନ ବିଭାଗରେ ଥିବା ସମସ୍ୟାକୁ ତୁରନ୍ତ ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ଗୁରୁତ୍ୱ ଦେଇଛନ୍ତି। ଏସଂକ୍ରାନ୍ତରେ ମୁଖ୍ୟଶାସନ ସଚିବଙ୍କ ଓଏସ୍‌ଡି କଲ୍ୟାଣ କୁମାର ରଥ ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ ଭଳି କେତେକ ବିଭାଗକୁ ମୁଖ୍ୟ ସଚିବଙ୍କ 'ଅବଜରଭେଶନ' କାର୍ଯ୍ୟକାରୀ କରିବା ଲାଗି ପଠାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

# ହନିମୁନ୍‌ରେ ସ୍ୱାମୀଙ୍କୁ ହତ୍ୟା...

୫ ଜଣ ନୋଙ୍ଗ୍‌ରିଆଟ୍‌ରୁ ମଲାଖିଆଟ୍‌କୁ ୩,୦୦୦ ପାଦ ଉପରକୁ ଟ୍ରେକିଂ କରି ଚଢ଼ିଥିବା ବିଷୟ ସେ ପୋଲିସକୁ ଜଣାଇଥିଲେ। ଟୁରିଷ୍ଟ ଗାଇଡ୍‌ଙ୍କ ବୟାନ ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପୋଲିସର ସନ୍ଦେହ ଦୃଢ଼ୀଭୂତ କରିଥିଲା। ସେମାନେ ସମସ୍ତେ ହିନ୍ଦୀ କହୁଥିବାରୁ ପୋଲିସର ତଲାସି ଅଭିଯାନ ରାଜ୍ୟ ବାହାରକୁ ଲମ୍ବିଥିଲା। ଏହି ୩ ଜଣ ବ୍ୟକ୍ତି କିଏ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଭିକି, ଆକାଶ ଓ ଆନନ୍ଦଙ୍କୁ ରାଜାଙ୍କ ହତ୍ୟା ଅଭିଯୋଗରେ ଗିରଫ କରାଯାଇଛି। ରାଜାଙ୍କୁ ହତ୍ୟା କରିବା ଲାଗି ସୋନମ ଏହି ୩ ଜଣଙ୍କୁ ସୁପାରି ଦେଇଥିଲେ। ସୋନମ ତାଙ୍କ ପୂର୍ବ ପ୍ରେମିକ ରାଜ କୁଶୱାହଙ୍କୁ ବିବାହ କରିବା ପାଇଁ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ଚାହୁଁଥିଲେ। ଏଥିଲାଗି ବିବାହର ସପ୍ତାହେ ଭିତରେ ସେ ନିଜ ସ୍ୱାମୀଙ୍କୁ ହତ୍ୟା କରାଇଛନ୍ତି। ରାଜ କୁଶୱାହଙ୍କୁ ମଧ୍ୟ ଗିରଫ କରାଯାଇଥିବା ମେଘାଳୟ ପୋଲିସ ସୋମବାର ସ୍ପଷ୍ଟ କରିଛି। ପୋଲିସର କହିବା ହେଲା ସୋନମ ସ୍ୱାମୀ ରାଜାଙ୍କୁ ହତ୍ୟା କରାଇବା ପାଇଁ ଅଭିଯୁକ୍ତମାନଙ୍କୁ ସୁପାରି ଦେଇଥିଲେ। ସିସିଟିଭି ଫୁଟେଜ ଓ ସେମାନଙ୍କ ସ୍ୱୀକାରୋକ୍ତି ଏହି ଥିଓରିକୁ ଦୃଢ଼ କରିଛି। ରାଜାଙ୍କ ପରିବାର ସିବିଆଇ ତଦନ୍ତ ଦାବି କରିଛି। ସୋନମ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ରାଜାଙ୍କ ମା' ଉମା ରଘୁବଂଶୀ ଦାବି କରିଛନ୍ତି। ଏହି ବହୁଚର୍ଚ୍ଚିତ ମାମଲାର ଶୁଣାଣି ଫାଷ୍ଟଟ୍ରାକ୍ କୋର୍ଟରେ ହୋଇପାରେ ବୋଲି କୁହାଯାଉଛି।

## ମର୍ଡର ମିଷ୍ଟ୍ରି: ଘଟଣାକ୍ରମ

**ମେ' ୧୧:** ମଧ୍ୟପ୍ରଦେଶ ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀ ଓ ସୋନମ ବିବାହ କରିଥିଲେ।

**ମେ' ୨୦:** ନବଦମ୍ପତି ମେଘାଳୟକୁ ହନିମୁନ୍ ପାଇଁ ଯାଇଥିଲେ।

**ମେ' ୨୨:** ଦୁହେଁ ଚେରାପୁଞ୍ଜିର ନନ୍‌ଗ୍ରିଆଟ୍‌ରେ ପହଞ୍ଚିଲେ, ବୁଲାବୁଲି କରି ରାତ୍ରିଯାପନ କଲେ।

**ମେ' ୨୩:** ସେଠାରୁ ଯିବା ପରେ ଉଭୟେ ନିଖୋଜ ହୋଇଗଲେ। ସୋନମ ଅପରାହ୍ନ ୧ଟା ୪୩ରେ ଶେଷଥର ନିଜ ମା'ଙ୍କୁ କଲ୍ କରିଥିଲେ। ସେମାନେ ଭଡ଼ାରେ ନେଇଥିବା ସ୍କୁଟି ପରେ ପରିତ୍ୟକ୍ତ ଅବସ୍ଥାରେ ଠାବ ହୋଇଥିଲା।

**ଜୁନ୍ ୨:** ଏନ୍‌ଡିଆର୍‌ଏଫ୍ ଡ୍ରୋନ୍ ୱେଇ ସଡୋଙ୍ଗ୍ ଫଲ୍ସରେ ରାଜାଙ୍କ ମୃତଦେହ ଠାବ କଲା। ରକ୍ତରଞ୍ଜିତ ଦାଆ ଓ ରାଜାଙ୍କ ଦ୍ୱାରା ବ୍ୟବହୃତ କିଛି ସାମଗ୍ରୀ ଯଥା-ସ୍ମାର୍ଟୱାଚ୍, ରେନ୍‌କୋଟ୍, ଶାର୍ଟ, ଫୋନ୍ ଫ୍ରାଗ୍‌ମେଣ୍ଟ ଜବତ ହେଲା। ମେଘାଳୟ ପୋଲିସ ହତ୍ୟା ମାମଲା ରୁଜୁ କରି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କଲା। ରାଜା ଓ ସୋନମ ନିଖୋଜ ହେବା ପୂର୍ବରୁ ମେଘାଳୟର ଏକ ଘରେ ରହିଥିବା ନେଇ ସିସିଟିଭି ଫୁଟେଜ ସାମ୍ନାକୁ ଆସିଲା। ଜଣେ ଗାଇଡ୍ ଉଭୟଙ୍କୁ ୩ ଅଚିହ୍ନା ବ୍ୟକ୍ତିଙ୍କ ସହ ଦେଖିଥିବା ନେଇ ପୋଲିସକୁ ଅବଗତ କରାଇଲେ।

**ଜୁନ୍ ୯:** ସୋନମ ଉତ୍ତର ପ୍ରଦେଶର ଗାଜିପୁରରେ ଆତ୍ମସମର୍ପଣ କଲେ। ସେ ନିଜ ସ୍ୱାମୀଙ୍କ ହତ୍ୟା ଷଡ଼ଯନ୍ତ୍ର ରଚିଥିବାବେଳେ ଏହି ଅପରାଧର ସହଅଭିଯୁକ୍ତ ଆକାଶ ରାଜପୁତ (ଲଳିତପୁର, ୟୁପି), ବିଶାଲ ସିଂ ଚୌହାନ ଓ ରାଜ ସିଂ କୁଶୱାହ (ଇନ୍ଦୋର, ଏମ୍‌ପି), ଆନନ୍ଦ କୁର୍ମି (ସାଗର, ଏମ୍‌ପି) ଗିରଫ ହୋଇଛନ୍ତି। ଅନ୍ୟ ଜଣେ ସନ୍ଦିଗ୍ଧ ଫେରାର ଅଛନ୍ତି।

# ବନ୍ୟଜନ୍ତୁ ଆକ୍ରମଣରେ...

ସହାୟତା ରାଶି ବୃଦ୍ଧି କରାଯିବା ସହିତ ବାସଗୃହ କ୍ଷତିଗ୍ରସ୍ତ ହୋଇଥିଲେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନଚେତ ସମତୁଲ ଆର୍ଥିକ ସହାୟତା ପ୍ରଦାନ କରାଯିବ। ରୋଷେଇ ଘର, ଧାନ ସଂରକ୍ଷଣ ଗୃହ କିମ୍ବା ଛେଳି ଗୁହାଳ କ୍ଷତିଗ୍ରସ୍ତ ହେଲେ ୩ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମିଳିବ। ସେହିଭଳି ପକ୍କା ପାଚେରି, କମ୍ପାଉଣ୍ଡ ୱାଲ୍ କ୍ଷତିଗ୍ରସ୍ତ ହେଲେ ପ୍ରତି ମିଟର ପିଛା ୫ ହଜାର ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ।




# ୧୦୦ରୁ ୧୫୦ ଗାଁ ହେବ ମହାପୁରୁଷ ଆଦର୍ଶ ଗ୍ରାମ

ଭୁବନେଶ୍ୱର, ୯।୬(ସୁନିତ୍ ମିଶ୍ର)

ରାଜ୍ୟର ୧୦୦ରୁ ୧୫୦ ଗାଁକୁ ରାଜ୍ୟ ସରକାର ମହାପୁରୁଷ ଆଦର୍ଶ ଗାଁ ଭାବେ ଗଢ଼ିତୋଳିବେ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏହି ଆଦର୍ଶ ମହାପୁରୁଷ ଗାଁ କରାଯିବ ବୋଲି ସୋମବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଏହି ଆଦର୍ଶ ଗାଁ ଲାଗି ରାଜ୍ୟ ସରକାରଙ୍କ ୯ରୁ ୧୦ଟି ବିଭାଗକୁ ନେଇ କାର୍ଯ୍ୟ କରାଯିବ। ସରକାରଙ୍କ ଯେତେସବୁ ବ୍ୟବସ୍ଥା ରହିଛି ସେସବୁ ଯୋଗାଇ ଦିଆଯିବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି, ଖୁବଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଏହି ମହାପୁରୁଷ ଆଦର୍ଶ ଗ୍ରାମଗୁଡ଼ିକରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚିଯିବ। ବିଭାଗ ପକ୍ଷରୁ ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଖୁବ୍‌ଶୀଘ୍ର ବିଧିବଦ୍ଧ ଘୋଷଣା କରାଯିବ।

# ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କଲେ ମୁଖ୍ୟମନ୍ତ୍ରୀ



ବିଧାନସୌଧ ସମ୍ମୁଖ ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୯।୬(ସୌମ୍ୟରଞ୍ଜନ ରାଉତ)

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୋମବାର ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାନସୌଧ ସମ୍ମୁଖରେ ଥିବା ଶହୀଦଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କ ସମ୍ପର୍କରେ କହିଥିଲେ। ବାଚସ୍ପତି ସୁରମା ପାଢୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ବାବୁ ସିଂ, ଦୁଷ୍ମନ୍ତ ସ୍ୱାଇଁ, ସରୋଜ ପାଢୀ, ଦୁର୍ଗା ଚରଣ ତନ୍ତୀ, ରୁପୁ ଭତ୍ରା, ବିଧାସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଓ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଘୂର୍ଣ୍ଣିବଳୟ ସୃଷ୍ଟି, ୧୪ରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୯।୬
(ଅନୁରାଧା ମହାରଣା)

ଦକ୍ଷିଣ ପୂର୍ବ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୋମବାର ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଘନୀଭୂତ ହୋଇ ଆସନ୍ତା ୧୪ରୁ ୧୬ ତାରିଖ ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଲଘୁଚାପର ରୂପ ନେବା ସମ୍ଭାବନା ରହିଛି। ତେଣୁ ୧୨ ତାରିଖ ପରଠାରୁ ରାଜ୍ୟ ପାଗରେ ପରିବର୍ତ୍ତନ ହେବା ସହିତ ୧୪ ତାରିଖଠାରୁ ଧୀରେ ଧୀରେ ବର୍ଷାର ବିସ୍ତୃତି ବଢ଼ିପାରେ। ଏଥିସହ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୧୩ ପର୍ଯ୍ୟନ୍ତ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ନେଇ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ କ୍ରମଶଃ ଘନୀଭୂତ ହେବ। ଫଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟ ଭିତରକୁ ପ୍ରବାହିତ ହେବ। ଏହାପରେ ୧୪ ତାରିଖ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ, ଯାହା ମୌସୁମୀକୁ ଆହୁରି ସକ୍ରିୟ କରିବ। ତେବେ ଲଘୁଚାପ ସୃଷ୍ଟି ହେଲେ ମୌସୁମୀ କେଉଁ ଦିଗରେ ଗତି କରିବ ଓ କେଉଁ ଜିଲ୍ଲାରେ ଏହାର ପ୍ରଭାବ କିଭଳି ରହିବ ତାହା ସ୍ପଷ୍ଟ ହୋଇନାହିଁ। ଗତ କିଛିଦିନ ଧରି ରାଜ୍ୟରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଦିନରେ ଉଚ୍ଚ ତାପମାତ୍ରା ସାଙ୍ଗକୁ ଗୁଳୁଗୁଳି ଅଣାୟତ୍ତ ପରିସ୍ଥିତି ସୃଷ୍ଟି କରୁଛି। ହେଲେ ଅପରାହ୍ନରେ କିଛି ଜିଲ୍ଲାର କେତେକ ସ୍ଥାନରେ ବର୍ଷା ସାମୟିକ ଆଶ୍ୱସ୍ତି ପ୍ରଦାନ କରୁଛି। ତେବେ ମଙ୍ଗଳବାର ୧୪ ଜିଲ୍ଲାରେ ଘଡ଼ଘଡ଼ି ଓ ବିଜୁଳି ସାଙ୍ଗକୁ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରିଛି ପାଣିପାଗ ବିଭାଗ।

# ଆଇଏମ୍‌ଡି ଡିଜିଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୬(ସୁନିତ୍ ମିଶ୍ର)

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ମିଳିତ ଜାତିସଂଘ ପକ୍ଷରୁ ସମ୍ମାନଜନକ ସାସାକାୱା ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ନିରାକରଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଜେନେଭାରେ ଅନୁଷ୍ଠିତ ଗ୍ଲୋବାଲ୍ ପ୍ଲାଟଫର୍ମ ଫର ଡିଜାଷ୍ଟର ରିସ୍କ ରିଡକ୍ସନର ଅଷ୍ଟମ ଅଧିବେଶନରେ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି, ଆଇଏମ୍‌ଡି ଡିଜି ପ୍ରତିଷ୍ଠିତ ଜାତିସଂଘ ସାସାକାୱା ପୁରସ୍କାର-୨୦୨୫ରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆପଣଙ୍କ ଠିକ୍ ଆକଳନ ରାଜ୍ୟ ଓ ଦେଶ ପାଇଁ ଗର୍ବର ବିଷୟ। ଏହି ଅବସରରେ ସେ ଆଇଏମ୍‌ଡି ଡିଜିଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ନନ୍ଦିନୀ ଶତପଥୀଙ୍କୁ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୯।୬(ରବିନାରାୟଣ ଜେନା)

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସଭାପତି ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ ଅବସରରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ସୋମବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଜଭବନଛକ ନିକଟସ୍ଥ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ପିସିସି ସଭାପତି ଓ ଅନ୍ୟ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଭକ୍ତ କହିଥିଲେ, ଓଡ଼ିଶା ପାଇଁ ନନ୍ଦିନୀ ଶତପଥୀ ବହୁ ଜନମଙ୍ଗଳ କାର୍ଯ୍ୟ କରିଯାଇଛନ୍ତି। ମୁଁ କେନ୍ଦ୍ରମନ୍ତ୍ରୀ ଥିଲାବେଳେ ତାଙ୍କୁ ଅନେକଥର ସାକ୍ଷାତ୍ କରି ବହୁ ପ୍ରସଙ୍ଗ ଉପରେ ସକାରାତ୍ମକ ଆଲୋଚନା କରିଛି।

# ଇଗ୍ନୋରେ ଓଡ଼ିଆରେ ହେବ ପାଠପଢ଼ା

## ଉଚ୍ଚଶିକ୍ଷା ବିଭାଗ ସହ ଏମ୍‌ଓୟୁ

ଭୁବନେଶ୍ୱର,୯।୬
(ଅନୁରାଧା ମହାରଣା)




ଏମ୍‌ଓୟୁ ଅବସରରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ମଧ୍ୟରେ ସୋମବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ଅନୁଯାୟୀ, ଇଗ୍ନୋର ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ସହିତ ୫୦ରୁ ଅଧିକ ସାର୍ଟିଫିକେଟ କୋର୍ସକୁ ଓଡ଼ିଶାରେ ଓଡ଼ିଆ ଭାଷାରେ ପ୍ରଦାନ କରାଯିବ। ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଇଗ୍ନୋର କୁଳପତି ଉମା କାଞ୍ଜିଲାଲଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏନେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି, ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ କୋର୍ସ ପାଇଁ ଆବଶ୍ୟକ ଷ୍ଟଡି ମ୍ୟାଟେରିଆଲ ଓଡ଼ିଆରେ ଅନୁଦିତ ହେବ। ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ରାଜ୍ୟରେ ଆଞ୍ଚଳିକ ଭାଷାକୁ ଗୁରୁତ୍ୱ ଦିଆଯାଉଛି। ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୨ବର୍ଷ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ୨କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବ ବୋଲି ସେ କହିଛନ୍ତି। ସେହିପରି ଉମା କହିଛନ୍ତି, ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଆମ ପାଇଁ ଐତିହାସିକ ମୁହୂର୍ତ୍ତ। ଏହାଦ୍ୱାରା ଓଡ଼ିଆ ଭାଷାରେ ଶିକ୍ଷା ମାଧ୍ୟମରେ ଆମେ ପ୍ରତି ଘରେ ପହଞ୍ଚିବାରେ ସକ୍ଷମ ହେବୁ।




# ଓଏଏସ୍ ଅଧିକାରୀସ୍ତରରେ ବଡ଼ଧରଣର ବଦଳି


## ଭଦ୍ରକ, କେନ୍ଦ୍ରାପଡା, କୋରାପୁଟ, ଗଞ୍ଜାମ ଓ ନୟାଗଡ ଏଡିଏମ୍ ନିଯୁକ୍ତ

ଭୁବନେଶ୍ୱର,୯।୬(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଦକ୍ଷିଣାଞ୍ଚଳ ଡିଭିଜନ-ବ୍ରହ୍ମପୁର ଆରଡିସି କାର୍ଯ୍ୟାଳୟର ଅତିରିକ୍ତ ଆୟୁକ୍ତ ବୀରସେନ ପ୍ରଧାନଙ୍କୁ ଆରଡିସିଙ୍କ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସୁକାନ୍ତ କୁମାର ବେହେରାଙ୍କୁ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଲିପ୍ସା ଦାସଙ୍କୁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ, ସିଓନା ମିଶ୍ରଙ୍କୁ ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ-ଭୁବନେଶ୍ୱରସ୍ଥିତ ଆଡ୍‌ସିନାଲ ଡିଭିଜନ କୋର୍ଟରେ ଅତିରିକ୍ତ ଆୟୁକ୍ତ, ମଞ୍ଜୁଲତା ମଲ୍ଲିକଙ୍କୁ କଟକସ୍ଥିତ ଜମି ରେକର୍ଡ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଆୟୁକ୍ତ, ପୀତାମ୍ବର ଭୋଇଙ୍କୁ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଆୟୁକ୍ତ(ବନ୍ଦୋବସ୍ତ ଓ ଚକବନ୍ଦୀ), ଶାନ୍ତନୁ କୁମାର ମହାନ୍ତିଙ୍କୁ ରାଜ୍ୟ ମଦ ନିଗମର ସାଧାରଣ ପରିଚାଳକ, ଆଶୁତୋଷ ସାମଲଙ୍କୁ କଟକସ୍ଥିତ ଜମି ରେକର୍ଡ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଆୟୁକ୍ତ ଭାବେ ନିଯୁକ୍ତ କରାଯାଇଛି।

ସେହିପରି ଦେବାଶିଷ ପଟନାୟକ(ବି)ଙ୍କୁ କଟକସ୍ଥିତ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ରବିନାରାୟଣ ସାହୁଙ୍କୁ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ, ନବକ୍ରିଷ୍ଣ ଜେନାଙ୍କୁ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ, ସୁନିଲ କୁମାର କେରକେଟାଙ୍କୁ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ, ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳାଇଙ୍କୁ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ, ବିଜୟାନନ୍ଦ ନାୟକଙ୍କୁ ନୟାଗଡ ଅତିରିକ୍ତ ଜିଲ୍ଲାପାଳ, ଅଭିମନ୍ୟୁ ବେହେରାଙ୍କୁ ଗଞ୍ଜାମ-କୋରାପୁଟ ବନ୍ଦୋବସ୍ତ କାର୍ଯ୍ୟାଳୟ ବ୍ରହ୍ମପୁରର ସେଟେଲମେଣ୍ଟ ଅଫିସର, ସଞ୍ଜୟ କୁମାର ରାଉତଙ୍କୁ ବାଲେଶ୍ୱର ଜିଲ୍ଲାପରିଷଦ ମୁଖ୍ୟ ଜିଲ୍ଲା ଅଧିକାରୀ, ତପନ କୁମାର ନାୟକଙ୍କୁ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ସହିତ ଡ୍ରୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ମୁନିନ୍ଦ୍ର ହୋନାଙ୍ଗଙ୍କୁ ଗଜପତି ଅତିରିକ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଥିବାବେଳେ ଦିଲ୍ଲୀପ କୁମାର ପ୍ରଧାନଙ୍କୁ ଦେବଗଡ଼ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିତେନ୍ଦ୍ର କୁମାର ନାୟକଙ୍କୁ କେନ୍ଦ୍ରାପଡା ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଯୋଗେଶ୍ୱର ନାୟକଙ୍କୁ ସୁନ୍ଦରଗଡ଼ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜୟ କୁମାର ବେହେରାଙ୍କୁ ଗଞ୍ଜାମ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଧନାଇ ଚରଣ ଟୁଡୁଙ୍କୁ ଭଦ୍ରକ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ବୁଲବୁଲ୍ ବେହେରାଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦର ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର, କାଜଲ ପ୍ରଧାନଙ୍କୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ-କଟକଙ୍କ ଉପସଚିବ, ଆଶିଷ ରଞ୍ଜନ ସାହୁଙ୍କୁ ଢେଙ୍କାନାଳ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଶରତ ମାଝୀଙ୍କୁ ବଲାଙ୍ଗୀର ମ୍ୟୁନିସପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଶୁଭଶ୍ରୀ ତ୍ରିପାଠୀଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଉପସଚିବ ଭାବେ ନିଯୁକ୍ତ କରାଯାଇଛି।



ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। –ଶ୍ରୀମା



# ଏବେ ଡିଜିପିନ୍

ଭାରତୀୟ ଡାକ ୧ ଅକ୍ଟୋବର ୧୮୫୪ରେ ଇଂରେଜ ଅମଳରେ ପ୍ରତିଷ୍ଠା କରାଯାଇଥିଲା। ଯୋଗାଯୋଗର ପ୍ରମୁଖ ମାଧ୍ୟମ ରହିଆସିଥିବା ଏହି ବିଭାଗର ଗୁରୁତ୍ୱ ପୋଷ୍ଟକାର୍ଡ ଭଳି ଚିଠିପତ୍ର, ମନି ଅର୍ଡର ପରି ଅତ୍ୟାବଶ୍ୟକ ସେବା ଯୋଗାଇ ଲୋକଙ୍କ ପ୍ରିୟ ହୋଇପାରିଥିଲା। ହାତପାଆନ୍ତାରେ ଥିବା ମୋବାଇଲ ଫୋନ୍ ଏବଂ ଇ–ମେଲ୍ ବ୍ୟବସ୍ଥାରେ ଉନ୍ନତି ଯୋଗୁ ପୋଷ୍ଟମ୍ୟାନ୍ ଆଉ ପୂର୍ବ ଭଳି ଘରକୁ ଘର ବୁଲି ଚିଠି ଦେଉଥିବା ଦେଖିବାକୁ ମିଳୁନାହିଁ। ସେତେବେଳେ ବ୍ରିଟିଶ ସରକାର ଭାରତୀୟ ଡାକ ସେବା ମାଧ୍ୟମରେ ବହୁ ପରିମାଣର ଘର ଓ ଜମିବାଡ଼ି ଭଳି ସମ୍ପତ୍ତି ସୃଷ୍ଟି କରିନେଇଥିଲେ। ଅର୍ଥାତ୍ ଭାରତୀୟ ଡାକସେବା ଅତ୍ୟନ୍ତ ଧନୀ ଓ ସ୍ୱାବଲମ୍ବୀ ହୋଇପାରନ୍ତା। ତେବେ ସରକାର ପରେ ସରକାର ସେହି ବିଭାଗକୁ ଅଣଦେଖା କରି ରଖିଥିବାରୁ ତା'ର ଗୁରୁତ୍ୱ ଏବେ ହ୍ରାସ ପାଉଛି। ଯେଉଁ ସୀମିତ ସେବା ଯୋଗାଇବାର ସୁଯୋଗ ରହିଛି ସେଥିରେ ମଧ୍ୟ କେହି ଜଣେ ଉଦ୍ୟମ କରି ବିଭାଗକୁ ଅଧିକ କ୍ଷତି ପହଞ୍ଚାଇବା ଭଳି ମନେହେଉଛି। ତଥାପି କେତେକ ଜରୁରୀ ସେବାର ଆବଶ୍ୟକତା ପଡ଼ିଲେ ଭାରତୀୟ ଡାକ କର୍ମଚାରୀଙ୍କୁ ଠିକଣା ଖୋଜି ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବାକୁ ପଡ଼ିଥାଏ। ଏହି ଠିକଣା ଖୋଜାରେ ପ୍ରମୁଖ ଭୂମିକା ଗ୍ରହଣ କରେ ପୋଷ୍ଟାଲ ଇଣ୍ଡେକ୍ସ ନମ୍ବର ବା ପିନ୍। ୧୫ ଅଗଷ୍ଟ ୧୯୭୨ରେ ଚିଠିପତ୍ରର ସ୍ଥାନୀୟଭିତ୍ତିକ ବର୍ଗୀକରଣ କରାଯାଇ ନିର୍ଦ୍ଦିଷ୍ଟ ଠିକଣାରେ ତାହାକୁ ପହଞ୍ଚାଇବା ସକାଶେ ପିନ୍‌ର ପ୍ରଚଳନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଭାରତୀୟ ଡାକ ବିଭାଗ ବିଶ୍ୱର ସର୍ବବୃହତ୍ ଯୋଗାଯୋଗର ମାଧ୍ୟମ ରହିଆସିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଭାରତରେ ୧, ୬୪, ୯୮୭ ପୋଷ୍ଟ ଅଫିସ୍ ରହିଛି। ସେଥିମଧ୍ୟରୁ ସହରାଞ୍ଚଳରେ ମାତ୍ର ୧୫,୮୨୩ ପୋଷ୍ଟ ଅଫିସ୍ ଥିବା ବେଳେ ଗ୍ରାମାଞ୍ଚଳରେ ଏହି ସଂଖ୍ୟା ୧,୪୯, ୧୬୪ ରହିଛି। ଅର୍ଥାତ୍ ପୁର ଅପେକ୍ଷା ପଲ୍ଲୀରେ ପାଖାପାଖି ୧୦ ଗୁଣା ଅଧିକ ପୋଷ୍ଟ ଅଫିସ୍ ରହିଛି।

୨୭ ମେ' ୨୦୨୫ରେ ଭାରତୀୟ ଡାକ ବିଭାଗ ଡିଜିଟାଲ ପୋଷ୍ଟାଲ ଇଣ୍ଡେକ୍ସ ନମ୍ବର ବା ଡିଜିପିନ୍ ନାମରେ ନୂଆ ଡିଜିଟାଲ ଠିକଣା ବ୍ୟବସ୍ଥା ଆରମ୍ଭ କରିଛି। ଆଧାର ପ୍ରତ୍ୟେକ ନାଗରିକଙ୍କୁ ବ୍ୟକ୍ତିଗତ ପରିଚୟ ପ୍ରଦାନ କରୁଥିବା ବେଳେ ୧୦ ଅଙ୍କ ବିଶିଷ୍ଟ ଡିଜିପିନ୍ ପ୍ରତି ବ୍ୟକ୍ତିଙ୍କ ଠିକଣାର ଏକ ଅନନ୍ୟ ଡିଜିଟାଲ ପରିଚୟ ହେବ ବୋଲି ଡାକ ବିଭାଗ ପକ୍ଷରୁ କୁହାଯାଉଛି। ଏଭଳି ଏକ ଡିଜିଟାଲ ବ୍ୟବସ୍ଥା ପ୍ରଚଳନ କରିବା ପଛର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କ ଘର ଓ ଜାଗାକୁ ଠିକ୍ ଓ ତ୍ୱରିତ ଚିହ୍ନଟ କରିବାରେ ଏହା ସହାୟକ ହେବ। ଆଇଆଇଟି ହାଇଦ୍ରାବାଦ ଓ ଏନ୍‌ଆର୍‌ଏସ୍‌ସି, ଇସ୍ରୋ ସହଯୋଗରେ ଡାକ ବିଭାଗ ଦ୍ୱାରା ବିକଶିତ ଡିଜିପିନ୍ ଦେଶବ୍ୟାପୀ ଜିଓ କୋଡେଡ୍ ଆଡ୍ରେସିଂ ସିଷ୍ଟମ ବୋଲି କୁହାଯାଉଛି। ଅକ୍ଷାଂଶ ଓ ଦ୍ରାଘିମା ସହ ସମନ୍ୱୟ ରଖି ଏହା ଭାରତକୁ ୪ ମିଟର X ୪ ମିଟର ଗ୍ରୀଡ୍ (ଘର, କାର୍ଯ୍ୟାଳୟ, ସଙ୍ଗଠନ ଆଦି)ରେ ବିଭକ୍ତ କରି ପ୍ରତ୍ୟେକ ଗ୍ରୀଡ୍ ସକାଶେ ଏକ ୧୦ ଅଙ୍କ ବିଶିଷ୍ଟ ନିର୍ଦ୍ଦିଷ୍ଟ ଆଲ୍‌ଫାନ୍ୟୁମେରିକ୍ କୋଡ୍ ପ୍ରଦାନ କରିଛି। କୁହାଯାଉଛି ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ପିନ୍ କୋଡ୍ ଏକ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଡିଜିପିନ୍ ଜମି ବା ଘରର ଠିକ୍ ସ୍ଥାନ ସକାଶେ ଅଭିପ୍ରେତ ରହିବ। ୟୁଜରମାନେ ସରକାରଙ୍କ ନିର୍ଦ୍ଦିଷ୍ଟ ୱେବ୍‌ସାଇଟ୍‌କୁ ଯାଇ ନିଜ ଘରକୁ ଚିହ୍ନଟ କରିବା ସହ କୋଡ୍ ସୃଷ୍ଟି କରିପାରିବେ ବୋଲି କୁହାଯାଉଛି।

ଜନସାଧାରଣଙ୍କ ଅବଗତି ନିମନ୍ତେ ଏତିକି ସୂଚନା ଦିଆଯାଇଛି। ହେଲେ ଅସଲ ହଇରାଣ ଏହାର ବ୍ୟବହାରକାରୀଙ୍କୁ ଭୋଗିବାକୁ ପଡ଼ିବ। କାରଣ ଆଧାର ଭଳି ଯେତେସବୁ ବ୍ୟକ୍ତିକେନ୍ଦ୍ରିକ ଡକ୍ୟୁମେଣ୍ଟ ବା କାଗଜପତ୍ର ପ୍ରସ୍ତୁତ କରିବାକୁ ପଡୁଛି ସେଥିରେ ଲୋକମାନେ ହିଁ ହଇରାଣ ହେଉଛନ୍ତି। ଗତ କିଛିବର୍ଷ ହେବ ଭାରତର ପ୍ରଶାସନିକ ଆଦବକାଇଦାକୁ ଦେଖିଲେ ଦେଶବାସୀ ନିଜ ପରିଚୟ, ବାସସ୍ଥାନ ଓ ଅଧିକାର ସାବ୍ୟସ୍ତ କରିବା ଲାଗି ସବୁବେଳେ ଗୋଟେ ଧାଁଧଉଡ଼ରେ ରହୁଛନ୍ତି। ଗୋଟେ କାର୍ଡ କରିସାରିବା ପରେ ଆଉ ଗୋଟେ ପରିଚୟପତ୍ର ପାଇବା ସକାଶେ ଲୋକଙ୍କୁ ଏଭଳି ଅଭ୍ୟସ୍ତ କରିଦିଆଯାଉଛି ଯେ, ସାମଗ୍ରୀ କିମ୍ବା ସେବା ପାଇବା ଆଶାରେ ସେମାନେ 'ଗୋଠ ମାତିଲେ ଖଣ୍ଡିଆ ମାତେ' ନ୍ୟାୟରେ ଅଣନିଃଶ୍ୱାସ ହୋଇ ଦୌଡୁଛନ୍ତି। ନାଗରିକମାନେ ସୁସ୍ଥ ଭାବେ ବଞ୍ଚିବା ଓ ତାଙ୍କ ଜୀବନଯାତ୍ରା ସୁଗମ ହେଉ ବୋଲି ଶାସକ ଓ ପ୍ରଶାସକ ବର୍ଗ ଚାହିଁବା କଥା। ଗୋଟେ ଭଲ ଗଣତନ୍ତ୍ରର ତାହା ହିଁ ଶୁଭଲକ୍ଷଣ ହୋଇଥାଏ। କିନ୍ତୁ ଯେଉଁଭଳି ଭାବେ ଲୋକଙ୍କୁ ଅନାବଶ୍ୟକ କାର୍ଯ୍ୟରେ ଜଡ଼ିତ କରି ଦିଆଯାଉଛି, ତାହାର ବ୍ୟକ୍ତିଗତ ଦକ୍ଷତା ହ୍ରାସ ପାଇବା ନିଶ୍ଚିତ। ଡିଜିପିନ୍ ବ୍ୟବସ୍ଥା ଯଦି ଲୋକଙ୍କ ପାଇଁ ମଙ୍ଗଳ ହେବ ବୋଲି ସରକାର ଭାବୁଛନ୍ତି, ତେବେ ସରକାରୀ କଳ ଲୋକଙ୍କ ପାଖରେ ତାହା ପହଞ୍ଚାଇବାରେ ବ୍ୟବସ୍ଥା କରିପାରନ୍ତା। କିନ୍ତୁ ତାହା କରା ନ ଯାଇ ଲୋକଙ୍କ ଆହୁରି ଅନ୍ତରଙ୍ଗ ତଥ୍ୟ ଯୋଗାଡ଼ କରିବା ଲାଗି ଏହି ବାହାନାର ଆଶ୍ରା ନିଆଯାଉଥିବା ବୁଝି ହେଉଛି। ସମସ୍ତେ ଧୀରେ ଧୀରେ ଅନୁଭବ କରିବା କଥା ଯେ, ଆଧାରକୁ ଜଣେ ଲୋକର ସବୁ କାର୍ଯ୍ୟରେ ବ୍ୟବହାର କରି ଦିଆଯାଉଥିବାରୁ ତାଙ୍କ ବ୍ୟକ୍ତିଗତ ତଥ୍ୟ ହାସଲ ସହଜ ହେଉଛି। ଏହାର ପରିଣତି ତଥ୍ୟ ବିକ୍ରିରେ ଶେଷ ହେଉଛି। ସ୍ୱଦେଶ କମ୍ପାନୀଠାରୁ ଆରମ୍ଭ କରି ବହୁରାଷ୍ଟ୍ରୀୟ କମ୍ପାନୀ ଏବଂ ଏପରି କି ବିଦେଶୀ ସରକାରଙ୍କ ପାଖରେ ଭାରତବାସୀଙ୍କ ତଥ୍ୟାବଳୀ ବା ଡେଟାବେସ୍ ରହିଗଲାଣି। ଆଜିର ଡିଜିଟାଲ ଯୁଗରେ ଜିପିଏସ୍ ମାଧ୍ୟମରେ ନିର୍ଦ୍ଦିଷ୍ଟ ସ୍ଥାନକୁ ଚିହ୍ନଟ କରିବା ସହଜ ହେଉଛି। ଡିଜିପିନ୍ ବ୍ୟବସ୍ଥା ସମଗ୍ର ଦେଶରେ ଲାଗୁ ହୋଇଗଲେ ଜଣଙ୍କୁ ନିର୍ଭୁଲ ଭାବେ ଚିହ୍ନଟ କରିବା ବା ପ୍ରିସିଶନ୍ ବୋଲି ଯେଉଁ ଇଂଲିଶ ଶବ୍ଦ ବ୍ୟବହାର କରାଯାଉଛି, ତାହା ନାଗରିକଙ୍କୁ ସିଧାସଳଖ ଆକ୍ରମଣ କରିବାର ଗୋଟେ ବାଟ ଫିଟିଯିବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଭଳିସବୁ ନୂଆ ଚିନ୍ତାଧାରା ଆସିବା ପଛରେ ସମ୍ଭବତଃ ଗୋଟିଏ ଲକ୍ଷ୍ୟ ରହିଥାଇପାରେ, ଯେଉଁଥିରେ ଦେଶବାସୀଙ୍କୁ ଭକୁଆ ରଖି ଦୀର୍ଘଦିନ କିଭଳି ଶାସନ କରିହେବ ତାହାର ବାଟ ବାହାର କରିବା। ଯଦି କିଛି ସୁପର ଚିନ୍ତାଧାରା ରହନ୍ତା, ତାହା ହେଲେ ଜଣେ ବ୍ୟକ୍ତି ପାଇଁ ଖଣ୍ଡେ କାର୍ଡ ଯଥେଷ୍ଟ ବୋଲି କୁହାଯାଇପାରନ୍ତା। ଏବଂ ଦୋହରାଇବାକୁ ଗଲେ ନାଗରିକଙ୍କ ଦୈନନ୍ଦିନ ଜୀବନଯାପନରେ ଡିଜିଟାଲ ବିଜ୍ଞାନ ସହାୟକ ହେବା କଥା। କିନ୍ତୁ ଭାରତରେ ଆଧୁନିକ ବୈଷୟିକ ଜ୍ଞାନକୁ ବ୍ୟବହାର କରି ସାଧାରଣ ନାଗରିକଙ୍କୁ ବାରମ୍ବାର ହଇରାଣ କରାଯିବା ସହିତ ତାଙ୍କ ତଥ୍ୟ ବିକ୍ରି କରାଯାଉଛି। ତେଣୁ ଯଦି ଡିଜିପିନ୍ ଲାଗୁ କରିବାରେ ସରକାରଙ୍କ କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ, ତେବେ ପୁରପଲ୍ଲୀରେ ଥିବା ପ୍ରତ୍ୟେକ ନାଗରିକଙ୍କୁ ଡିଜିପିନ୍ ପାଇଁ ଆର୍ଥିକ ପ୍ରୋତ୍ସାହନ ଦିଆଯିବା ଉଚିତ କିମ୍ବା ଲୋକଙ୍କ ସୁବିଧା ପାଇଁ ଘରେ ନେଇ ସେହି ଆଲ୍‌ଫାନ୍ୟୁମେରିକ୍ ସଂଖ୍ୟା ବିନା ବାଧାରେ ପହଞ୍ଚାଇ ଦେବା ଦରକାର।

# ଭକ୍ତି, ଭକ୍ତ ଓ ଭଗବାନ୍



ଅକ୍ଷୟ କୁମାର ମିଶ୍ର

ଅଧୁନା ଭାରତ ବର୍ଷରେ ଏକ ଅଦ୍ଭୁତ ପରିବେଶ ସୃଷ୍ଟି ହୋଇଛି। ମନ୍ଦିର, ମସ୍‌ଜିଦ, ଗୀର୍ଜା, ଗୁରୁଦ୍ୱାର ସବୁଠି ପ୍ରବଳ ଭିଡ଼। ପୂଜାର୍ଚ୍ଚନା ଚାଲିଛି। ଧୂପ, ଝୁଣାର ବାସ୍ନାରେ ମହକୁଛି ସାରା ପ୍ରାଙ୍ଗଣ। ଘଣ୍ଟ, ଘଣ୍ଟା, ଝାଲି, ମୃଦଙ୍ଗ, ଶଙ୍ଖ, ତୂରୀର ଧ୍ୱନିରେ ପ୍ରକମ୍ପିତ ହେଉଛି ଆଖପାଖ ଅଞ୍ଚଳ। ଡାକବାଜି ଯନ୍ତ୍ର ମାଧ୍ୟମରେ ମନ୍ତ୍ର ଉଚ୍ଚାରଣ, ନମାଜ ପଠନ, ପ୍ରାର୍ଥନା ଶୋଇଥିବା ଲୋକଙ୍କୁ ବି ଜଣାଇ ଦେଉଛି ଏହା ପୂଜାବେଳ, ଆରାଧନା ସମୟ। ସତରେ କ'ଣ ତେବେ ଚାରିଆଡ଼େ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ? ନା ଈଶ୍ୱର ସର୍ବ ଶକ୍ତିମାନ, ଈଶ୍ୱର ସବୁଠି ଅଛନ୍ତି, ଈଶ୍ୱର ସବୁ ଦେଖୁଛନ୍ତି ଓ ଶୁଣୁଛନ୍ତି ଏହିସବୁ କଥାଗୁଡ଼ିକ ଆମେ ଭୁଲ୍ ବୋଲି ପ୍ରମାଣ କରିବାକୁ ଚାହୁଁଛୁ ? ଈଶ୍ୱର ଯେ ଏକ ଓ ଅଭିନ୍ନ ଏହା କ'ଣ ସତ୍ୟ ନୁହେଁ ବୋଲି ଧରି ନେଇଛୁ ? ଯଦି ନା, ତେବେ କ'ଣ ଈଶ୍ୱରଙ୍କୁ କିଛି ଶୁଭୁନି ? ହଁ, ନିଶ୍ଚୟ ତାହା ହୋଇ ନ ଥିଲେ ଏତେ ବଡ଼ ପାଟିରେ ଡାକବାଜି ଯନ୍ତ୍ରର ସହାୟତାରେ ମନ୍ତ୍ର ପାଠ ହୁଅନ୍ତା କାହିଁକି ? ନମାଜ ପଢ଼ା ଯାଆନ୍ତା କାହିଁକି ? ଈଶ୍ୱର ଯେ କିଛି ଦେଖିପାରୁ ନାହାନ୍ତି, ଏହା ସତ୍ୟ। ତାହା ହୋଇ ନ ଥିଲେ ଭକ୍ତି ଦେଖେଇବା ପାଇଁ ଚିତା, ଚୈତନ୍ୟ କାଟି, ଗଳାରେ ରୁଦ୍ରାକ୍ଷର ମାଳା ପିନ୍ଧି, ରଙ୍ଗ ବେରଙ୍ଗର ପୋଷାକ ପରିଧାନ କରି ନ ଥା'ନ୍ତୁ। ଆମେ ଧରି ନେଇଛୁ କେବଳ ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାରକୁ ଗଲେ ଈଶ୍ୱର ଦର୍ଶନ ଦେବେ, ମନସ୍କାମନା ପୂରଣ କରିବେ, ସେ ଭକ୍ତର ସ୍ୱୀକୃତି ଦେବେ। ତା' ହୋଇ ନ ଥିଲେ ଇଟା, ପଥରରେ ଗଢ଼ା ଏକ ଆବଦ୍ଧ କୋଠରି ଭିତରେ, ସର୍ବ ସମ୍ମୁଖରେ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଏତେ ଠେଲାପେଲା ହୁଅନ୍ତା କାହିଁକି ? ଯେଉଁମାନେ ଈଶ୍ୱରଙ୍କ ଦର୍ଶନ ପାଇଥିଲେ ବୋଲି ଆମେ ଦାବି କରୁଛୁ ସେମାନେ କ'ଣ ସତରେ ଏମିତି ଏକ ଆବଦ୍ଧ କୋଠରି ଭିତରେ ତାଙ୍କର ସନ୍ଧାନ ପାଇଥିଲେ ?

ଏସବୁ ସତ୍ତ୍ୱେ ଆମେ ନିଦ୍ୱର୍ନ୍ଦ୍ୱରେ କହିପାରିବା ଭକ୍ତଙ୍କ ସଂଖ୍ୟା ବଢ଼ିଛି। ପୂଜାପାଠ ବଢ଼ିଛି ସବୁ ଧର୍ମରେ, ସବୁ ସମ୍ପ୍ରଦାୟରେ । ୨୦୨୩ ସୁଦ୍ଧା ଦେଶର ମନ୍ଦିର ସଂଖ୍ୟା ୩୫ ଲକ୍ଷରୁ ଉର୍ଦ୍ଧ୍ୱ, ମସ୍‌ଜିଦ ସଂଖ୍ୟା ପାଖାପାଖି ୫୫ ହଜାର, ଗୀର୍ଜା ସଂଖ୍ୟା ୨୮ ହଜାରରୁ ଅଧିକ, ଗୁରୁଦ୍ୱାର ସଂଖ୍ୟା ପାଖାପାଖି ୮ ହଜାର। ଏହା ବାଦ୍ ଅନ୍ୟ ଧର୍ମାବଲମ୍ବୀ ଲୋକଙ୍କ ସକାଶେ ସ୍ୱତନ୍ତ୍ର ମଠ, ଆରାଧନା ପୀଠ, ପ୍ରାର୍ଥନା ଗୃହ ରହିଛି। କିନ୍ତୁ ଛୋଟ ବଡ଼ ମନ୍ଦିର, ଗ୍ରାମ ଦେବୀ, ଆଶ୍ରମ ଏସବୁକୁ ଧରିଲେ ଆମ ଦେଶରେ ଏମାନଙ୍କ ସଂଖ୍ୟା ଏକ କୋଟିରୁ ଉର୍ଦ୍ଧ୍ୱ ହେବ। ତଥାପି ନୂତନ ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାର



ଗଢ଼ିବାର ଅଭୀପ୍ସା ଲୋକଙ୍କ ଭିତରେ କମି ନାହିଁ। ଗାଁ, ସହର, ସାହି, ବସ୍ତି ସବୁଠି ଈଶ୍ୱରଙ୍କ ପାଇଁ ବାସସ୍ଥାନ ନିର୍ମାଣ ଚାଲିଛି। ଏହା ସୂଚେଇ ଦେଉଛି ଭକ୍ତମାନଙ୍କ ସଂଖ୍ୟା କ୍ରମଶଃ ବଢୁଛି। କେବଳ ନୂଆ ନୂଆ ଧର୍ମ ପୀଠ ଯେ ତିଆରି ହେଉଛି ତାହା ନୁହେଁ ସବୁଠି ଭକ୍ତଙ୍କ ସମାଗମ ଅଣାୟତ୍ତ ହେବାରେ ଲାଗିଛି। ଦଳାଚକଟାଜନିତ ଛୋଟ ବଡ଼ ଅଘଟଣ ମଧ୍ୟ ଘଟୁଛି। ମହାକୁମ୍ଭରେ ସରକାରୀ ତଥ୍ୟ ଅନୁଯାୟୀ ୬୬ କୋଟିରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା ବୋଲି କୁହାଯାଉଛି। ପୁରୀ ରଥଯାତ୍ରା ଦିନ କେମିତି ଭକ୍ତଙ୍କ ଦ୍ୱାରା ବଡ଼ଦାଣ୍ଡ ଉଛୁଳି ଉଠୁଛି ଆମେ ସଭିଏ ଦେଖୁଛନ୍ତି। ଏଇ କିଛି ବର୍ଷ ହେଲା ଶିବ ଲିଙ୍ଗରେ ପାଣି ଢାଳିବା ପାଇଁ ପାଣି ଭାର ଧରି ଯାଉଥିବା କାଉଡ଼ିଆଙ୍କ ଯାତ୍ରାକୁ ଦେଖିଲେ ସହଜରେ ହୃଦୟଙ୍ଗମ କରିହେବ ଭକ୍ତଙ୍କ ସଂଖ୍ୟା କେତେ ବଢ଼ିଛି। ଯେକୌଣସି ବ୍ରତ, ଓଷା ସମୟରେ ମନ୍ଦିର ବେଢ଼ା ଲୋକାରଣ୍ୟ ହୋଇପଡୁଛି। ନୂଆ ନୂଆ ନାମରେ ଦେବଦେବୀଙ୍କର ପୂଜାର୍ଚ୍ଚନା ଦେଖିବାକୁ ମିଳୁଛି। କେବଳ ଦେବଦେବୀଙ୍କ ନିକଟରେ ଭିଡ଼ ଜମୁ ନାହିଁ, ସବୁଠାରୁ କୌତୂହଳ ବିଷୟ ହେଉଛି ଏ ଦେଶରେ ବାବା ମାତା ସଂଖ୍ୟା ଯେତେ ବଢୁଛି ସେମାନଙ୍କ ଚତୁଃପାର୍ଶ୍ୱରେ ଭକ୍ତଙ୍କ ଭିଡ଼ ସେତେ ବଢୁଛି। ଲୋକେ ଯେତେ ଠକାମିର ଶିକାର ହେଉଛନ୍ତି ସେମାନଙ୍କ ସାନିଧ୍ୟ ଲାଭ ନିମନ୍ତେ ସେତେ ଅଧିକ ସଂଖ୍ୟକ ଲୋକ ଭକ୍ତଙ୍କ ତାଲିକାରେ ନାମ ଲେଖାଉଛନ୍ତି।

ସମ୍ପ୍ରତି ଈଶ୍ୱରଙ୍କ ଜନ୍ମ ଦିନ ପାଳନ କରିବାର ଏକ ନୂତନ ସଂସ୍କୃତି ଲୋକଙ୍କ ଭିତରେ ଉନ୍ମାଦନା ସୃଷ୍ଟି କରିଛି। ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ରାମ ଜୟନ୍ତୀ, ହନୁମାନ ଜୟନ୍ତୀ, ମହାବୀର, ମହମ୍ମଦ, ଯିଶୁ, ନାନକ ଆଦି ଜୟନ୍ତୀ ଯେମିତି ପାଳନ କରାଯାଉଛି, ପୂର୍ବେ ଏମିତି ହେଉଥିଲା ବୋଲି ମନେହେଉ ନାହିଁ। ଛୋଟ ବଡ଼ ସବୁ ସହରରେ ଭକ୍ତଙ୍କ ସୁସଜ୍ଜିତ ସମାବେଶ ଆୟୋଜନ ହେଉଛି। ବଡ଼ ବଡ଼ ନିର୍ଦ୍ଧାରିତ ପତାକା ଉଡୁଛି ଫର ଫର ହୋଇ। ଉଜ୍ଜ୍ୱଳ ଆଲୋକ ସହିତ ଡିଜେ ବାଜୁଛି ସର୍ବୋଚ୍ଚ ସ୍ୱରରେ। ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ରର ଶବ୍ଦରେ ପ୍ରକମ୍ପିତ ହେଉଛି ଖଣ୍ଡ ମଣ୍ଡଳ। ନୃତ୍ୟ ସାଙ୍ଗକୁ ଲାଠି, ଖଣ୍ଡା ଖେଳ ମଧ୍ୟ ଦେଖିବାକୁ ମିଳୁଛି। ଦେଖଣାହାରୀ ଭାବରେ ପିଲାଛୁଆ, ନାରୀ ପୁରୁଷଙ୍କ ଭିଡ଼ ଜମୁଛି ରାସ୍ତାର ଉଭୟ ପାର୍ଶ୍ୱରେ। ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ବେଶ୍ କିଛି ପୋଲିସ୍ ବାଧ୍ୟ ବାଧକତାର ସହିତ ଆଗରେ ପଛରେ ଚାଲୁଛନ୍ତି। ଏହା ସତ୍ତ୍ୱେ ସାମ୍ପ୍ରଦାୟିକ ଦଙ୍ଗାକୁ ଏଡ଼ାଇ ଦିଆଯାଇ ପାରୁ ନାହିଁ। ଜୟନ୍ତୀର ପୂର୍ବରୁ କିଛି ଦିନ ଓ ପରବର୍ତ୍ତୀ କିଛି ଦିନ ଉଜେନା ଲାଗି ରହୁଛି ସମ୍ପ୍ରଦାୟ ମଧ୍ୟରେ।

ଲୋକଙ୍କ ଭିତରେ ଭକ୍ତି ଭାବ କେତେ ବଢ଼ିଛି ତାହା ହିଁ ବିଚାର୍ଯ୍ୟ। ଗଭୀର ଭଲପାଇବା, ଶ୍ରଦ୍ଧା କରିବା, ସମ୍ମାନ ଦେବା ଅର୍ଥ ଭକ୍ତି କରିବା। ଯେଉଁଠି ଭକ୍ତି ଥାଏ ସେଇଠି ତ୍ୟାଗ ଥାଏ। ସତ୍ୟ, ନ୍ୟାୟ, ଅହିଂସା ବିନା ଭକ୍ତି ଅନ୍ତଃସାର ଶୂନ୍ୟ ଭାବନା କହିଲେ ଭୁଲ୍ ହେବ ନାହିଁ। ଭକ୍ତିରୁ ସୃଷ୍ଟି ହୁଏ ସମର୍ପଣ ଭାବ। ପ୍ରକୃତ ଭକ୍ତି ଥିଲେ ଘୃଣା, ଅସହିଷ୍ଣୁତା ପାଖ ମାଡ଼େ ନାହିଁ। କିନ୍ତୁ ଆଜିକାଲି ଯେଉଁମାନେ ନିଜକୁ ଭକ୍ତ ଭାବରେ ଉପସ୍ଥାପନ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ସଂକୀର୍ଣ୍ଣ ଧର୍ମ ବିଶ୍ୱାସୀ। ଅନ୍ୟ ଧର୍ମାବଲମ୍ବୀ ଲୋକଙ୍କୁ ଘୃଣା କରନ୍ତି। ଜାତି ଭେଦ ସହିତ ବୁଝାମଣା କରନ୍ତି। ନିଜକୁ ସୁରକ୍ଷିତ ରଖିବା ପାଇଁ ମିଥ୍ୟାର ଆଶ୍ରୟ ନିଅନ୍ତି। ଏମାନେ ଏମିତି ଭକ୍ତ ଯେ ମନ୍ଦିର ପ୍ରାଙ୍ଗଣରେ ସ୍ଥାପିତ କଂକ୍ରିଟ୍ ଷଣ୍ଢ ମୁହଁରେ ଘାସ ଦିଅନ୍ତି ହେଲେ ଜୀବିତ ଷଣ୍ଢ ପିଠିରେ ଧୁସ୍ ଧାସ୍ ପ୍ରହାର ପକାଇବାକୁ ଆଦୌ ସଂକୋଚ କରନ୍ତି ନାହିଁ। ଅଧିକାଂଶଙ୍କ ମୁହଁରେ ରାମ ନାମ ମାତ୍ର ରାବଣ ପ୍ରବୃତ୍ତି, ମୁହଁରେ ଜଗନ୍ନାଥ ମାତ୍ର କାମରେ କଳାପାହାଡ଼, ପ୍ରତ୍ୟହ ନମାଜ ପଠନ ମାତ୍ର ସନ୍ତ୍ରାସବାଦୀ କାର୍ଯ୍ୟ। ଅସତ୍ ଆଚରଣ କରୁଥିବା ଲୋକମାନେ ବେଶଭୂଷାରେ, କଥାବାର୍ତ୍ତାରେ ସିନା ଭକ୍ତ, ମାତ୍ର ସେମାନଙ୍କ ନିକଟରେ ଭକ୍ତି ନାହିଁ କି ରହିପାରେନା। କର୍ମ ନ କରି କିମ୍ବା କମ୍ ପରିଶ୍ରମରେ ଅଧିକ ପ୍ରାପ୍ତିର ଆଶା ରଖିଥିବା ବ୍ୟକ୍ତିମାନେ ଆଜି ଭକ୍ତ ସାଜି ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରୁଛନ୍ତି ବୋଲି କହିବା ଅଯଥାର୍ଥ ହେବ ନାହିଁ। ଏହା ସତ୍ୟ ଯେ, 'ସାଧୁତା ନ ଥାଇ ସନ୍ଥ, ସେବା ନ କରି ସେବିକା, ଭକ୍ତି ନ ଥାଇ ଭକ୍ତ ସମାଜ ପାଇଁ ମହା ବିପତ୍ତି'।

**ସଭାପତି, ଓଷ୍ଟା**
**ମୋ :୯୯୩୮୭୬୩୨୩୭**

# ଆଠ ଦୁମୁକାଣି ଷୋହଳ ଅସରା



ବିଦ୍ୟାଧର ମହାରଣା

ଆମ ରାଜ୍ୟର ମୁଖ୍ୟ ଫସଲ ଧାନ କିସମ ଅନୁଯାୟୀ ୮୦୦ଠାରୁ ୧୨୦୦ମିଲିମିଟର ଜଳ ଆବଶ୍ୟକ କରେ। ଧାନର ଜୀବନକାଳ ଚାରା, ପିଲ, ଗର୍ଭାଧାନ ଓ ପାଚିବା ଅବସ୍ଥା ଦେଇ ସମାପ୍ତ ହୁଏ। ଧାନ ବୁଣିବାର ତିନି ସପ୍ତାହ ପର୍ଯ୍ୟନ୍ତ ଚାରା ଅବସ୍ଥା। ଏହି ସମୟରେ ଏକ ସେଣ୍ଟିମିଟର ଉଚ୍ଚର ପାଣି ଚାରା ପାଇଁ ଯଥେଷ୍ଟ। ଏହା ପରେ ତିନି ସପ୍ତାହ ପିଲ ଅବସ୍ଥା। ଏହି ସମୟରେ ଦୈନିକ ପ୍ରାୟ ଏକ ଇଞ୍ଚ ବା ଅଢ଼େଇ ସେଣ୍ଟିମିଟର ପାଣି ଆବଶ୍ୟକ ହୋଇଥାଏ। ମଝିରେ ମଝିରେ ଜଳ ନିଷ୍କାସନ କଲେ ପିଲ ଅଧିକ ହୁଏ, ଅଧିକ ପାଣି ବାନ୍ଧିଦେଲେ ପିଲ ଆଉ ହେବନାହିଁ। ଅତି ସହଜ କିସମ ବ୍ୟତୀତ ଅନ୍ୟ ଧାନ ଗର୍ଭ ହେବାର ୨୦ ଦିନ ପରେ ଫୁଲ ଓ ଏହାର ୩୦ ଦିନ ପରେ ଅମଳ ଉପଯୋଗୀ ହୁଏ। ଏହାର ଅର୍ଥ ହେଲା ଧାନର ମୋଟ ଜୀବନ କାଳରୁ ୫୦ ଦିନ ବାଦ୍ ଦେଲେ ଯାହା ରହିଲା ସେତିକି ଦିନ ହେଉଛି ଅଙ୍ଗୀୟ ବୃଦ୍ଧି ଅବସ୍ଥା, ଯାହା କିସମ ଅନୁସାରେ କମ୍ ବେଶି ହୋଇଥାଏ। ଧାନ ଗର୍ଭ ହେବାରୁ ଫୁଲ ପର୍ଯ୍ୟନ୍ତ ସର୍ବଦା ଦୁଇ ଇଞ୍ଚ ପାଣି କିଆରିରେ ରହିବା ଜରୁରୀ। ଫୁଲ ଉଡ଼ାଇବାର ୨୦ ଦିନ କିଆରିରେ ୩–୪ ଇଞ୍ଚ ପାଣି ବାନ୍ଧି ରଖିବାକୁ ପଡ଼େ ଓ ଏହା ପରେ ପାଣି କାଟିଦେଲେ ଧାନ ସମାନ ଭାବରେ ପାଚି ଅମଳ ଉପଯୋଗୀ ହୁଏ। ଖନା ବଚନ କହେ "ଥୋଡ଼େ ତିରିଶ ଫୁଲେ ବିଂଶ, ଘୋଡାମୁଖୀ ହେଲେ ତେର ଦିବସ। ବୁଝିଶୁଝି ଚଷା କାଟିଲେ ଶଷ୍ୟ, ତହିଁରୁ ଗୋଟିଏ ନ ହୁଏ ନାଶ।" ଏହାକୁ ଦୃଷ୍ଟିରେ ରଖି କୁହଯାଏ "ଆଠ ଦୁମୁକାଣି ଷୋହଳ ଅସରା, ବତିଶ ଝିପିଝିପି ଚଉଷଠି କୁଣ୍ଡାଝରା, ତେବେଯାଇ ଚାଷୀ ପେଟ ହୁଏ ପୂରା।" ଆଠ ଦୁମକାଣି ଅର୍ଥାତ୍ ଅନ୍ତତଃ ୪୦୦ ମିଲିମିଟର, ଷୋହଳ ଅସରା ଅର୍ଥାତ ୪୦୦ ମିଲିମିଟର, ୩୨ ଝିପିଝିପି ଅର୍ଥାତ ୩୨୦ ମିଲିମିଟର ଏବଂ ୬୪ କୁଣ୍ଡାଝରା ଅର୍ଥାତ ୩୨୦ ମିଲିମିଟର ବର୍ଷା ହେଲେ ଚାଷୀ ପୂରା ଫସଲ ପାଏ। ଆମେ ଯେତିକି ବର୍ଷା ପାଉ ସବୁ ଫଳପ୍ରଦ ହୁଏନାହିଁ। ବର୍ଷାଦିନେ ମୋଟ ବର୍ଷାର ୩୫–୪୦% ଫଳପ୍ରଦ ହୋଇଥାଏ। ଏକ ସେଣ୍ଟିମିଟରଠାରୁ ବର୍ଷା କମିଲେ ଏହା କୌଣସି କାମରେ ଲାଗେନି। ଆମ ଭାରତରେ ହାରାହାରି ବାର୍ଷିକ ବର୍ଷା ୧୨୦ସେଣ୍ଟିମିଟର ହେଲେ ୩୨୯ ନିୟୁତ ହେକ୍ଟର ଭୌଗୋଳିକ କ୍ଷେତ୍ର ଜମିରେ ପ୍ରାୟ ୪୦୦ ନିୟୁତ ହେକ୍ଟର ମିଟର ବର୍ଷା ମିଳେ। ଏଥିରୁ ୭୦ ନିୟୁତ ହେକ୍ଟର ମିଟର ବାଷ୍ପୀଭବନ ହୋଇଯାଏ ଓ ୧୧୫ନିୟୁତ ହେକ୍ଟର ମିଟର ଭୂପୃଷ୍ଠରେ ବହିଯାଏ। ଅବଶିଷ୍ଟ ୨୧୫ ନିୟୁତ ହେକ୍ଟର ମିଟର ମାଟିକୁ ପ୍ରବେଶ କରେ। ଏଥିରୁ ୫୦ ନିୟୁତ ହେକ୍ଟର ମିଟର ଭୂନିମ୍ନସ୍ଥ ଜଳ ସହିତ ମିଶେ ଏବଂ ମାତ୍ର ୧୮୫ ନିୟୁତ ହେକ୍ଟର ମିଟର ଫସଲ ଓ ବୃକ୍ଷଲତା ପାଇଁ ଉପଲବ୍ଧ ହୁଏ ଯାହାକି ମୋଟ ବର୍ଷାର ୪୬ ପ୍ରତିଶତ ମାତ୍ର। ଏହି କାରଣରୁ ବର୍ଷା ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି।

ଓଡ଼ିଶାରେ ମୌସୁମୀ ବର୍ଷା ସାଧାରଣତଃ ଜୁନ୍ ମାସରେ ପ୍ରବେଶ କରେ ଓ ସେପ୍ଟେମ୍ବର ପର୍ଯ୍ୟନ୍ତ ସକ୍ରିୟ ରହେ। ହାରାହାରି ଭାବରେ ଜୁନ୍ ମାସରେ ୧୬୦, ଜୁଲାଇରେ ୩୧୭, ଅଗଷ୍ଟରେ ୩୦୦, ସେପ୍ଟେମ୍ବରରେ ୩୨୦ ମିଲିମିଟର ବର୍ଷା ହୁଏ, ଯାହାକି ବାର୍ଷିକ ବର୍ଷାର ପ୍ରାୟ ୮୦ ପ୍ରତିଶତ। ଉଦ୍ଭିଦ ଦିନରେ ସୂର୍ଯ୍ୟାଲୋକ ପାଇ ସବୁଜକଣା ଦ୍ୱାରା ଜଳ ଓ ଅମ୍ଳଜାନ ନେଇ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତ



କରେ। ଏଣୁ ଦିନରେ ବର୍ଷା ନ ହୋଇ ରାତିରେ ହେଲେ ଭଲ। ପ୍ରଖ୍ୟାତ ଉଦ୍ଭିଦ ବିଜ୍ଞାନୀ ଡ. ଆର୍ନନ କହିଛନ୍ତି, ଏକାଥରେ ୩୦୦ମିଲିମିଟର ବର୍ଷା ହୋଇ ୧୫ ଦିନ ବର୍ଷା ନ ହେଲେ ଫସଲ ସମ୍ପୂର୍ଣ୍ଣ ମରିଯାଏ, କିନ୍ତୁ ଏହି ବର୍ଷା ମାସରେ ଅଳ୍ପ ଅଳ୍ପ ହେଲେ ଫସଲ ଦୁଇଗୁଣ ଅମଳ ଦିଏ। ସୁତରାଂ ବର୍ଷାର ପରିମାଣ ଅପେକ୍ଷା ଏହାର ସୁଷମ ବଣ୍ଟନ ଅଧିକ ଉପଯୋଗୀ।

ଭାରତୀୟ ପାଣିପାଗ ବିଭାଗ ରାଜ୍ୟର ବିଭିନ୍ନ ସ୍ଥାନରେ ବୃଷ୍ଟିମାପକ ଯନ୍ତ୍ର ବସାଇ ଦୈନିକ ସକାଳ ୮.୩୦ ବେଳେ ବର୍ଷା ରେକର୍ଡ କରନ୍ତି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମସ୍ତ ବ୍ଲକରେ ବୃଷ୍ଟିମାପକ ଯନ୍ତ୍ର ବସାଇ ଦୈନିକ ୮.୩୦ ବେଳେ ବର୍ଷା ରେକର୍ଡ କରନ୍ତି। ଏହା ବ୍ୟତୀତ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ, ରାଜ୍ୟ କୃଷି ବିଭାଗ ଓ ଜଳ ସମ୍ପଦ ବିଭାଗ କେତେକ ସ୍ଥାନରେ ବୃଷ୍ଟି ମାପକ ଯନ୍ତ୍ରଦ୍ୱାରା ବର୍ଷା ରେକର୍ଡ କରନ୍ତି। ଏଯାଏ ରାଜ୍ୟର ପଞ୍ଚାୟତ ସ୍ତରରେ ବୃଷ୍ଟିମାପକ ଯନ୍ତ୍ର ନାହିଁ। ଆମେ ଦେଖୁ ଗୋଟିଏ ଗ୍ରାମରେ ବର୍ଷାର ବିଭିନ୍ନତା। ଏଣୁ ସରକାର ପ୍ରତି ପଞ୍ଚାୟତରେ ଅନ୍ତତଃ ଗୋଟିଏ ଲେଖାଏ ବୃଷ୍ଟି ମାପକ ଯନ୍ତ୍ର ବସାଇବା ଅତି ଜରୁରୀ ମନେହୁଏ।

ରାଜ୍ୟରେ ମୌସୁମୀ ବର୍ଷା ଉପରେ ଖରିଫ ଫସଲ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସବୁ ଜିଲାରେ ସମାନ ବର୍ଷା ହୁଏନି। ବାର୍ଷିକ ୧୬୦୦ ମିଲିମିଟରରୁ ଅଧିକ ବର୍ଷା ମାଲକାନଗିରି ଓ ମୟୂରଭଞ୍ଜ ଜିଲାରେ ହୁଏ। ୧୩୦୦ ମିଲିମିଟରଠାରୁ କମ୍ ବର୍ଷା ବଲାଙ୍ଗୀର, ଗଞ୍ଜାମ, ନୂଆପଡ଼ା ଓ ରାୟଗଡ଼ା ଜିଲାରେ ହେଲାବେଳେ ଅବଶିଷ୍ଟ ଜିଲାଗୁଡ଼ିକରେ ୧୪୦୦–୧୫୦୦ ମିଲିମିଟର ବର୍ଷା ହୁଏ। ପ୍ରତି ଜିଲାରେ ବ୍ଲକ ମଧ୍ୟରେ ବାର୍ଷିକ ବୃଷ୍ଟିପାତରେ ମଧ୍ୟ ତାରତମ୍ୟ ଅଛି। ସୁତରାଂ ଫସଲ ଯୋଜନା ବ୍ଲକଗୁଡ଼ିକର ବର୍ଷାକୁ ଲକ୍ଷ୍ୟକରି କରାଯିବା ଆବଶ୍ୟକ।

ବର୍ଷାଜଳକୁ ସମ୍ପୂର୍ଣ୍ଣ ଭାବରେ ମୃତ୍ତିକା ମଧ୍ୟକୁ ପ୍ରବେଶ କରାଇବାକୁ ହେଲେ ଆମକୁ ଜମିରେ ହିଡ ତିଆରି ସହିତ ସମପଉନ ବନ୍ଧ ଓ ଖାଇ ନିର୍ମାଣ କରିବାକୁ ହେବ। ଆଡ଼ିବନ୍ଧ ନିର୍ମାଣ, ଧୋଡ଼ା ନିୟନ୍ତ୍ରଣ, ଫାର୍ମ ପୋଖରୀ ନିର୍ମାଣ, ଜଳ ଅମଳ ପ୍ରକଳ୍ପ ଓ ପରିସ୍ରବଣ ପୋଖରୀ ଇତ୍ୟାଦି ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ। ବର୍ଷା ପାଣିର ଗତିପଥ ବଦଳାଇ ଦେଲେ ପାଣି ବୋହିଯିବାକୁ ଅଧିକ ସମୟ ନେବ ଓ ଧାରେଧୀରେ ମାଟି ମଧ୍ୟକୁ ପ୍ରବେଶ କରି ମୃତ୍ତିକାସ୍ଥ ଛିଦ୍ର ମଧ୍ୟରେ ସଞ୍ଚିତ ହୋଇ ରହିବ ଯାହାକି ବର୍ଷର ଦୁଇଟି ଫସଲ ପାଇଁ ଯଥେଷ୍ଟ।

ସ୍ୱସ୍ଥାନ ଜଳ ସଂରକ୍ଷଣ ପାଇଁ ମୃତ୍ତିକା ସଂରକ୍ଷଣ ବିଭାଗ କେତେକ କୌଶଳ ପ୍ରବର୍ତ୍ତନ କରିଛନ୍ତି, ଯାହାକୁ ଚାଷୀମାନେ ଗ୍ରହଣ କରିବା ଆବଶ୍ୟକ। ଜମିର ନିମ୍ନ ଭାଗରେ ଫାର୍ମ ପୋଖରୀ ନିର୍ମାଣ କଲେ ବର୍ଷାଜଳ ସଂଗୃହୀତ ହୋଇ ଫସଲ ପାଇଁ ସହାୟକ ହେବ ଓ ମାଛ ଚାଷ ପାଇଁ ସୁଯୋଗ ସୃଷ୍ଟି କରିବ। ବର୍ଷାଜଳ ତଳକୁ ବୋହିଯିବା ପୂର୍ବରୁ ଏହାକୁ ଅଟକାଇ ରଖିବା ବୁଦ୍ଧିମାନର କାର୍ଯ୍ୟ। ବିଲ ପାଣି ବିଲରେ, ଗାଁର ପାଣି ଗାଁରେ – ଏହାକୁ ମନେରଖିବା ଉଚିତ। ଏତକି କହିଲେ ଯଥେଷ୍ଟ ହେବ ଯେ ଯେହେତୁ ରାଜ୍ୟର ୬୦ ପ୍ରତିଶତ ଜମି ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ ବର୍ଷାଜଳ ସଂରକ୍ଷଣ ଓ ପରିଚାଳନା ଉପରେ ସମସ୍ତଙ୍କ ଧ୍ୟାନ କେନ୍ଦ୍ରିତହେବା ଜରୁରୀ।

**ମୋ:୯୪୩୭୦୭୧୧୯୦**

## ଏଇ ଭାରତରେ

ମହାରାଷ୍ଟ୍ର ପୁଣେର ଜୁନ୍ନାର ଅଞ୍ଚଳରେ ଏକ ପରିବାର ପରିସଂସ୍ଥା ସୁରକ୍ଷା କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ରମେଶ ଖାରମେଲ, ତାଙ୍କ ସ୍ତ୍ରୀ ସ୍ୱାତୀ ଏବଂ ଦୁଇ ସନ୍ତାନ ମୟୂରେଶ ଓ ବୈଷ୍ଣବୀ ଏହି କାର୍ଯ୍ୟ କରୁଛନ୍ତି। ରମେଶ ଭାରତୀୟ ସେନାର ଯବାନ ଥିଲେ। ସେଥିରୁ ଅବସର ନେବା ପରେ ବ୍ୟାଙ୍କରେ କିଛି ବର୍ଷ କାମ କରିବା ପରେ ୨୦୨୧ରେ ତାଙ୍କ ଅଞ୍ଚଳରେ ଜଳ ସଂରକ୍ଷଣ ପାଇଁ ଖାଇ ଖୋଳିବା ଆରମ୍ଭ କରିଦେଇଥିଲେ। ସେ ପ୍ରତିଦିନ ସକାଳେ ୪ ଘଣ୍ଟା ସମୟ ଦେଇ ୭୦ଟି ଖାଇ ଖୋଳି ସାରିଛନ୍ତି। ପାହାଡ଼ରୁ ଗଡ଼ି ଆସୁଥିବା ପାଣିକୁ ଖାଇରେ ଜମା କରି ଭୂତଳ ଜଳ ସ୍ତର ବଢ଼ାଇ ପାରିଛନ୍ତି। ଏଗୁଡ଼ିକରେ ପ୍ରତି ବର୍ଷାଋତୁରେ ୮ ଲକ୍ଷ ଲିଟର ପାଣି ଜମା ହୋଇ ରହୁଛି। ଏହାବ୍ୟତୀତ ରମେଶଙ୍କ ପରିବାରରେ ଗଛ ଲଗାଉଛନ୍ତି ଏବଂ ଏହି କାର୍ଯ୍ୟରେ ସ୍ଥାନୀୟ ଯୁବକ ଓ ଗ୍ରାମବାସୀଙ୍କୁ ସାମିଲ କରିଛନ୍ତି। କେବଳ ଏତିକି ନୁହେଁ ସେ ମଧ୍ୟ ଠାଣେ, ପୁଣେ, ସୋଲାପୁର, ନାସିକ, ବାରାମତି ଓ ସାଙ୍ଗଲି ଆଦି ଅଞ୍ଚଳରେ ୪୦୦ରୁ ଅଧିକ ସ୍କୁଲକୁ ଯାଇ ପିଲାମାନଙ୍କୁ ପରିସଂସ୍ଥାର ସଂରକ୍ଷଣ ଉପରେ ଶିକ୍ଷା ଦେଉଛନ୍ତି। ସ୍ୱାତୀ ଛତ୍ରପତି ଶିବାଜୀଙ୍କ ସମୟରେ ଖୋଳାଯାଇଥିବା କୂଅଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ଏହି କାର୍ଯ୍ୟ ସମେତ ବୃକ୍ଷ ରୋପଣରେ ତାଙ୍କ ପୁଅ ଓ ଝିଅ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଜୁନ୍ ୧୯୭୬

- ବୃହତ୍ତର କଟକ ଉନ୍ନୟନ ସଂସ୍ଥା ପକ୍ଷରୁ ତୁଳସୀପୁରଠାରେ ୩୨ ଲକ୍ଷ ଟଙ୍କା ବ୍ୟୟରେ ବାସଗୃହ ନିର୍ମାଣ ଯୋଜନାର ଶିଳାନ୍ୟାସ।
- ଥର୍ମାଲ ବିଦ୍ୟୁତ୍ କେନ୍ଦ୍ରର ୨ୟ ପର୍ଯ୍ୟାୟର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 7 | | | | 8 | |
| | | | | 8 | | | | |
| | | | | | 6 | 7 | | 1 |
| | 9 | 2 | 5 | 1 | | | | |
| | | | 2 | | 4 | 6 | | 5 |
| 3 | | | | | | | | |
| | 8 | | 9 | | | | | |
| | | | | 4 | | | | 6 |
| | | | | | 5 | 1 | 9 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 8 | 5 | 9 | 2 | 1 | 4 | 3 |
| 1 | 5 | 2 | 6 | 4 | 3 | 9 | 7 | 8 |
| 3 | 9 | 4 | 7 | 8 | 1 | 6 | 5 | 2 |
| 6 | 4 | 1 | 9 | 7 | 8 | 3 | 2 | 5 |
| 2 | 8 | 7 | 1 | 3 | 5 | 4 | 6 | 9 |
| 5 | 3 | 9 | 4 | 2 | 6 | 7 | 8 | 1 |
| 9 | 1 | 5 | 2 | 6 | 7 | 8 | 3 | 4 |
| 4 | 7 | 3 | 8 | 5 | 9 | 2 | 1 | 6 |
| 8 | 2 | 6 | 3 | 1 | 4 | 5 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା କବଳିତ ଯୁବ ସମାଜ

ମହାଶୟ,

ସାମ୍ପ୍ରତିକ ସମାଜରେ ଯୁବପିଢ଼ି ଦାୟିତ୍ୱବାନ୍ ହେବା ବଦଳରେ ଦାୟିତ୍ୱହୀନ ହେବାରେ ଲାଗିଛନ୍ତି। ଭାରତ ଆଜି ନିଶା କାରବାରର ଗନ୍ତାଘର ପାଲଟିଯାଇଛି। ଯୁବସମାଜ ଏକ ସୁସ୍ଥ ରାଷ୍ଟ୍ର ଗଠନ କରିବା ପରିବର୍ତ୍ତେ ନାନା ପ୍ରକାର ମାଦକଦ୍ରବ୍ୟ ଦ୍ୱାରା କବଳିତ ହୋଇସାରିଲେଣି। ତଥ୍ୟ ଅନୁସାରେ ୨୦୧୭ରେ ଭାରତରେ ନିଶା କାରବାର ୧୦ ଲକ୍ଷ କୋଟି ଥିଲା ଏବଂ ୨୦୨୦ ବେଳକୁ ଏହାର ମାତ୍ରା ବଢ଼ି ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ଅଛି । ସରକାରୀ ତଥ୍ୟ ଅନୁସାରେ ଭାରତରେ ୧୦ ରୁ ୧୭ ବର୍ଷ ବୟସର ଛାତ୍ରୀଛାତ୍ର ଅଧିକ ନିଶାଗ୍ରସ୍ତ । ଭାରତରେ ପ୍ରତ୍ୟେକ ଦିନ ୪୦ କୋଟିରୁ ଅଧିକ ଲୋକ ନିଶାଗ୍ରସ୍ତ ହେଉଛନ୍ତି, ସେଥିରୁ ୧୮ କୋଟି ମଦ ଦ୍ୱାରା ଓ ୨୨ କୋଟି ଲୋକ ଅନ୍ୟ ମାଦକ ଦ୍ରବ୍ୟ ଦ୍ୱାରା କବଳିତ । ବିଭିନ୍ନ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁସାରେ ଓଡ଼ିଶାରେ ପ୍ରାୟ ୬୦–୭୦ ଲକ୍ଷ ଲୋକ ନିଶା ସେବନ କରୁଛନ୍ତି । ସେହିପରି ଯୁବପିଢ଼ି ଅଧିକ ତମାଖୁ ସେବନ କରି ମୁଖ କର୍କଟରେ ପୀଡ଼ିତ ହେଉଛନ୍ତି। ନିଶାଠାରୁ ଦୂରେଇ ରହିବା ପାଇଁ ଅନେକ ବାର୍ତ୍ତା ଦିଆଯାଉଛି, କିନ୍ତୁ ତାହା ଯୁବ ସମାଜକୁ ପ୍ରଭାବିତ କରି ପାରୁନାହିଁ । ସରକାର ଏ ଦିଗରେ ନାନା ପଦକ୍ଷେପ ନେଉଥିଲେ ମଧ୍ୟ ତାହା କେବଳ କାଗଜ କଲମରେ ସୀମିତ । ନିଶା କବଳିତ ଯୁବ ସମାଜ ବିକଶିତ ରାଷ୍ଟ୍ର ନିର୍ମାଣରେ ଆହ୍ୱାନ ପାଲଟିଛି ।

**–ଦେବେନ୍ଦ୍ର ଆଚାର୍ଯ୍ୟ, ରୂପସା, ବାଲେଶ୍ୱର**

## ଚିରନ୍ତନୀ

ତରଳାଇ ନିର୍ଜୀବ ଏ
ପାଷାଣର ଅଙ୍ଗ
ଜୀବନ–ରସର କେତେ
ଉଠିଛି ତରଙ୍ଗ।
–(ପୁରୀ–ମନ୍ଦିର)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜ୍ୟର କୃଷି ପ୍ରଗତି: ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ପାଇଁ ଏକ ସଫଳ ସୋପାନ


କନକ ବର୍ଦ୍ଧନ ସିଂହଦେଓ

ରାଜ୍ୟର ଅଧିକାଂଶ ଜନସଂଖ୍ୟାର ମୁଖ୍ୟ ଆଧାର ହେଉଛି କୃଷି, ଯେଉଁମାନେ କି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ନିଜର ଜୀବିକା ପାଇଁ କୃଷି ଉପରେ ନିର୍ଭରଶୀଳ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକ ମିଳିତ ଭାବରେ ମୋଟ ଶ୍ରମଶକ୍ତିର ୪୯% (PLFS, ୨୦୨୩- ୨୪) ନିୟୋଜିତ କରନ୍ତି ଏବଂ ରାଜ୍ୟର ଏକମାତ୍ର ବୃହତ୍ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର ରୂପେ ପରିଗଣିତ। ବିଗତ ଦିନର କୃଷି ଏବଂ ଆଜିର କୃଷି ଭିତରେ ଅନେକ ବାଟ ଆମେ ଆଗେଇ ଆସିଛେ, ଦୀର୍ଘ ଏକ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ କୃଷିକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଅଣାଯାଇପାରିଛି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ମାଧ୍ୟମରେ। ରାଜ୍ୟର କୃଷିକ୍ଷେତ୍ର ଠିକ୍ କୃଷିନୀତି, ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ, ଜଳବାୟୁ ପ୍ରତିରୋଧୀ କୃଷି ପଦ୍ଧତି ଏବଂ ଡିଜିଟାଇଜେଶନ ଭଳି ପଦକ୍ଷେପ ଗ୍ରହଣକରି ଉଲ୍ଲେଖନୀୟ ଅଭିବୃଦ୍ଧି ଓ ରୂପାନ୍ତରଣ ଆଣିପାରିଛି। ଏତଦ୍‌ବ୍ୟତୀତ ରାଜ୍ୟର କୃଷିକ୍ଷେତ୍ର ଏକ ପ୍ରଗତିଶୀଳ ପରିବର୍ତ୍ତନ ଦେଇ ଗତିକରୁଛି, ଫଳରେ ଏହା ରେକର୍ଡ ପରିମାଣ ଖାଦ୍ୟଶସ୍ୟ ଉତ୍ପାଦନ, ଆବଶ୍ୟକ ନିବେଶ ଏବଂ ଅନ୍ତର୍ଭୁକ୍ତୀକରଣ ପଦ୍ଧତିକୁ ଆପଣାଇ ଏକ ନୂତନ ସମ୍ଭାବନା ଦିଗରେ ଅଗ୍ରସର ହେଉଛି। ରାଜ୍ୟ ଏହାର ବଜେଟ ଆବଣ୍ଟନ, ଅଭିନବ ଯୋଜନା ପ୍ରଣୟନ, କୃଷି କ୍ଷେତ୍ରରେ ଅନ୍ତର୍ଭୁକ୍ତୀକରଣ ଏବଂ ସମସ୍ତ ସାମାଜିକ ବର୍ଗଙ୍କ ବିକାଶ ଦିଗରେ ଉଲ୍ଲେଖନୀୟ ଅଭିବୃଦ୍ଧି କରିଛି।

ରାଜ୍ୟ ସରକାର ୨୦୨୪-୨୫ ବର୍ଷଠାରୁ ରାଜ୍ୟରେ କୃଷି ବିକାଶ ଧାରାର ଏକ ବ୍ୟାପକ ଆଭିମୁଖ୍ୟକୁ ପ୍ରତିଫଳିତ କରିବା ସଙ୍ଗେ ସଙ୍ଗେ ଆର୍ଥିକ ସହାୟତା, ଭିତ୍ତିଭୂମି ବିକାଶ, ନୀତି ସମନ୍ୱୟ ଏବଂ ଅନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟସ୍ତରୀୟ ଗବେଷଣା ଏବଂ ବିକାଶରେ ଅଂଶୀଦାର ସଂସ୍ଥାଗୁଡ଼ିକ ସହିତ ସହଯୋଗକୁ ସମନ୍ୱିତ କରିପାରିଛି। ରାଜ୍ୟର କ୍ଷୁଦ୍ରଚାଷୀମାନଙ୍କର ରୋଜଗାର ବୃଦ୍ଧି ଏବଂ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି, ଯାହାକି ବିଗତ ୩ ବର୍ଷର କୃଷି ବଜେଟ ଆବଣ୍ଟନରେ ପ୍ରତିଫଳିତ ହୋଇଛି। ଏହା ସରକାରଙ୍କ କୃଷି ପ୍ରତି ଥିବା ଅଙ୍ଗୀକାରବଦ୍ଧତାକୁ ପ୍ରତିପାଦନ କରୁଛି।

ରାଜ୍ୟର ଧାନଚାଷୀମାନଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବା ଏବଂ ଚାଷୀମାନଙ୍କୁ ସମାଜର ଆର୍ଥିକ ମୁଖ୍ୟସ୍ରୋତରେ ସାମିଲକରିବା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଚଳିତ ବର୍ଷରୁ ଚାଷୀମାନଙ୍କ ନିମନ୍ତେ 'ସମୃଦ୍ଧ କୃଷକ ଯୋଜନା' ନାମରେ ଏକ ନୂତନ ଯୋଜନା ପ୍ରଣୟନକରି ଇନ୍‌ପୁଟ ସହାୟତା ବାବଦକୁ ଚାଷୀମାନଙ୍କୁ ପ୍ରତି କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବା MSP (୨୩୦୦ ଟଙ୍କା) ସହ ଅତିରିକ୍ତ ୮୦୦ ଟଙ୍କା ମିଶାଇ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେଇ ଧାନ କ୍ରୟ କରାଯାଉଛି। ୨୦୨୩-୨୪ ଖରିଫ ଋତୁରେ ୧୩.୩୬ ଲକ୍ଷ ଚାଷୀଙ୍କଠାରୁ ୫୮.୦୩ ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ କରାଯାଇଥିଲା ଏବଂ ୨୦୨୪-୨୫ ବର୍ଷରେ ୧୬.୬୦ ଲକ୍ଷ ଚାଷୀଙ୍କଠାରୁ ୭୩.୪୫ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ କୃଷିକ୍ଷେତ୍ର ଏବଂ ଖାଦ୍ୟ ଥାଳିରେ ପୁଷ୍ଟିଶସ୍ୟକୁ ପୁନରୁଦ୍ଧାର କରିବାର ଦାୟିତ୍ୱ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ ଏବଂ ଜଳବାୟୁ-ପ୍ରତିରୋଧୀ ପୁଷ୍ଟିଶସ୍ୟ-ଆଧାରିତ କୃଷି ପ୍ରଣାଳୀ ମାଧ୍ୟମରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ରୋଜଗାରରେ ଉନ୍ନତି ଆଣିବା, ଅନ୍ତର୍ଭୁକ୍ତୀକରଣ, ସାମାଜିକ ନ୍ୟାୟ ନୀତି ସହିତ ମହିଳା ଏବଂ ଆଦିବାସୀ ସମ୍ପ୍ରଦାୟର ଉନ୍ନତ ଆୟ, ପୋଷଣ ଏବଂ ସଶକ୍ତୀକରଣକୁ ସୁନିଶ୍ଚିତ କରିବା ସହ ଆମ ରାଜ୍ୟକୁ ପୁଷ୍ଟିଶସ୍ୟ ହବ୍‌ରେ ପରିଣତ କରିବା ପାଇଁ ସରକାର ଦୃଢ଼ ପରିକର। ଏହି ଅଭିଯାନ ବର୍ତ୍ତମାନ ଓଡ଼ିଶାର ସମସ୍ତ ୩୦ ଜିଲାରେ ୧୭୭ଟି ବୃଷ୍ଟିପୁଷ୍ଟ ବ୍ଲକ୍‌ରେ କାର୍ଯ୍ୟକାରୀ କରାଯାଉଛି। ରାଜ୍ୟ ସରକାର ପ୍ରତି କୁଇଣ୍ଟାଲ ପିଛା ୪,୨୯୦ ଟଙ୍କା ସର୍ବାଧିକ ସହାୟକ ମୂଲ୍ୟ ବ୍ୟତୀତ କୁଇଣ୍ଟାଲ ପିଛା ଅତିରିକ୍ତ ୨୧୦ ଟଙ୍କା ବର୍ଦ୍ଧିତ ପ୍ରୋତ୍ସାହନ ସହାୟତା ପ୍ରଦାନକରି ମାଣ୍ଡିଆ କ୍ରୟ କରୁଛନ୍ତି। ୨୦୨୪-୨୫ ବର୍ଷରେ ୭.୬୪ ଲକ୍ଷ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି। କୃଷିକୁ ଅଧିକ କାର୍ଯ୍ୟକ୍ଷମ, ଲାଭଦାୟକ ଏବଂ ଯୁବପିଢ଼ିଙ୍କୁ କୃଷି ପ୍ରତି ଆକର୍ଷିତ କରିବା ପାଇଁ କୃଷି ଯନ୍ତ୍ରପାତିକୁ ଲୋକପ୍ରିୟ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଗ୍ରହଣ କରିଛନ୍ତି।

କୃଷି ଉତ୍ପାଦନ ଏବଂ ଖାଦ୍ୟଶସ୍ୟର ଉପଲବ୍ଧତା ବୃଦ୍ଧି, କୃଷି ରପ୍ତାନି ବୃଦ୍ଧି, ଶ୍ରମିକ ଅଭାବକୁ ହ୍ରାସ, ଦୁର୍ଲଭ ପ୍ରାକୃତିକ ସମ୍ପଦ ଏବଂ କୃଷି ସାମଗ୍ରୀର ବିଚାରପୂର୍ଣ୍ଣ ବ୍ୟବହାରକୁ ସହଜ କରିବା ନିମନ୍ତେ କୃଷି ଯାନ୍ତ୍ରିକୀକରଣ ଉପରେ ଧ୍ୟାନ ଦିଆଯାଇଛି। ୨୦୨୪-୨୫ରେ ରାଜ୍ୟର କୃଷି ଶକ୍ତି ବ୍ୟବହାର ୨.୬୦କିଲୋୱାଟ୍/ହେକ୍ଟରରେ ପହଞ୍ଚିଛି। ୨୦୩୬ ସୁଦ୍ଧା ଏହା ୩.୫ କିଲୋୱାଟ୍/ହେକ୍ଟରରେ ପହଞ୍ଚିବା ପାଇଁ ଯୋଜନା ରହିଛି। ରାଜ୍ୟର କୃଷି ଶକ୍ତି ଉତ୍ପାଦନକୁ ବୃଦ୍ଧିକରିବା ପାଇଁ ସରକାର ଚାଷୀମାନଙ୍କୁ ରିହାତି ଆକାରରେ ଆର୍ଥିକ ସହାୟତା ପ୍ରଦାନକରି ଉନ୍ନତ କୃଷି ଯନ୍ତ୍ରପାତି ଏବଂ ଉପକରଣ କ୍ରୟ କରିବାକୁ ଉତ୍ସାହିତ କରିଆସୁଛନ୍ତି।

ରାଜ୍ୟରେ ସିଏମ୍ କିଷାନ ଯୋଜନାରେ ସହରାଞ୍ଚଳର କୃଷକମାନଙ୍କୁ ଅନ୍ତର୍ଭୁକ୍ତକରି ସରକାର ନିଜର କର୍ତ୍ତବ୍ୟ ପାଳନ କରିଛନ୍ତି। ଏହି ଯୋଜନାର ସହାୟତା ରାଶି ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ପରି ବିଭିନ୍ନ କୃଷି ସାମଗ୍ରୀ କିଣିବା ସହ ଶ୍ରମ ଦେୟ ଏବଂ ଅନ୍ୟାନ୍ୟ ଚାଷଜନିତ ଖର୍ଚ୍ଚ ପୂରଣ କରିବାରେ ସାହାଯ୍ୟ କରିବ। କୃଷି ବିଦ୍ୟା ନିଧି ଯୋଜନାରେ ସିଏମ୍ କିଷାନ ଯୋଜନାର ହିତାଧିକାରୀମାନଙ୍କ ପିଲାମାନଙ୍କୁ ରାଜ୍ୟ ଭିତରେ ଏବଂ ବାହାରେ ବୃତ୍ତିଗତ/ବୈଷୟିକ ପାଠ୍ୟକ୍ରମ ଅଧ୍ୟୟନ ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି।

ଧାନ ଉପରେ ବ୍ୟାପକ ନିର୍ଭରଶୀଳତା ସତ୍ତ୍ୱେ ରବିଋତୁରେ ସୀମିତ ଜଳସେଚନ ସୁବିଧା ଫସଲ ଉତ୍ପାଦନରେ ବାଧକ ସାଜିଥାଏ, ଯାହାକି ଆମ ରାଜ୍ୟ ପାଇଁ ଏକ ସମସ୍ୟା। ଏହି ସମସ୍ୟାର ସମାଧାନ କରିବା ଏବଂ କୃଷି ଉତ୍ପାଦକତା ବୃଦ୍ଧିକରିବା ପାଇଁ ରାଜ୍ୟ ସରକାର ଧାନ ଫସଲ ଅମଳ ପରବର୍ତ୍ତୀ ଜମିର ପରିଚାଳନା ଭଳି ଏକ ନବସୃଜନ ପଦ୍ଧତି ଉପରେ ଗୁରୁତ୍ୱ ଦେଇ ଧାନ ଚାଷ ପରେ ମାଟିରେ ଥିବା ଅବଶିଷ୍ଟ ଆର୍ଦ୍ରତାକୁ ବ୍ୟବହାରକରି ପତିତ ଜମିକୁ ଉତ୍ପାଦକ କୃଷିକ୍ଷେତ୍ରରେ ପରିଣତ କରିବା ସହ ସ୍ୱଳ୍ପ ଅବଧିର ଡାଲି ଏବଂ ତୈଳବୀଜ ଫସଲ ଚାଷ ପାଇଁ ବିଶେଷ ଧ୍ୟାନ ଦେଉଛନ୍ତି। ଏହି ନବସୃଜନ ପଦ୍ଧତି ମାଟିର ଉର୍ବରତା ପୁନରୁଦ୍ଧାର ଏବଂ ତାହାକୁ ବଜାୟ ରଖିବାରେ ସାହାଯ୍ୟକରେ, ଫଳରେ ଫସଲ ଉତ୍ପାଦନ, ବିବିଧତା ଏବଂ ପୁଷ୍ଟି ସୁରକ୍ଷାକୁ ବୃଦ୍ଧିକରେ।

ଆନ୍ତର୍ଜାତିକ ଖାଦ୍ୟ ଯୋଜନା ଗବେଷଣା ପ୍ରତିଷ୍ଠାନ (IFPRI) ଏହି ଯୋଜନାର ଏକ ସ୍ୱାଧୀନ ମୂଲ୍ୟାୟନକରି କିପରି ଭାବରେ ଏହି ନବସୃଜନ କୃଷି ଚାଷୀମାନଙ୍କର ରୋଜଗାର ବୃଦ୍ଧି କରିପାରିଛି, ସେ ବିଷୟରେ ସବିଶେଷ ବିବରଣୀ ପ୍ରକାଶ ପାଇଛି।

ରାଜ୍ୟରେ ରସାୟନମୁକ୍ତ ଜୈବିକ ଚାଷକୁ ଉତ୍ସାହିତ କରିବା ନିମନ୍ତେ ଓ ବଳଭଦ୍ର ଜୈବିକ ଚାଷ ମିଶନ ପରି ଏକ ପ୍ରମୁଖ କାର୍ଯ୍ୟକ୍ରମ ଜରିଆରେ ମୃତ୍ତିକାର ଜୈବ ଅଙ୍ଗାର ବୃଦ୍ଧି ନିମନ୍ତେ ତାଲିମ ଦିଆଯିବ। କନ୍ଧମାଳ ଜିଲାର ଦାରିଙ୍ଗିବାଡ଼ି ବ୍ଲକ୍ ଏବଂ ମାଲକାନଗିରିର ସ୍ୱାଭିମାନ ଅଞ୍ଚଳକୁ ଜୈବିକ କୃଷିକୁ ରୂପାନ୍ତରଣ ନିମନ୍ତେ କାର୍ଯ୍ୟକ୍ରମ ରହିଛି। ଏହାଦ୍ୱାରା ଜୈବ ଉତ୍ପାଦ କେନ୍ଦ୍ରର ସ୍ଥାପନା, କୃଷକମାନଙ୍କୁ ପ୍ରୋତ୍ସାହନ ପ୍ରଦାନ, ଜୈବିକ ବିହନ ଉତ୍ପାଦନ, ମୂଲ୍ୟ ଯୋଗକରଣ ଏବଂ ଜୈବିକ ଉତ୍ପାଦର ବଜାର ସମ୍ପର୍କ ସ୍ଥାପନା ଦ୍ୱାରା ରପ୍ତାନିକୁ ପ୍ରୋତ୍ସାହିତ କରାଯିବା ଏହି ମିଶନର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶା ଧାନ ଅନେକ ଭୂପ୍ରଜାତିର ଜୈବ-ବିବିଧତାରେ ସମୃଦ୍ଧ। ଅଧିକ ଅମଳକ୍ଷମ ଧାନର ବ୍ୟାପକ ବିସ୍ତାର ସତ୍ତ୍ୱେ ଏବେ ବି ଶହ ଶହ ଦେଶୀ ଜୈବିକ ପ୍ରଣାଳୀ ଧାନ ପ୍ରଜାତି ରାଜ୍ୟରେ ଚାଷ କରାଯାଉଛି। ସମ୍ପ୍ରତି ଓଡ଼ିଶା ସରକାର ଅମୃତ ଅନ୍ନ ଯୋଜନା ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ କୋଠଭୋଗ ଏବଂ ମହାପ୍ରସାଦ ପ୍ରସ୍ତୁତି ନିମନ୍ତେ ବ୍ୟାପକ ଜମିରେ ଜୈବିକ ପ୍ରଣାଳୀ ଧାନଚାଷ କରିବା ପାଇଁ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହା ଜଗନ୍ନାଥ ସଂସ୍କୃତିକୁ ଅଧିକ ଗୌରବାନ୍ୱିତ କରିବ।

କୃଷି ବିପଣନ ବ୍ୟବସ୍ଥାକୁ ବ୍ୟବସ୍ଥିତ ଓ ସୁଦୃଢ଼ କରିବା ନିମନ୍ତେ ରାଜ୍ୟରେ ଶୀତଳଭଣ୍ଡାର ଭିତ୍ତିଭୂମିକୁ ସୁଦୃଢ଼କରିବା ଲକ୍ଷ୍ୟନେଇ ୫୮ଟି ଉପଖଣ୍ଡ ସ୍ତରରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯାଇ ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ରୋକିବା ସହ କୃଷି ଉତ୍ପାଦର ଉପଯୁକ୍ତ ମୂଲ୍ୟ ଦ୍ୱାରା ବଜାର ସୁବିଧା ଯୋଗାଇଦେଇ ଚାଷୀମାନଙ୍କର ରୋଜଗାର ବୃଦ୍ଧି କରାଯାଇପାରିବା ସହ ଅଭାବୀ ବିକ୍ରି ମଧ୍ୟ ରୋକାଯାଇପାରିବ। କୃଷକମାନଙ୍କର ଉତ୍ପାଦର ମୂଲ୍ୟଯୁକ୍ତ, ବିକ୍ରିବଟା ଓ ବଜାର ସଂଯୋଗୀକରଣ ପାଇଁ କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକର ସାମର୍ଥ୍ୟ ବୃଦ୍ଧି ନିମନ୍ତେ ସହଯୋଗ କରାଯାଉଛି। APEDA ଓ PSFPO ପ୍ରକଳ୍ପ ସହଯୋଗରେ ବିଭାଗ ଦ୍ୱାରା ୭ଟି ଜିଲାର ୨୪ଟି କୃଷକ ଉତ୍ପାଦକ ସଙ୍ଗଠନ ମାଧ୍ୟମରେ ହାରାହାରି ୫୦ ମେଟ୍ରିକ ଟନ୍ ଆମ୍ବ ଏବଂ ତାଜା ପନିପରିବା ଓଡ଼ିଶାରୁ ମଧ୍ୟପ୍ରାଚ୍ୟ, ଦୁବାଇ, କାତାର ଓ ୟୁରୋପିଅନ ରାଷ୍ଟ୍ର ସମୂହ(England, Ireland, Italy, Poland)କୁ ରପ୍ତାନି ଆରମ୍ଭ କରାଯାଇଛି। କୃଷକ ଉତ୍ପାଦକ ସଙ୍ଗଠନର ସଶକ୍ତୀକରଣ ପାଇଁ ଏବଂ କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟରେ ଏକ ଉତ୍କର୍ଷ କେନ୍ଦ୍ର (CoE) ପ୍ରତିଷ୍ଠା କରାଯାଇଛି।

କୃଷି ଉତ୍ପାଦନ କ୍ଲଷ୍ଟର ଯୋଜନା ୧୦୦ଟି ଆଦିବାସୀ ବହୁଳ ବ୍ଲକ୍‌ରେ କୃଷି ଉତ୍ପାଦନ କ୍ଲଷ୍ଟର (APCs) ସ୍ଥାପନ କରାଯାଇ ଜୀବିକା ସମ୍ପଦ ସୃଷ୍ଟିକରିବା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପାଇଁ ବଜାର ସଂଯୋଗର ବ୍ୟବସ୍ଥା କରାଯିବାର ବ୍ୟବସ୍ଥା କରାଯାଇଛି। ୧୬ ଜିଲାର ୧୦୦ଟି ବ୍ଲକ୍‌ରେ ୨,୫୮,୩୫୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ନେଇ ୨,୧୪୮ ଉତ୍ପାଦକ ଗୋଷ୍ଠୀ ଏବଂ ୬୨ ଉତ୍ପାଦକ କମ୍ପାନୀକୁ ପ୍ରୋତ୍ସାହିତ କରାଯାଇଛି। ଉତ୍ପାଦକ ଗୋଷ୍ଠୀର ଚାଷୀମାନଙ୍କ ଦ୍ୱାରା ୧୧,୩୭୭ ଲକ୍ଷ ଟଙ୍କାର ସାମୂହିକ ବିପଣନ କରାଯାଇଛି।

ନିକଟ ଅତୀତରେ ମୁଁ ଏବଂ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଜାନୁଆରୀ ୨୩ ରୁ ୨୫, ୨୦୨୫ ପର୍ଯ୍ୟନ୍ତ ମହାରାଷ୍ଟ୍ରର ନାସିକରେ ଥିବା ସହ୍ୟାଦ୍ରି ଫାର୍ମ ପରିଦର୍ଶନ କରିଥିଲୁ। ଏହି ଗସ୍ତର ଉଦ୍ଦେଶ୍ୟ ଥିଲା କୃଷି ବ୍ୟବସାୟରେ ସର୍ବୋତ୍ତମ ଅଭ୍ୟାସ ଅନୁସନ୍ଧାନ କରିବା, ନବସୃଜନଶୀଳ ଚାଷୀ ସହାୟତା ବ୍ୟବସ୍ଥାକୁ ବୁଝିବା ଏବଂ ସହ୍ୟାଦ୍ରି ଫାର୍ମ ଏବଂ ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ମଧ୍ୟରେ ସମ୍ଭାବ୍ୟ ସହଯୋଗ ଚିହ୍ନଟ କରିବା ସହ ରାଜ୍ୟର ଚାଷୀମାନଙ୍କୁ ସଶକ୍ତ ଏବଂ ଉଦ୍ୟୋଗ ପ୍ରତିଷ୍ଠା ପ୍ରତି ପ୍ରୋତ୍ସାହିତ କରାଇବା।

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଜଳ ସମ୍ପଦ ବିଭାଗ ଏବଂ Bankers Institute of Rural Development (BIRD), ଲକ୍ଷ୍ନୌର ମିଳିତ ସହଯୋଗରେ ଏପ୍ରିଲ ୧୯ ରୁ ୨୬, ୨୦୨୫ ପର୍ଯ୍ୟନ୍ତ ୧୪ ଜଣ କୃଷକ ଏବଂ ୧୪ ଜଣ ଉଦ୍ୟାନ କୃଷି ଅଧିକାରୀ ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ(OIIPCRA) ଅଧୀନରେ ମାଲେସିଆ ଗସ୍ତ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକାରୀ ଓ କୃଷକମାନେ ସ୍ୱଳ୍ପ ଜମି ଏବଂ ସ୍ୱଳ୍ପ ଜଳ ସମ୍ପଦ ବ୍ୟବହାରକରି ମତ୍ସ୍ୟ ଚାଷ ତଥା ଆନୁଷଙ୍ଗିକ ଚାଷର ଉନ୍ନତି, ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ସମ୍ବନ୍ଧୀୟ ହାଇ-ଟେକ୍ ହାଇଡ୍ରୋପୋନିକ୍ସର ବ୍ୟବହାର, ବିଭିନ୍ନ କୃଷିଜାତ ଦ୍ରବ୍ୟର ଅବଶିଷ୍ଟାଂଶରୁ ଛତୁ ଉତ୍ପାଦନ ଏବଂ ପ୍ରକ୍ରିୟା କରଣ ଏବଂ ତଦ୍ୱାରା କର୍ମନିଯୁକ୍ତି ଏବଂ ଅଧିକ ଆୟର ସମ୍ଭାବନା ବିଷୟରେ ଜ୍ଞାନ ଆହରଣ ସହ କ୍ଷେତ୍ର ପରିଦର୍ଶନ କରିଥିଲେ।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ତଥା ଏହାର ଆନୁଷଙ୍ଗିକ କ୍ଷେତ୍ରରେ ବିନିଯୋଗର ଅଭିବୃଦ୍ଧି ନିମନ୍ତେ ଯୁବ ଉଦ୍ୟୋଗୀମାନଙ୍କ ବ୍ୟବସାୟଭିତ୍ତିକ ଭିତ୍ତିଭୂମି ପ୍ରତିଷ୍ଠା ସହ ନିଜର ଆର୍ଥିକ ଉନ୍ନତି ଏବଂ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ରାଜ୍ୟ ସରକାରଙ୍କ ଏକ ମୁଖ୍ୟ ଯୋଜନା ଯେଉଁଥିରେ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ସର୍ବାଧିକ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ପାଇବାର ବ୍ୟବସ୍ଥା ଅଛି। ରାଜ୍ୟର କୃଷିକ୍ଷେତ୍ରରେ ଆପିକଲ୍ ଏକ ପ୍ରେରକ ଶକ୍ତି ରୂପେ କାମ କରିଚାଲିଛି, ଯେଉଁଥିରେ କୃଷି ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ସହ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି।

କୃଷିକ୍ଷେତ୍ରରେ ଜଳ ସଂରକ୍ଷଣ ଆବଶ୍ୟକତାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଯନ୍ତ୍ର ସାହାଯ୍ୟରେ କ୍ଷେତପୋଖରୀ ଖନନ କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ନେଇଛନ୍ତି। ଏହି କ୍ଷେତ ପୋଖରୀ କୃଷି କାର୍ଯ୍ୟ ତଥା ଉଚ୍ଚ ମୂଲ୍ୟଯୁକ୍ତ ଫସଲ ଏବଂ ପନିପରିବା ଚାଷ କରିବାରେ ସହାୟତା କରିବା ସହ ଗୃହ ଓ ପ୍ରାଣୀପାଳନ ନିମିତ୍ତ ଜଳ ଯୋଗାଇଥାଏ। ଏହା ମାଧ୍ୟମରେ ଜଳବାୟୁର ସ୍ଥାୟୀ ସଂରଚନା ସହିତ କୃଷକଙ୍କ ଆୟକୁ ବହୁଗୁଣ ଏବଂ ବାରମ୍ବାର ଅନିୟମିତ ପାଣିପାଗ ଘଟଣାକୁ ପ୍ରତିହତ କରିବାରେ ସାହାଯ୍ୟ କରିଥାଏ।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସୁନାମପ୍ରାପ୍ତ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ସହାୟତାରେ ଅନ୍ତର୍ଭୁକ୍ତ ଓ ପରିବେଶ ଅନୁକୂଳ କୃଷିକୁ ପ୍ରାଧାନ୍ୟ ଦେଇ ସହଭାଗିତାରେ ଜଳବାୟୁ ପରିବର୍ତ୍ତନ ଆଧାରିତ କୃଷି, ତଥ୍ୟ ଆଧାରିତ କୃଷି, ଲିଙ୍ଗଗତ ସାମ୍ୟତା ଓ ବିଜ୍ଞାନଭିତ୍ତିକ କୃଷି ଉପରେ ଗୁରୁତ୍ୱ ଦିଆଯାଉଛି। ଜଳବାୟୁ ଅନୁକୂଳ କୃଷି ଉପରେ ପ୍ରାଧାନ ଦେଇ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନକରିବା ସଙ୍ଗେ ସଙ୍ଗେ କୃଷିକ୍ଷେତ୍ରକୁ ସଶକ୍ତ ସହ ସୁସ୍ଥାୟୀ କୃଷିକୁ ସୁନିଶ୍ଚିତକରି ରାଜ୍ୟର କୃଷିକ୍ଷେତ୍ରରେ ଏକ ବୈପ୍ଳବିକ ରୂପାନ୍ତରଣ ଆଣିବା ପାଇଁ ବଦ୍ଧପରିକର। ରାଜ୍ୟର କୃଷକମାନଙ୍କର ରୋଜଗାର ବୃଦ୍ଧି ସହ ସେମାନଙ୍କ କୃଷି ଭବିଷ୍ୟତକୁ ସାକାର କରିବାକୁ ଆଜିର ସରକାର ନୂତନ ଜ୍ଞାନକୌଶଳ ବ୍ୟବହାର କରିବା ସହ କୃଷିବୀମାକୁ ମଧ୍ୟ ବ୍ୟାପକ କରିବାକୁ ସମସ୍ତଙ୍କୁ ସଚେତନ କରାଯାଉଛି।

ରାଜ୍ୟର କୃଷି ପ୍ରଗତି ପଥରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଭାବଶାଳୀ ନେତୃତ୍ୱ ଓ ଦିଗ୍‌ଦର୍ଶୀ ଯୋଜନା ପ୍ରଣୟନ ନିଶ୍ଚିତ ଭାବରେ ଓଡ଼ିଶାକୁ ଏକ ବଳିଷ୍ଠ କୃଷି ନେତୃତ୍ୱ ଦେବା ସଙ୍ଗେ ସଙ୍ଗେ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ନିମନ୍ତେ ଏକ ସଫଳ ସୋପାନ ପ୍ରସ୍ତୁତି ସହ ରାଜ୍ୟର କୃଷି ପ୍ରଗତିକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ପ୍ରେରଣାଦାୟକ ସାବ୍ୟସ୍ତ ହୋଇପାରିଛି।

**(ଲେଖକ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ)**

## ରାଜଧାନୀରେ ନିର୍ମାଣ ହେବ ୩୦ ଜିଲାର ଅତିଥି ଭବନ: ରାଜସ୍ୱ ମନ୍ତ୍ରୀ

**ପ୍ରତି ଅତିଥି ଭବନରେ ରହିବ ୧୦୦ କୋଠରି**

ଭୁବନେଶ୍ୱର,୯।୬(ରବିନାରାୟଣ ଜେନା)

ରାଜ୍ୟର ୩୦ ଜିଲାର ଲୋକଙ୍କ ପାଇଁ ରାଜଧାନୀରେ ଅତିଥି ଭବନ ନିର୍ମାଣ ହେବ। ଏହାଦ୍ୱାରା ରାଜ୍ୟବାସୀ ବିଶେଷ ଭାବେ ଉପକୃତ ହେବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରବିବାର କହିଛନ୍ତି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର କୋଣ ଅନୁକୋଣରୁ ଅନେକ ଲୋକ ରାଜଧାନୀକୁ ସ୍ୱାସ୍ଥ୍ୟସେବା ପାଇଁ ଧାଇଁ ଆସିଥାନ୍ତି। ଏହାସହ ଉଚ୍ଚଶିକ୍ଷା ଲାଭ ତଥା ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ସୁବିଧା ପାଇବା ପାଇବା ପାଇଁ ମଧ୍ୟ ଭୁବନେଶ୍ୱର ଆସିଥାନ୍ତି। ଏଠି ରହିବା ଲାଗି ସେମାନେ ହୋଟେଲ କିମ୍ବା ଅନ୍ୟ ଜାଗାରେ ରହିବାରେ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଲୋକଙ୍କ ସୁବିଧା ପାଇଁ ଅତିଥି ଭବନ ନିର୍ମାଣ ହେବ। ଏହାଦ୍ୱାରା ଲୋକମାନେ ସୁବିଧାରେ ରହି ନିଜ ଜରୁରୀ କାମ କରିପାରିବେ। ପ୍ରତି ଜିଲା ପାଇଁ ୧୦୦ କୋଠରିବିଶିଷ୍ଟ ଅତିଥି ଭବନ ନିର୍ମାଣ ହେବ। ୩୦ ଜିଲା ପାଇଁ ୩୦୦୦ କୋଠରି ନିର୍ମାଣ କରାଯିବ। ପ୍ରତି ଜିଲା ନାମରେ ଏହାକୁ ନାମିତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଲୋକେ ସହଜ ଓ ସୁବିଧାରେ ରହିବା ସୁଯୋଗ ପାଇପାରିବେ। ଲୋକଙ୍କୁ ରୋଜଗାର ମିଳିବ। ଏହାର ରକ୍ଷଣାବେକ୍ଷଣ ପାଇଁ ନିଯୁକ୍ତି ସୃଷ୍ଟିହେବ। ରାଜ୍ୟ ସରକାରଙ୍କ ନୂଆ ନିଷ୍ପତ୍ତି କାର୍ଯ୍ୟରେ ପରିଣତ ହେଲେ ଉପାନ୍ତ, ଦୁର୍ଗମ ତଥା ଶହ ଶହ କିଲୋମିଟର ଦୂରରୁ ଭୁବନେଶ୍ୱର ଆସୁଥିବା ଲୋକଙ୍କୁ ସାମୟିକ ସମୟ ପାଇଁ ରହିବା ଓ ଫ୍ରେସ୍ ହେବା ଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବନାହିଁ।

## ଆଜି ଅପରାହ୍ନ ୨ ଯାଏ ମହାପ୍ରଭୁଙ୍କ ଦର୍ଶନ ବନ୍ଦ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ମଙ୍ଗଳବାର ମହାପ୍ରଭୁଙ୍କ ସେନାପଟାଲାଗି ନୀତି ଅନୁଷ୍ଠିତ ହେବ। ସେନାପଟା ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ପ୍ରଦାନ କରିଥାଏ। ତେଣୁ ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମା ପହଣ୍ଡି ପୂର୍ବରୁ ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ସେନାପଟା ଲାଗି କରାଇଥାନ୍ତି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ଏହା ଅନ୍ୟତମ। ତେଣୁ ଏହି ଗୁପ୍ତ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ। ସୋମବାର ୯ ତାରିଖ ରାତ୍ର ଆଳତି ପହୁଡ଼ଠାରୁ ମଙ୍ଗଳବାର ଅର୍ଥାତ ୧୦ ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସେନାପଟାଲାଗି ନୀତି ଅନୁଷ୍ଠିତ ହେବ। ତେଣୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କୁ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୯।୬
(ରବିନାରାୟଣ ଜେନା)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ପୁଣ୍ୟ ତିଥିରେ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟ ନେତୃବୃନ୍ଦ ବିଧାନସଭାସ୍ଥିତ ଏବଂ ସାଲିଆ ସାହିଠାରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଦେଶର ମୁକ୍ତି ସଂଗ୍ରାମ, ବନ୍ଧୁଆ ମଜଦୁରୀ, ଆଦିବାସୀଙ୍କ ଜମି ହଡ଼ପ ଏବଂ ସୁଧଖୋର ଜମିଦାରଙ୍କ ବିରୋଧରେ ସେ ଜୀବନ ବ୍ୟାପୀ ଅବିରତ ସଂଗ୍ରାମ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭୂତି ମିଶ୍ର, ଉଦିତ ପ୍ରଧାନ, ସୁଭାଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଇଡି ବିସ୍ଫୋରଣ: ଏଏସ୍‌ପି ଶହୀଦ, ୨ ଗୁରୁତର

ମାଲକାନଗିରି, ୯।୬(ଦୁର୍ଯ୍ୟୋଧନ ପାତ୍ର)

କାଳିମେଳା ବ୍ଲକ୍ ମୋଟୁଠାରୁ ମାତ୍ର ୨ କି.ମି.ଦୂର ଛତିଶଗଡର କୋଣ୍ଟା ବ୍ଲକ୍ ଅନ୍ତର୍ଗତ ଚିକାବାରିଗୁଡେମଠାରେ ସୋମବାର ଆଇଇଡି ବିସ୍ଫୋରଣରେ ଏଏସ୍‌ପି ଆକାଶ ରାଓ ଶହୀଦ ହୋଇଥିବା ବେଳେ ଅନ୍ୟ ୨ ପୋଲିସ ଅଧିକାରୀ ଗୁରୁତର ହୋଇଛନ୍ତି।

ପ୍ରକାଶ ଯେ, କୋଣ୍ଟା ତହସିଲଠାରୁ ୩ କି.ମି.ଦୂର ଚିକାବାରିଗୁଡେମ ଗ୍ରାମ ନିକଟ ପାହାଡ଼ରେ ଶ୍ରୀହରି ନାମକ ଜଣେ ଠିକାଦାରଙ୍କ ରାସ୍ତା କାମରେ ନିୟୋଜିତ ପୋକ୍‌ଲିନ୍‌କୁ ରବିବାର ମାଓବାଦୀମାନେ ଜାଳି ଦେଇଥିଲେ। ଏହି ଘଟଣାର ତଦନ୍ତ କରିବା ପାଇଁ ସୋମବାର କୋଣ୍ଟା ଅତିରିକ୍ତ ଏସ୍‌ପି ରାଓ, ଆଇଆଇସି ଓ ଡିଏସ୍‌ପିଙ୍କ ସମେତ ପ୍ରାୟ ୨୦ ଜଣ ଯାଇଥିଲେ। ତେବେ ପୂର୍ବରୁ ପୋଡି ଯାଇଥିବା ପୋକ୍‌ଲିନ ନିକଟରେ ମାଓବାଦୀମାନେ ଖଞ୍ଜିଥିବା ପ୍ରେସର ବୋମା ସଂସ୍ପର୍ଶରେ ଆସି ଏଏସ୍‌ପି ଓ ଅନ୍ୟ ୨ଜଣ ଗୁରୁତର ହୋଇଥିଲେ। ସାଥୀ ଯବାନ ମାନେ ତୁରନ୍ତ ତାଙ୍କୁ କୁଣ୍ଟା ପ୍ରାଥମିକ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ରାଓଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୨ଜଣଙ୍କୁ ହେଲିକପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରାଯାଇଥିବା ବେଳେ ଘଟଣାସ୍ଥଳରେ ପୋଲିସ ପକ୍ଷରୁ କୋମ୍ବିଂକୁ ଜୋର୍‌ଦାର କରାଯାଇଛି। ଏହି ଘଟଣାରେ କୋଣ୍ଟା ଏଲ୍‌ଓଏସ୍ ମାଓବାଦୀ ସଙ୍ଗଠନ ପକ୍ଷରୁ ଏହି ଆଇଇଡି ଲଗାଯାଇଥିବା ଜଣାପଡ଼ିଛି। ଘଟଣା ପରେ ମାଓବାଦୀମାନେ ମୋଟୁ ସାବେରୀ ନଦୀ ଦେଇ ଓଡ଼ିଶାକୁ ଆସିଥିବା ସନ୍ଦେହ କରି ବିଏସ୍‌ଏଫ୍ ଓ ଏସ୍‌ଓଜି ପକ୍ଷରୁ ସୀମା ସିଲ୍ କରି ଯାଞ୍ଚ ପ୍ରକ୍ରିୟା କଡା କଡି କରାଯାଇଛି।


ମୃତ ଏଏସ୍‌ପି ଆକାଶ ରାଓ।

## ଲିଫ୍ଟରେ ୨ ଘଣ୍ଟା ଫସିରହିଲେ ୨ ଭଉଣୀ, ଉଦ୍ଧାର କଲା ଅଗ୍ନିଶମ ଟିମ୍

ବ୍ରହ୍ମପୁର,୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଗିରିରୋଡ ମୁଖ୍ୟ ରାସ୍ତାରେ ଥିବା ୪ ମହଲା ବିଶିଷ୍ଟ କୋଠାର ଲିଫ୍ଟରେ ସୋମବାର ଦୁଇ ଭଉଣୀ ଫସି ରହିଥିଲେ। ୨ ଘଣ୍ଟା ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲିଫ୍ଟଟି ଅଧାରେ ଅଟକି ଯାଇଥିଲା ବୋଲି ଜଣାପଡ଼ିଛି। ଉଦ୍ଧାର ୨ ମହିଳା ହେଲେ ବ୍ରଜନଗର ତୃତୀୟ ଲାଇନର ସୌଦାମିନୀ ମେହେର(୪୨) ଓ ସରିତା ମେହେର(୪୦)। ଉଦ୍ଧାର ବେଳେ ଉଭୟେ ଅଣନିଃଶ୍ୱାସୀ ହୋଇପଡିଥିଲେ। ସେମାନଙ୍କୁ କିଛି ସମୟ ପାଇଁ ଶୀତତାପ ନିୟନ୍ତ୍ରିତ ରୁମ୍‌ରେ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଥିଲା ବୋଲି ଅଗ୍ନିଶମ ବିଭାଗର ହାବିଲଦାର ଶତ୍ରୁଘ୍ନ ଦାଶ କହିଛନ୍ତି। ଦୁଇ ଭଉଣୀ ଅଗ୍ନିକଙ୍କୁ କୃତଜ୍ଞତା ଜଣାଇଥିଲେ। ସୁସ୍ଥ ହେବା ପରେ ସେମାନେ ଘରକୁ ଫେରିଛନ୍ତି।

ସୌଦାମିନୀ ଓ ତାଙ୍କ ଭଉଣୀ ସରିତା ଗିରିରୋଡରେ ଥିବା କେ.ଭି.ଆର ପ୍ଲାଜାର ୪ର୍ଥ ମହଲାରେ ଥିବା ଏକ ବ୍ୟାଙ୍କକୁ ଯାଇଥିଲେ। ସେଠାରୁ ବ୍ୟାଙ୍କ ଅନ୍ୟତ୍ର ଘୁଞ୍ଚି ଯାଇଥିବା ଜାଣିବା ପରେ ସେମାନେ ଲିଫ୍ଟରେ ତଳକୁ ଆସୁଥିବା ବେଳେ ତାହା ଚତୁର୍ଥ ଓ ତୃତୀୟ ମହଲା ମଝିରେ ଅଟକି ରହିଗଲା। ଦୁଇ ଭଉଣୀ କ'ଣ କରିବେ ବୁଝିପାରି ନଥିଲେ। ଦୀର୍ଘ ସମୟ ପରେ ସେମାନେ ୧୧୨କୁ ଫୋନ କରି ଜଣାଇଥିଲେ। ଖବରପାଇ ବ୍ରହ୍ମପୁର ସହକାରୀ ଅଗ୍ନିଶମ ଅଧିକାରୀ ଦାୟିତ୍ୱରେ ଥିବା ପ୍ରଦୀପ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୮ଜଣିଆ ଟିମ ସେଠାରେ ପହଞ୍ଚି ଲିଫ୍ଟ ଚାଳକଙ୍କୁ ଫୋନ କରି ଡାକିଥିଲେ। ଲିଫ୍ଟକୁ ମାନୁଆଲ ମୋଡ଼ କରି ଅଗ୍ନିଶମ କର୍ମଚାରୀ ସେଥିରେ ଥିବା ତା'ରଗୁଡିକ ଧୀରେ ଧୀରେ ତଳକୁ ଛାଡି ପ୍ରଥମ ମହଲାକୁ ଆଣିଥିଲେ। ପରେ ଲିଫ୍ଟର ମେକାନିକଙ୍କ ପାଖରେ ଥିବା ମାଷ୍ଟର ଚାବି ସାହାଯ୍ୟରେ ଗେଟ ଖୋଲାଯାଇ ୨ ଭଉଣୀଙ୍କୁ ଉଦ୍ଧାର କରାଯାଇଥିଲା।


ଉଦ୍ଧାର ହୋଇଥିବା ଦୁଇ ଭଉଣୀ।

## ପିକ୍‌ଅପ୍ ଭ୍ୟାନ୍-ବାଇକ୍ ମୁହାଁମୁହିଁ, ବାପପୁଅଙ୍କ ମୃତ୍ୟୁ

ବାଲିଗୁଡ଼ା,୯।୬ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁଦ୍ରା ପଞ୍ଚାୟତ ଗାଲିଗୁରା ଗାଁ ନିକଟରେ ରବିବାର ସନ୍ଧ୍ୟାରେ ଏକ ପଣସ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ସହିତ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାପପୁଅଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ରୁଡୁଙ୍ଗିଆ ପଞ୍ଚାୟତ ସିରିସପାଙ୍ଗା ଗ୍ରାମର ହେମ କହଁର ଓ ତାଙ୍କ ପୁଅ ନୀଳମଣି କହଁର। ଏହି ଘଟଣାର ପ୍ରତିବାଦରେ ସୋମବାର ବାଲିଗୁଡ଼ା ଉପଖଣ୍ଡ ମେଡିକାଲ ସମ୍ମୁଖରେ ମୃତକଙ୍କ ସମ୍ପର୍କୀୟ ୫ ଲକ୍ଷ ଟଙ୍କା ଦାବି କରି ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଓ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି।

ପ୍ରକାଶ ଯେ, ସିରିସପାଙ୍ଗା ଗ୍ରାମର ହେମ ଓ ତାଙ୍କ ପୁଅ ନୀଳମଣି ଖମନଖୋଲ ଅଞ୍ଚଳକୁ କାମ କରିବାକୁ ଯାଇଥିଲେ। ରବିବାର ସନ୍ଧ୍ୟାରେ ଉଭୟେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଗାଲିଗୁରା ଗାଁ ନିକଟରେ ଏକ ପଣସ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାପପୁଅ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଅଟକ ରଖିବା ସହ ପୋଲିସକୁ ଜଣାଇଥିଲେ। ଗୁରୁତର ହେମ ଓ ନୀଳମଣିଙ୍କୁ ବାଲିଗୁଡ଼ା ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠରେ ହେମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ନୀଳମଣିଙ୍କୁ ଅଧିକ ଚିକିତ୍ସା ପାଇଁ ଫୁଲବାଣୀ ମେଡିକାଲକୁ ପଠାଯାଇଥିଲା। ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବଚସାରୁ ଗଣ୍ଡଗୋଳ, ତୀର ମାଡ଼ରେ ଜଣେ ଗୁରୁତର

**ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର, ଜଣେ ଅଟକ**

କୋରୁକୋଣ୍ଡା,୯।୬(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ଥାନା ରାସବେଡା ପଞ୍ଚାୟତ ପାଲକାଗୁଡା ଗ୍ରାମର ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ତୀର ମାଡ଼ରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ପାଲକାଗୁଡା ଗ୍ରାମରେ ରହୁଥିବା ଶ୍ରୀପତି ମୁଦୁଲି(୪୫)।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ପାଲକାଗୁଡା ଗ୍ରାମରେ ରହୁଥିବା ହରି ମୁଦୁଲିଙ୍କ ପୁଅ ହାଡ଼ି ମୁଦୁଲି ଏବଂ ସେହି ଗ୍ରାମରେ ରହୁଥିବା ଶ୍ରୀପତିଙ୍କ ମଧ୍ୟରେ ଗତ ୮ ତାରିଖରେ କୌଣସି କାରଣରୁ ବଚସା ହୋଇଥିଲା। ଏହା ପରେ ହାଡ଼ି ଶ୍ରୀପତିଙ୍କ ଘରକୁ ଆସି ତାଙ୍କୁ ଟାଙ୍ଗିଆରେ ହାଣିବା ସହିତ ତୀର ମାରିବାକୁ ଧମକ ଦେଇ ଯାଇଥିଲେ। ଏହା ପରେ ସେହିଦିନ ସନ୍ଧ୍ୟା ପ୍ରାୟ ୭ଟାରେ ଶ୍ରୀପତି ହାଡ଼ିଙ୍କୁ ବୁଝାଇବା ପାଇଁ ତାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଶ୍ରୀପତି ହାଡ଼ିଙ୍କୁ କିଛି କହିବା ପୂର୍ବରୁ ହାଡ଼ି ଧନୁତୀର ଆଣି ଶ୍ରୀପତିଙ୍କ ଛାତିକୁ ମାରିଥିଲେ। ତୀର ମାଡ଼ ହେବା ପରେ ସେ ଜୋରରେ ଚିତ୍କାର କରିଥିଲେ। ଶ୍ରୀପତିଙ୍କ ପରିବାର ଲୋକେ ତାଙ୍କ ପାଟି ଶୁଣି ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଛାତିରେ ପଶିଥିବା ତୀର ନ ବାହାରିବାରୁ ଡାକ୍ତର ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯାଇଥିଲା। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଇଥିବା ଜଣାପଡ଼ିଛି।

ତୀର ମାଡ଼ରେ ଗୁରୁତର ହୋଇଥିବା ଶ୍ରୀପତିଙ୍କ ଝିଅ ପୂର୍ଣ୍ଣିମା ସୋମବାର ଓର୍କେଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୬୭/୨୫ରେ ଏକ ମାମଲା ରୁଜୁ କରିଛି। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ଘଟଣାରେ ସମ୍ପୃକ୍ତ ଥିବା ହାଡ଼ିଙ୍କୁ ଅଟକ ରଖିବା ସହିତ ତାଙ୍କ ନିକଟରୁ ଧନୁ ଓ ତୀର ଜବତ କରିଛି। ଶ୍ରୀପତିଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ପଠାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।


ଗୁରୁତର ଶ୍ରୀପତି ମୁଦୁଲି।

## ସଂକ୍ଷେପରେ

### ଯୋଡ଼ା ବିଇଓଙ୍କୁ ଚମ୍ପୁଆ ଡିଡିଓ ଦାୟିତ୍ୱ



ଚମ୍ପୁଆ,୯।୬(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଶିକ୍ଷାଧିକାରୀ କ୍ଷେତ୍ର ମୋହନ ହାଁସଦା ସୋମବାର ଚମ୍ପୁଆ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଡିଡିଓ ଭାବରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଚମ୍ପୁଆ ବ୍ଲକ୍ ଶିକ୍ଷାଧିକାରୀ ପ୍ରକାଶ ସାହୁଙ୍କ ବଦଳି ପରେ ଦାୟିତ୍ୱ ହସ୍ତାନ୍ତରକୁ ନେଇ ନାନା କଳ୍ପନା ଜଳ୍ପନା ଲାଗି ରହିଥିଲା। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ନରେନ୍ଦ୍ର ନାଏକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମାତ୍ର ଆର୍ଥିକ ନେଣଦେଣ କ୍ଷମତା ପାଇଁ ଜଣେ ଡିଡିଓଙ୍କ ଆବଶ୍ୟକତା ରହିଥିଲା। ସୋମବାର ବିଧିବଦ୍ଧ ଭାବରେ କ୍ଷେତ୍ର ମୋହନ ହାଁସଦା ଡିଡିଓ ଚାର୍ଜ ଗ୍ରହଣ କରିଥିଲେ। ଶିକ୍ଷକ ସଂଘ ସଭାପତି ଚିତରଞ୍ଜନ ମହାନ୍ତ, ସମ୍ପାଦକ ପ୍ରଦୀପ ମହାନ୍ତଙ୍କ ସମେତ ଶିକ୍ଷକ ହଳଧର ମହାନ୍ତ, ମିତ୍ରଭାନୁ ମହାନ୍ତ, ପରମେଶ୍ୱର ମହାନ୍ତ, ସଦାଶିବ ନାଏକ, ସୁଜିତ ମିଶ୍ର, ଫିରୋଜ ଗିରି ସମେତ ବହୁ ଶିକ୍ଷକ ତାଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ପାଟଣା,୯।୬(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଖଲିଆପଡ଼ା ଓ ମୂଷାପଡ଼ା ରାସ୍ତା ମୁଶାପଡା ନାଳ ନିକଟରେ ରବିବାର ଅପରାହ୍ନରେ ବାଇକ୍ ଦୁର୍ଘଟଣା ହେବାରୁ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଖଲିଆପଡ଼ା ଗ୍ରାମର ସୁରିଆ ନାଏକଙ୍କ ପୁଅ ଟିକି ନାଏକ(୫୫)। ସେ ଅପରାହ୍ନରେ ମୂଷାପଡ଼ାର ପରେଶ ନାଏକଙ୍କ ବାଇକ୍ ପଛରେ ବସି କୌଣସି କାମରେ ମୂଷାପଡ଼ାକୁ ଯାଉଥିଲେ। ଏହି ସମୟରେ ରାସ୍ତାର ବୁଲାଣି ନିକଟରେ ବାଇକ୍ ଭାରସାମ୍ୟ ହରାଇବାରୁ ଖସିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପାଟଣା ଥାନାରେ ଏକ ମାମଲା(ନଂ. ୧୧୫/୨୫) ରୁଜୁ ହୋଇଥିବା ଥାନା ଏଏସ୍ଆଇ ଧନେଶ୍ୱର ପାତ୍ର କହିଛନ୍ତି।

### ରେଳଧାରଣାରୁ ଖଣ୍ଡ ବିଖଣ୍ଡିତ ମୃତଦେହ ଜବତ

ଯୋଡ଼ା,୯।୬(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ମୁର୍ଗା ମହାଦେବ ରୋଡ୍ ଷ୍ଟେସନ ନିକଟ ରେଳ ଧାରଣାରୁ ରବିବାର ଜଣେ ଅଜଣା ବ୍ୟକ୍ତିଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ରେଳବାଇ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ବୟସ ୪୦ ରୁ ୪୫ ମଧ୍ୟରେ ହେବା ନେଇ ଅନୁମାନ କରାଯାଉଛି। ରବିବାର ବିଳମ୍ବିତ ରାତିରେ ରେଳ ଧାରଣ ଅତିକ୍ରମ କରୁଥିବା ସମୟରେ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଖବର ପାଇ ସ୍ଥାନୀୟ ରେଳବାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଧର୍ମପରାୟଣାଙ୍କ ପରଲୋକ

ଛେନାପଦି,୯।୬(ନିରାକାର ପରିଡ଼ା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଞ୍ଚୁଗୋଛିଆ ପଞ୍ଚାୟତ ଆଡ଼ହୁରିଆ ଗ୍ରାମର କମଳା ଶତପଥୀ(୭୪)ଙ୍କ ସୋମବାର ପରଲୋକ ଘଟିଛି।



ସେ ଜଣେ ଧର୍ମପରାୟଣା, ପରୋପକାରୀ, ବନ୍ଧୁବତ୍ସଳ ଓ ଅତି ଅମାୟିକ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଶିବ କୁମାର ଶତପଥୀ, ଶାନ୍ତନୁ ଶତପଥୀ, ପ୍ରଶାନ୍ତ ଶତପଥୀ, ସୁଶାନ୍ତ ଶତପଥୀ ଏବଂ ପୁତ୍ରବଧୂ, ନାତୁଣୀ, ନାତି, ଝିଅ ଜ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ସରପଞ୍ଚ ଦିନେଶ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ପୁଅ ଶିବ କୁମାର ମୁଖାଗ୍ନି ଦେଇଥିଲେ।

# ଆସିଲେନି କୃଷକ, ଅଧିକାରୀ ନିରାଶ

## ବିକଶିତ କୃଷି ସଂକଳ୍ପ ଅଭିଯାନ

ଢେଙ୍କିକୋଟ,୯।୬(ନୀଳମଣି ମଣ୍ଡଳ)



ସଭାରେ ଚେୟାର ଖାଲି ପଡ଼ିଛି।

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତରେ କେନ୍ଦୁଝର ଜିଲା କୃଷି ବିଜ୍ଞାନ ଦ୍ୱାରା ବିକଶିତ କୃଷି ସଂକଳ୍ପ ଅଭିଯାନ ସଭା ସୋମବାର ପୂର୍ବାହ୍ନ ୮ ଟାରେ ଅନୁଷ୍ଠିତ ହୋଇଯାଇଛି। ମାତ୍ର ପୂର୍ବରୁ ଢେଙ୍କିକୋଟ ଅଞ୍ଚଳର କୃଷକ ଭାଇଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ଚେୟାର ଖାଲିପଡ଼ିଥିବା ଦେଖିବାକୁ ମିଳିଥିଲା। କେବଳ ନିକଟସ୍ଥ ଗ୍ରାମର ହାତ ଗଣତି କେତେଜଣ ମହିଳାଙ୍କୁ ସଭାସ୍ଥଳରେ ଦେଖିବାକୁ ମିଳିଥିଲା।

ଢେଙ୍କିକୋଟ ପଞ୍ଚାୟତ ମଣ୍ଡପରେ ଘଟଗାଁ ବ୍ଲକ୍ ଏଗ୍ରିକଲଚର ଓଭରସିୟୋର ସଞ୍ଜୟ କୁମାର ବଳଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁଝରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରୁ ଅଧିକାରୀମାନେ ଯୋଗଦେଇଥିଲେ। ମାତ୍ର ସଭାରେ କୃଷକଙ୍କ ଅନୁପସ୍ଥିତି ଦେଖି ନିରାଶ ହୋଇଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ରାଉତ ଓ କର୍ମଚାରୀ ମଧ୍ୟ ସଭା ସମ୍ପର୍କରେ ଅବଗତ ହୋଇ ନ ଥିବା ପ୍ରକାଶ କରିଛନ୍ତି। ତେଣୁ ଘଟଗାଁ ବ୍ଲକ୍‌ରେ କୃଷି ଭିତ୍ତିକ କାର୍ଯ୍ୟକ୍ରମ କେବଳ କାଗଜ କଲମରେ ଚାଲିଥିବା କୁହାଯାଉଛି। ଏଗ୍ରିକଲଚର ଓଭରସିୟୋର ସଞ୍ଜୟ କୁମାର ବଳଙ୍କୁ ପଚାରିବାରୁ କହିଛନ୍ତି, ଏ ଅଞ୍ଚଳରେ ଥିବା ୫ ଜଣ କୃଷକ ସାଥିଙ୍କୁ କୁହାଯାଇଥିଲା। ଅନ୍ୟମାନଙ୍କୁ କାହାରିକୁ କୁହା ଯାଇନାହିଁ। ମହିଳା ନିଶ୍ଚିତ ଭାବେ ୩୦ ରୁ ୪୦ ଶତକଡ଼ା ରହିବା ଆବଶ୍ୟକ ବୋଲି ମଧ୍ୟ ସେ କହିଥିଲେ। ସଭାରେ ଘଟଗାଁ ବ୍ଲକ୍ ଏଗ୍ରିକଲଚର ଅଫିସର ରାଜେନ୍ଦ୍ର ଦାସ, ଅତିରିକ୍ତ ଏଗ୍ରିକଚର ଅଫିସର ଅମ୍ବିକା ପ୍ରସାଦ ଦାସ, ବ୍ଲକ୍ ଟେକ୍ନୋଲୋଜି ମ୍ୟାନେଜର ବିଚିତ୍ର କୁମାର ପଣ୍ଡା, କେନ୍ଦୁଝର କୃଷି ବିଜ୍ଞାନ କେନ୍ଦ୍ରର ଡ. ଅମ୍ବିକା ମହାପାତ୍ର, କେନ୍ଦୁଝର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦୀପକ ହେମ୍ବ୍ରମ ଓ ଢେଙ୍କକୋଟ ସରପଞ୍ଚ ଖଇର ନାଏକ ଉପସ୍ଥିତ ଥିଲେ। ଉପସ୍ଥିତ ମହିଳା ଓ ପୁରୁଷ କୃଷକ ସାଥିଙ୍କୁ ରାଜ୍ୟ ଓ କେନ୍ଦ୍ର ଭାଜପା ସରକାରଙ୍କ ମିଳିତ ଉଦ୍ୟମରେ କୃଷି ଭିତ୍ତିକ ଉନ୍ନତି କରଣ ବିଷୟରେ ପଚାରି ବୁଝିଥିଲେ ଓ ବୁଝାଇଥିଲେ।

# ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ପାଇଁ ଶିଳାନ୍ୟାସ

ପାଟଣା,୯।୬(ବୀର କିଶୋରଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଇଦ ବଜା ଗ୍ରାମରେ ସୋମବାର ମଧ୍ୟାହ୍ନ ୧୨ଟାରେ ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସବିର କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ବିର୍ସା ମୁଣ୍ଡାଙ୍କ ସ୍ମୃତି ଚାରଣ କରିଥିଲେ। ଏଥି ସହିତ ଉପସ୍ଥିତ ଗ୍ରାମବାସୀ ଏବଂ କୁନି କୁନି ଛୁଆଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଟଣା ମଣ୍ଡଳ ଭାଜପା ସଭାପତି ବ୍ରଜବନ୍ଧୁ ସେଠୀ, ଯୁବମୋର୍ଚ୍ଚା ସଭାପତି ନୀତେଶ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ସୁଦର୍ଶନ ମୁଣ୍ଡା ଏବଂ ମହାନ୍ତି ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିର୍ସା ମୁଣ୍ଡାଙ୍କ ଶହୀଦ ଦିବସ ପାଳିଲା ଭାଜପା ଆଦିବାସୀ ମୋର୍ଚ୍ଚା




ଭାଜପା ଆଦିବାସୀ ମୋର୍ଚ୍ଚାର ସ୍ଥାନୀୟ ନେତା ଓ ଭାଜପା କର୍ମକର୍ତ୍ତାମାନେ।

କେନ୍ଦୁଝର,୯।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଭାଜପା ଆଦିବାସୀ ମୋର୍ଚ୍ଚା ପକ୍ଷରୁ ଭଗବାନ ବିର୍ସାମୁଣ୍ଡାଙ୍କ ୧୨୫ତମ ଶହୀଦ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅର୍ଶଳା ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ଥିବା ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶତାଧିକ ଭାଜପା ଆଦିବାସୀ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା, ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ଉପସ୍ଥିତିରେ ଭାଜପା ଆଦିବାସୀ ମୋର୍ଚ୍ଚାର ଜିଲା ସଭାପତି କମଳାକାନ୍ତ ସିଂହ, ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ନାଏକ, ମାଟୁରାମ ମୁଣ୍ଡା, ଅର୍ଶଳା ସରପଞ୍ଚ ହେମଲତା ନାଏକ, ସହୀଦ ବିର୍ସା ମୁଣ୍ଡା ଯୁଥ କ୍ଲବ୍‌ର ସଭାପତି ଶିବ ଚରଣ ପୂର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ବଉଳା/ଛେନାପଦି,୯।୬
(ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡା)

ରାଜ୍ୟରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ସୋମବାର ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବ୍ଲକ୍‌ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ମରେିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ପରିଡ଼ା, ମରେିଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀ, ଏମ୍‌ପି ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର, ଅତିରିକ୍ତ ତହସିଲଦାର ପ୍ୟାରିମୋହନ ହେମ୍ବ୍ରମ୍, ଡିପିଏ ପ୍ରତ୍ୟୁଷ୍ଣା ସାହୁ, ବିପିଏମ ମଧୁସ୍ମିତା ଦାସ ଉପସ୍ଥିତ ରହିଥିଲେ। ମୋଟ ୧୯ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସୁଭଦ୍ରା ଶକ୍ତି ମହିଳାଙ୍କ ଦ୍ୱାରା ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ପାରମ୍ପରକି ଖାଦ୍ୟ ପାଇଁ ଏହା ଏକ ସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ। ଯୁବପିଢ଼ି ଫାଷ୍ଟଫୁଡ୍ ଖାଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପାରମ୍ପାରିକ ଖାଦ୍ୟ ପ୍ରତି ଆକୃଷ୍ଟ କରାଯିବା ପାଇଁ ପ୍ରତିଯୋଗିତା ହେଉଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ସୁଭଦ୍ରା ଶକ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା କରାଯାଇଥିବା ଖାଦ୍ୟ ପ୍ରସ୍ତୁତିକୁ ଅତିରିକ୍ତ ତହସିଲଦାର, ବିଡିଓ, ଏମ୍‌ପିଙ୍କ ପ୍ରତିନିଧି ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚାରଭାବେ ମାନ ନିର୍ଦ୍ଧାରଣ କରିଥିଲେ। ଏଥିରେ ପଡ଼ିଆରୀପଲ୍ଲି ପଞ୍ଚାୟତର ମା’ ବ୍ରାହ୍ମଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କୁରାଡ଼ିଘସା ମାଣ୍ଡିଆର ପୋଡ଼ପିଠା ଓ ଲଡ୍ଡୁ କରି ୧ମ ସ୍ଥାନ, ବଡ଼ରମ୍ପାସର ମା’ ମଙ୍ଗଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୨ୟ ସ୍ଥାନ ଅଧିକାର କରିଥିଲା। ୨ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୫ ହଜାର ୪ ହଜାର ଲେଖାଏ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଭାଗ ନେଇଥିବା ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଏଲସି ମିନାକ୍ଷୀ ମୋନାଲିସା ଜେନା, ସ୍ୱର୍ଣ୍ଣରାଣି ପୃଷ୍ଟି ସହଯୋଗ କରିଥିଲେ। ବ୍ଲକ୍‌ର କର୍ମଚାରୀ ଓ ବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ରହିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାମାନେ।

# ଅଭିଯୁକ୍ତ ସ୍ତ୍ରୀ କୋର୍ଟଚାଲାଣ

## ଶିଳପୁଆ ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ ଘଟଣା

ଯୋଡ଼ା,୯।୬(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରର ୱାର୍ଡ ନଂ. ୧ର ତଳକ ହାଟିଂରେ ସ୍ତ୍ରୀର ଶିଳପୁଆ ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ସ୍ତ୍ରୀ ଲେମ୍ବ ଲୋହାର (୩୫)ଙ୍କୁ ଗିରଫ କରିଛି। ସୋମବାର ସନ୍ଧ୍ୟାରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ସମୟରେ ସ୍ୱାମୀ କେନ୍ଦୁଆ ଲୋହାର(୪୦)ଙ୍କ ସ୍ତ୍ରୀ ଲେମ୍ବଙ୍କ ସହିତ କଳହ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଲେମ୍ବ ଏକ ଶିଳପୁଆରେ ସ୍ୱାମୀଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପ୍ରଥମେ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ। ଅବସ୍ଥା ସଙ୍କଟପନ୍ନ ହେବାରୁ ପରେ କେନ୍ଦୁଝର ଓ ସେଠାରୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ନରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଯୋଡ଼ା ପୋଲିସ ସୋମବାର ସାଇଣ୍ଟିଫିକ୍ ଟିମ ସହିତ ଯାଞ୍ଚ କରିବା ସହ ଆକ୍ରମଣରେ ବ୍ୟବହୃତ ଶିଳପୁଆ ଓ ରକ୍ତ ନମୁନା ସଂଗ୍ରହ କରିଥିଲା। ଏକ ମାମଲା(ନଂ. ୧୪୭/୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଆଇଆଇସି ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ଚମ୍ପୁଆ ଏନ୍ଏସିରେ ବିକଶିତ କୃଷି ସଂକଳ୍ପ ଅଭିଯାନ

ଚମ୍ପୁଆ,୯।୬(ମହେଶ୍ୱର ଦାସ)

ନୂତନ ପ୍ରଯୁକ୍ତି ବିଦ୍ୟା ଓ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରି ଚାଷୀଙ୍କ ମତାମତ ଗ୍ରହଣ ସହିତ ଚାଷୀଙ୍କ ସହ ଆଲୋଚନା ଲକ୍ଷ୍ୟ ନେଇ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ସୋମବାର ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ୧ ନଂ. ୱାର୍ଡ ଗୋଧୂଳିଠାରେ ଅନୁଷ୍ଠିତ ହୋଇଯାଇଛି। ମେ ୨୯ରୁ ଜୁନ୍ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଅଭିଯାନରେ କୃଷି ବୈଜ୍ଞାନିକ ଓ କୃଷକଙ୍କ ମଧ୍ୟରେ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରାଯାଇଛି। ଶତାଧିକ ଚାଷୀ ଭଉଣୀ, ଭାଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କୃଷି ବୈଜ୍ଞାନିକ ସିପ୍ରା ଦାସ ମୃତ୍ତିକାର ସ୍ୱାସ୍ଥ୍ୟ ଓ କମ୍ପୋଷ୍ଟ ପ୍ରସ୍ତୁତ ପ୍ରଣାଳୀ ଉପରେ ଚାଷୀଙ୍କୁ ଅବଗତ କରିଥିଲେ। ବୈଜ୍ଞାନିକ ଡା. ଲିପ୍‌ସା ଦାଶ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଅବଗତ କରିବା ସହିତ ପଶୁପାଳନ ଓ କ୍ଷୀର ଉତ୍ପାଦନ କିପରି ବୃଦ୍ଧି ପାଇବ ସେନେଇ ପରାମର୍ଶ ପ୍ରଦାନ କରିଥିଲେ। ଅଙ୍କିତା ସାହୁ(ଭୁବନେଶ୍ୱର), ଅମ୍ରିତା ମହାପାତ୍ର, ଦୀପକ ହେମ୍ବ୍ରମ(କେନ୍ଦୁଝର) ପ୍ରମୁଖ ଯୋଗଦେଇ ଜୈବିକ କୃଷିର ଗୁରୁତ୍ୱ, ସମ୍ମାନିତ କୃଷିକନାଳୀ ମାଧ୍ୟମରେ ଚାଷ, କୃଷକ ଓଡ଼ିଶା, କୃଷିପଞ୍ଜୀକରଣ, ଡିବିଟି ମାଧ୍ୟମରେ ଲ୍ୟାମ୍ପ ଓ ଡିଲରଙ୍କ ପକ୍ଷରୁ ଧାନ ସଂଗ୍ରହ ଏବଂ ବିଶେଷ ଭାବରେ ଅଦିନିଆ ପନିପରିବା ଚାଷ ଦ୍ୱାରା ଚାଷୀ କିପରି ଅଧିକ ଲାଭବାନ ହୋଇପାରିବ ସେ ନେଇ ସୂଚନା ପ୍ରଦାନ କରିଥିଲେ। ଚାଷ କ୍ଷେତ୍ରରେ ଚାଷୀ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ପଚାରି ବୁଝିବା ସହିତ ସମାଧାନର ପନ୍ଥା ବିଷୟରେ ସୂଚନା ବ୍ଲକ୍ କୃଷି ଅଧିକାରୀ ସାରଦା ହାଁସଦା କୃଷକ ପଞ୍ଜୀକରଣ ଏବଂ ଶ୍ରୀଅନ୍ନ ଅଭିଯାନ ବିଷୟରେ ବୁଝାଇଥିଲେ। ସହକାରୀ କୃଷି ଅଧିକାରୀ ରମାମଣୀ ସାହୁ ଫସଲବିମା ଯୋଜନା, ଡିଜିଟାଲ କ୍ରପ ସର୍ଭେ ଉପରେ ମତ ରଖିଥିଲେ।

# ବିବେକାନନ୍ଦ କେନ୍ଦ୍ର ଓଡ଼ିଶା ପ୍ରାନ୍ତ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର

ବାରିପଦା,୯।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ବାରିପଦା ଉଚ୍ଚ ମାଧ୍ୟମିକ ଓ ସ୍ନାତକ ମହାବିଦ୍ୟାଳୟ ପ୍ରାଙ୍ଗଣରେ ସପ୍ତାହ ବ୍ୟାପୀ ଅନୁଷ୍ଠିତ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ନଗର ସ୍ଥାନରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ସ୍ଥାନୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିବା ୨୫ ଜଣ ଶିବିରାର୍ଥୀ ଉଚ୍ଚତର ପ୍ରଶିକ୍ଷଣ ପାଇଁ ଉକ୍ତ ପ୍ରାନ୍ତୀୟ ଶିବିରରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପ୍ରାନ୍ତ ସହ ସଂଚାଳକ ସଚ୍ଚିଦାନନ୍ଦ ପଣ୍ଡା, ପ୍ରାନ୍ତ ପ୍ରମୁଖ ଅନୀଲ କୁମାର କର, ଶିବିର ପ୍ରମୁଖ ପ୍ରଫେସର ଗୋପାଳକୃଷ୍ଣ ପାଣିଗ୍ରାହୀ ଓ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ରାଜେଶ କୁମାର ଷଡ଼ଙ୍ଗୀ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ତିମ ଦିନରେ ଓଡ଼ିଶା ପ୍ରାନ୍ତ ସଂଗଠକ ରବି ନାଇ ଓ ବାରିପଦା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରବୋଧ କୁମାର ଦେ ଶିବିରାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବୌଦ୍ଧିକ ପ୍ରମୁଖ ପ୍ରଫେସର ବାସୁଦେବ ଛାଟୋଇ ଓ ସନ୍ଦୀପ କୁମାର ଚାନ୍ଦ ବୌଦ୍ଧିକ ସତ୍ର ଏବଂ ଶାରୀରିକ କାର୍ଯ୍ୟକ୍ରମ ପ୍ରମୁଖ ରେଣୁକା ଦିଦି ଓ ଶିବଶଙ୍କର ଗିରି ଶାରୀରିକ କୌଶଳ ଓ ଦକ୍ଷତା କାର୍ଯ୍ୟକ୍ରମଗୁଡିକୁ ପରିଚାଳନା କରିଥିଲେ। ପ୍ରାନ୍ତ ସହ ସଂଗଠିକା କାଞ୍ଚନ ଅଗ୍ରୱାଲ, ନୀଳାକ୍ଷୀ ଦିଦି, ପ୍ରତାପ କୁମାର ଜେନା ପ୍ରମୁଖ ଅନ୍ୟାନ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବ୍ୟବସ୍ଥା ପ୍ରମୁଖ ସତ୍ୟବ୍ରତ ମହାନ୍ତି ଓ ରବୀନ୍ଦ୍ର କୁମାର ମହାପାତ୍ର ଶିବିରର ସମସ୍ତ ବ୍ୟବସ୍ଥା କରିଥିଲେ। ପ୍ରଫେସର ସିଦ୍ଧେଶ୍ୱର ପଣ୍ଡା, ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, କ୍ଷଣପ୍ରଭା ପଟ୍ଟନାୟକ, ଅଞ୍ଜଳି ପଣ୍ଡା, ସଂଯୁକ୍ତା ଚାନ୍ଦ, ରାଜେନ୍ଦ୍ର ନାଥ, ସୁଭଦ୍ରା ନାଥ, କରମଚାନ୍ଦ ବୈଠା, ଦୀପକ କୁମାର ଦାଶ, ମାନସ ଭାଇ, ଅନୁକୂଳ ପଟ୍ଟନାୟକ, ରମାକାନ୍ତ ମହାନ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ପରିଚାଳନାରେ ସହାୟତା କରିଥିଲେ।

# ବଢ଼ୁଛି ଜାମୁକୋଳି ଚାହିଦା

କେନ୍ଦୁଝର,୯।୬(ନରେଶ ଚନ୍ଦ୍ର ପଟ୍ଟନାୟକ)



ଯୁବକମାନେ ଜାମୁକୋଳି ସଂଗ୍ରହ କରୁଛନ୍ତି।

## କଟକ, ଭୁବନେଶ୍ୱର, ଝାଡ଼ଖଣ୍ଡ ଚାଲାଣ ହେଉଛି

କେନ୍ଦୁଝର ଜିଲାର ଜଙ୍ଗଲଜାତ ଫଳ, କୋଳିର ଚାହିଦା ଜିଲା, ରାଜ୍ୟ ତଥା ରାଜ୍ୟ ବାହାରେ ରହିଛି। ଗ୍ରୀଷ୍ମ ଋତୁରେ ପ୍ରାକୃତିକ ପରିବେଶ ତଥା ରାସ୍ତାଘାଟ, ବିଲବାଡ଼ି, ଜଙ୍ଗଲ ପାହାଡ଼ରେ ଫଳୁଥିବା ଜାମୁକୋଳିର ବହୁତ ଆଦର ରହିଛି। ଏହା ମଧୁମେହ ରୋଗୀଙ୍କ ପାଇଁ ଔଷଧ ଭାବରେ କାମ କରୁଥିବାରୁ ବହୁମାତ୍ରାରେ ଲୋକେ ପସନ୍ଦ କରୁଛନ୍ତି। ଅଙ୍ଗୁର କୋଳି ଭଳି ଦେଖାଯାଉଥିବାରୁ ଏହାକୁ ଗାଁ ଗହଳିରେ ଦେଶୀ ଅଙ୍ଗୁର ବୋଲି ମଧ୍ୟ କୁହାଯାଉଛି।

କୋଳିକୁ ଖରାଦିନରେ ଗରିବ, ଆଦିବାସୀ ଲୋକେ ରାସ୍ତାଘାଟରେ ବିକ୍ରି କରି ଦୁଇ ପଇସା ରୋଜଗାର କରୁଛନ୍ତି। ଏଥିସହ ଏହାର ଚାହିଦା କଟକ, ଭୁବନେଶ୍ୱର, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଆଦି ଜିଲାରେ ଅଧିକ ରହିଛି। ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ମଧ୍ୟ ଚାଲାଣ ହେଉଛି। ବ୍ୟବସାୟୀମାନେ କେନ୍ଦୁଝରକୁ ଆସି ଗ୍ରାମାଞ୍ଚଳରେ ବୁଲି ଜାମୁକୋଳି ସଂଗ୍ରହ କରି ପିକ୍‌ଅପ୍ ଭ୍ୟାନ, ଟ୍ରକ୍ ଯୋଗେ ଟ୍ରିପ୍ ଟ୍ରିପ୍ ନେଉଛନ୍ତି। ବାହାରେ ଦୁଇରୁ ତିନିଗୁଣା ଦରରେ ବିକ୍ରି କରୁଛନ୍ତି। ଜିଲାର ଘଟଗାଁ, ସଦର, ହରିଚନ୍ଦନପୁର ଆଦି ବ୍ଲକ ଅଞ୍ଚଳରେ ମହିଳାଙ୍କଠାରୁ ଆରମ୍ଭକରି ଛୋଟ ପିଲା ବଣ, ପାହାଡ଼, ବାଡ଼ିବଗିଚାରୁ ଜାମୁକୋଳି ସଂଗ୍ରହ କରି ବ୍ୟବସାୟୀ ଏବଂ ରାସ୍ତାକଡ଼ରେ ବସି ବିକ୍ରି କରିଥାଆନ୍ତି। ଜିଲାରେ ରାସ୍ତାଘାଟ ସମ୍ପ୍ରସାରଣ ଯୋଗୁ ବହୁ ପରିମାଣରେ ଜାମୁ ଗଛ ନଷ୍ଟ ହୋଇଯାଇଥିବା ବେଳେ ଖଣିଖାଦାନ, କାଠ ଚୋରାଚାଲାଣ, ବଣଜଙ୍ଗଲ ନଷ୍ଟ ଯୋଗୁ ଏହାର ସଂଖ୍ୟା ମଧ୍ୟ କମିବାକୁ ଲାଗିଛି। ଅନ୍ୟପକ୍ଷରେ ବନ ବିଭାଗ ପକ୍ଷରୁ ବନୀକରଣରେ ଜାମୁକୋଳି ଗଛ ସାମିଲ କରୁଥିଲେ ହେଁ ଏହା ବଢ଼ିବାରେ ବହୁ ବର୍ଷ ଲାଗୁଥିବା ଏବଂ ଆପେ ବଣଜଙ୍ଗଲରେ ଉଠୁଥିବା ଗଛ ଭଳି ଭଲ ଫଳନ୍ତି ହୋଇପାରୁନାହିଁ। ଏଣୁ ଜାମୁକୋଳି ଗଛର ସୁରକ୍ଷା ଜରୁରୀ ବୋଲି ବନବାସୀମାନେ ମତବ୍ୟକ୍ତ କରୁଛନ୍ତି।

ବ୍ୟବସାୟୀ ବିଜୟ ଯାଦବ କହିଛନ୍ତି, ବଡ଼ ଓ ଭଲ ଜାମୁକୋଳିର ଚାହିଦା ଅଧିକ ରହୁଛି। ଏଣୁ ଭଲ ଓ ବଡ଼ କୋଳିକୁ ପ୍ୟାକିଂ କରି ବାହାରକୁ ପଠାଇଥାନ୍ତି। ଛୋଟ କୋଳିକୁ ଲୋକାଲ ବଜାରରେ ବିକ୍ରି କରିଥାନ୍ତି। ଘଟଗାଁ ବ୍ଲକ ଖାରବେଡ଼ା ଗ୍ରାମର ବାବୁ ନାୟକ କହିଛନ୍ତି, ବନବାସୀ ବ୍ୟାଗ୍ ପିଛା ୨୦୦ ରୁ ୨୫୦ ଟଙ୍କାରେ ବିକ୍ରି କରିଥାନ୍ତି। ବ୍ୟବସାୟୀ ବାହାରେ କିଲୋ ଦରରେ ବିକ୍ରି କରିଥାନ୍ତି। କୋଳି ନଷ୍ଟ ହୋଇଯିବା ଭୟରେ ବନବାସୀମାନେ କମ୍ ଦରରେ ଦେଇଦେବାକୁ ବାଧ୍ୟ ହେଉଛନ୍ତି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଦ୍ୟାଧର ବେହେରା କହିଛନ୍ତି, ଏହାର ଚାହିଦା ବାହାରେ ଅଧିକ ଥିବାରୁ ଏହି ସମୟରେ ଅଙ୍ଗୁର ଦାମ୍‌ରେ ବିକ୍ରି ହୋଇଥାଏ। ପ୍ରଶାସନ ପକ୍ଷରୁ ବିକ୍ରିବଟାର ବ୍ୟବସ୍ଥା କରାଗଲେ ତୋଳାଳିମାନେ ବେଶ ଲାଭବାନ ହୋଇପାରନ୍ତେ। ଏହି କୋଳିର ମଞ୍ଜିକୁ ଔଷଧ ଭାବରେ ମଧ୍ୟ ବ୍ୟବହାର କରାଯାଇଥାଏ ବୋଲି ସେ କହିଥିଲେ।

# ଅନ୍ତ୍ୟୋଦୟ ଆବାସ ଅପେକ୍ଷାରେ ୫୯ ହିତାଧିକାରୀ

ଝାରପୋଖରିଆ,୯।୬(ସୁଧିର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଉପାନ୍ତ ସାରସକଣା ବ୍ଲକର ୧୭ଟି ପଞ୍ଚାୟତ ମଧ୍ୟରୁ ୫୯ ହିତାଧିକାରୀ ଅନ୍ତ୍ୟୋଦୟ ଆବାସ ପାଇବା ଅପେକ୍ଷାରେ ରହିଛନ୍ତି।

ଅନ୍ତ୍ୟୋଦୟ ଆବାସ ଯୋଜନା ୨୦୨୪-୨୫ର ନିୟମାବଳୀ ଅନୁଯାୟୀ ଶତକଡା ୪୦%ରୁ ଅଧିକ ଦିବ୍ୟାଙ୍ଗ ବ୍ୟକ୍ତି, ନାବାଳକ ସନ୍ତାନ ଥିବା ବିଧବା ମହିଳା, ବିଭିନ୍ନ ଗୁରୁତର ରୋଗରେ ପୀଡିତ ବ୍ୟକ୍ତି, କୁଷ୍ଠ ରୋଗମୁକ୍ତ ବ୍ୟକ୍ତି, ଶହୀଦ ପରିବାରର ସଦସ୍ୟ, ଜାତୀୟ ପୁରସ୍କାର ପ୍ରାପ୍ତ ବ୍ୟକ୍ତି, ହାତୀ ଉପଦ୍ରବ ଦ୍ୱାରା ନଷ୍ଟ ହୋଇଥିବା ବାସହରା ପରିବାରର ବ୍ୟକ୍ତି, ଘରପୋଡ଼ିରେ ବାସହରା ପରିବାରର ବ୍ୟକ୍ତି ପ୍ରଭୃତି ବିଷୟକୁ ଆଧାର କରି ସେହି ପରିବାରର ଜନସାଧାରଣଙ୍କୁ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସରକାରୀ ନିୟମ ରହିଛି। ସାରସକଣା ବ୍ଲକର ୧୭ଟି ପଞ୍ଚାୟତରୁ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅଦ୍ୟାବଧି ଉକ୍ତ ଯୋଜନାରେ ବାସଗୃହ ପାଇଁ ମୋଟ ୧୧୪ଜଣ ହିତାଧିକାରୀ ଆବେଦନ କରିଛନ୍ତି। ସେଥି ମଧ୍ୟରୁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଆବେଦନକାରୀ ୫୫ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ସହିତ ପ୍ରଥମ କିସ୍ତି ଅର୍ଥରାଶୀ ତାଙ୍କ ବ୍ୟାଙ୍କ ଜମାଖାତାକୁ ପଠାଯାଇଛି । ଅବଶିଷ୍ଟ ୫୯ଜଣ ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ କିସ୍ତିରେ ୩ ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାର ଅସୁବିଧା ଥିବାରୁ ଅର୍ଥରାଶି ଦିଆଯାଇ ପାରି ନ ଥିବାରୁ ସେମାନଙ୍କୁ ସୂଚନା ଦେଇ ବ୍ୟାଙ୍କ ସଞ୍ଚୟ ଖାତା ଠିକ୍ କରି ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅବଶିଷ୍ଟ ୫୬ ଜଣ ହିତାଧିକାରୀଙ୍କ ଠିକ୍ ପ୍ରମାଣପତ୍ର ବ୍ଲକ ପ୍ରଶାସନ ପକ୍ଷରୁ ସର୍ଭେ କରାଯାଇ ଆବାସ ପାଇବା ଯୋଗ୍ୟ ବିବେଚିତ ବୋଲି ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ସୂଚନା ପ୍ରଦାନ କରାଯାଇଛି । ବିଭାଗର ନିର୍ଦ୍ଦେଶ କ୍ରମେ ଉକ୍ତ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ସାରସକଣା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ଢେଙ୍କାନାଳ,୯।୬(ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ଗଁଡିଆ ବ୍ଲକ ବଣିଆପଡ଼ା ଛକଠାରେ ବାଇକ୍ ଆରୋହୀ ସଦର ଥାନା ଇନ୍ଦିପୁର ଗ୍ରାମର ପ୍ରଶାନ୍ତ ମହାରଣା(୪୦) ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ପ୍ରଶାନ୍ତ ଏକ ବାଇକ୍ (ନଂ. ଓଡ଼ାର-୦୬ଇ-୧୯୧୯)ରେ ଇନ୍ଦିପୁରରୁ ଫେରୁଥିବା ବେଳେ ସନ୍ଧ୍ୟାରେ ବଣିଆପଡ଼ା ଛକଠାରେ ହଠାତ୍ ଏକ କୁକୁର ତାଙ୍କ ବାଇକ ଆଗକୁ ଆସିଯିବାରୁ ସେ ଭାରସାମ୍ୟ ହରାଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କର ମୁହଁ ଓ ଆଖିରେ ଗୁରୁତର ଆଘାତ ଲାଗିଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# ଟ୍ରକ୍‌କୁ ଧକ୍କା ଦେଲା କାର୍, ୪ ଗୁରୁତର

### ପଞ୍ଚାମୁଣ୍ଡାଇରୁ ରାଉରକେଲା ଯାଉଥିଲେ ପରିବାର

ପରଜଙ୍ଗ,୯।୬ (ନିତ୍ୟାନନ୍ଦ ଦଳବେହେରା)


ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ କାର୍।


ଗୁରୁତର ହୋଇଥିବା ୪ ଜଣ।

ଢେଙ୍କାନାଳ ଜିଲ୍ଲା ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ପରଜଙ୍ଗ ଥାନା ବାଇପାସ୍ ରାସ୍ତାର ବିଶ୍ୱାଳ ଢାବା ସମ୍ମୁଖରେ ସୋମବାର ଅପରାହ୍ଣରେ ଏକ ଦୁର୍ଘଟଣା ଘଟିଛି। ଟ୍ରକ୍‌କୁ ଓଭରଟେକ୍ କରୁଥିବା ବେଳେ ଏକ କାର୍ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଅନ୍ୟ ଏକ ଟ୍ରକ୍‌କୁ ପଛରୁ ଧକ୍କା ଦେବାରୁ କାରରେ ଥିବା ଗୋଟିଏ ପରିବାରର ୫ ଜଣଙ୍କ ମଧ୍ୟରୁ ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କାର୍ ଚଳାଉଥିବା ରାଉରକେଲା ଛେଣ୍ଡ କଲୋନୀର ବସନ୍ତ ମହାପାତ୍ର, ସ୍ତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ପଞ୍ଚାମୁଣ୍ଡାଇ ନୂଆଗାଁର ସୁଚିସ୍ମିତା ମିଶ୍ର, ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ମିଶ୍ର, ଶାଶୁ ଜୟନ୍ତୀ ମିଶ୍ର। କାରରେ ଥିବା ବସନ୍ତଙ୍କ ପୁଅ ବିଶ୍ୱଜିତ୍ ମହାପାତ୍ରଙ୍କ କୌଣସି କ୍ଷତି ହୋଇନାହିଁ। ସୂଚନା ଅନୁଯାୟୀ, ରାଉରକେଲାର ବସନ୍ତ ପଞ୍ଚାମୁଣ୍ଡାଇ ନୂଆଗାଁସ୍ଥିତ ଶ୍ୱଶୁର ଘରୁ ଅନ୍ୟ ୪ ଜଣଙ୍କୁ ନେଇ ରାଉରକେଲା ଛେଣ୍ଡ କଲୋନୀସ୍ଥିତ ଘରକୁ ଫେରୁଥିଲେ। ପରଜଙ୍ଗ ବାଇପାସ୍ ରାସ୍ତାର ବିଶ୍ୱାଳ ଢାବା ନିକଟରେ ସମ୍ମୁଖରେ ଯାଉଥିବା ଏକ ଟ୍ରକ୍‌କୁ ବାମ ପାର୍ଶ୍ୱରେ ଓଭରଟେକ୍ କରୁଥିବା ବେଳେ ପୂର୍ବରୁ ରାସ୍ତା ଉପରେ ଛିଡ଼ା ହୋଇଥିବା ଆଉ ଏକ ଟ୍ରକ୍ ପଛରେ କାର୍‌ଟି ପିଟିହୋଇ ଯାଇଥିଲା। ଫଳରେ କାରର ସମ୍ମୁଖ କାଚ ଭାଙ୍ଗି ବସନ୍ତ, ସୁଚିସ୍ମିତା, ପୂର୍ଣ୍ଣଚନ୍ଦ୍ର ଓ ଜୟନ୍ତୀଙ୍କ ଶରୀରର ବିଭିନ୍ନ ସ୍ଥାନରେ ପଶିଯାଇଥିଲା। ଖବରପାଇ ପରଜଙ୍ଗ ଥାନା ଅଧିକାରୀ ଧୀରେନ ବେହେରା, ଏଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ରଞ୍ଜିତ ପ୍ରଧାନ, ଏଏସ୍‌ଆଇ ଯୁଗଳ ପ୍ରଧାନ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତର ୪ ଜଣଙ୍କୁ ଉଦ୍ଧାର କରିବା ସହ ପୋଲିସ ଗାଡ଼ିରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଟ୍ରକ୍ ସହ କାର୍‌କୁ ଜବତ କରି ସରାଙ୍ଗ ଫାଣ୍ଡିରେ ରଖିଥିବାବେଳେ ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ଉକ୍ତ ରାଜପଥ ପାର୍ଶ୍ୱରେ ଥିବା ଢାବାଗୁଡ଼ିକ ନିକଟରେ ଟ୍ରକ୍‌ଗୁଡ଼ିକୁ ଏପରି ବେଆଇନ ଭାବେ ପାର୍କ କରାଯାଉଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏଥିପ୍ରତି ଉପଯୁକ୍ତ ଅଧିକାରୀ ଦୃଷ୍ଟି ଦେବାକୁ ଭାଜପା ପରଜଙ୍ଗ ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ ଦାବି କରିଛନ୍ତି।

## ଯୁବକଙ୍କୁ କଟୁରିରେ ଆକ୍ରମଣ

ତାଳଚେର,୯।୬(ମନୋଜ ନନ୍ଦ)



ଅନୁଗୋଳ ଜିଲ୍ଲା ତାଳଚେରସ୍ଥିତ ନାଡ଼ି ଜଙ୍ଗଲ ନିକଟରେ ନାଡ଼ି ଗାଁର ମୀନକେତନ ଗଡ଼ନାୟକଙ୍କୁ କଟୁରିରେ ଆକ୍ରମଣ କରାଯାଇଛି। ମୀନକେତନ ହିଙ୍ଗୁଳା କୋଇଲା ଖଣିରୁ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ନାଡ଼ି ଗ୍ରାମର ଦୀନବନ୍ଧୁ ନାୟକ ତାଙ୍କୁ ଅତର୍କିତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଯୁବକଙ୍କୁ ସ୍ଥାନୀୟ ପବିତ୍ର ମୋହନ ପ୍ରଧାନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ପତାକାରେ ଅଷ୍ଟପ୍ରହର ନାମଯଜ୍ଞ

ଆଠମଲ୍ଲିକ,୯।୬ (ଉଦୟ ପୁରୋହିତ)

ଆଠମଲ୍ଲିକ ବ୍ଲକ ଲୁହାସିଙ୍ଗା ପଞ୍ଚାୟତ ପତାକା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଗ୍ରାମର ମହିଳାମାନେ କଳସ ଯାତ୍ରାରେ ସାମିଲ ହୋଇ ମହାନଦୀରୁ ପବିତ୍ର ଜଳ ଆଣିବା ପରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ସୋମବାର ସକାଳୁ ପୂଜକ ଅରବିନ୍ଦ ଚାନ୍ଦ ପୂଜା କାର୍ଯ୍ୟ କରିବା ପରେ ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା। କର୍ତ୍ତା ଭାବେ ପ୍ରଦୀପ ପ୍ରଧାନ ଦାୟିତ୍ୱ ତୁଲାଇ ଥିବାବେଳେ ବହୁ ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ। ସଭାପତି ପ୍ରଦୀପ ପ୍ରଧାନ, ସମ୍ପାଦକ ମାନସ ପତ୍ରି, ସରପଞ୍ଚ ସୁଦର୍ଶନ ଗାଇଗରିଆ, ସଦସ୍ୟ ବଳଭଦ୍ର ପ୍ରଧାନ, ସବ୍ୟସାଚି ନାଏକ, ହେମନ୍ତ ଭୁକ୍ତା, କପିଳ ନାଏକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ବିଶ୍ୱ ପରିବେଶ ଦିବସ ପାଳିତ



ତାଳଚେର,୯।୬(ମନୋଜ ନନ୍ଦ)

ତାଳଚେରର ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଡ. ସୁନୀତି ମିଶ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତାଳଚେର ବିରାଦରପଡ଼ା ସିଂହସାହିଠାରେ ଥିବା ଫାଉଣ୍ଡେଶନ ପବ୍ଲିକ ସ୍କୁଲ ପକ୍ଷରୁ ଅନୁଷ୍ଠିତ ପରିବେଶ ଦିବସରେ ଚାରାରୋପଣ କରାଯାଇଥିଲା। ସ୍କୁଲ ପରିସରରେ ଏହି ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ କବିତା ବେହେରା ସଭାପତିତ୍ୱ କରିଥିଲେ। ଟ୍ରଷ୍ଟ ସଭାପତି ସିଦ୍ଧେଶ୍ୱର ମିଶ୍ର ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ମ୍ୟାନେଜିଂ ଟ୍ରଷ୍ଟି କୀର୍ତ୍ତିମତି ମିଶ୍ର ଯୋଗଦେଇ ପରିବେଶ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନିଜ ଅଞ୍ଚଳକୁ ସବୁଜବନାନୀ କରିବା ନିମନ୍ତେ ମିଳିତ ସଙ୍କଳ୍ପ ନିଆଯାଇଥିଲା। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ଢେଙ୍କାନାଳ,୯।୬ (ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ସିଆରିଆ-ଢେଙ୍କାନାଳ ରାସ୍ତାରେ ଜଣେ ଯୁବକଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରାଯାଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ରବିବାର ସନ୍ଧ୍ୟା ୭ଟାରେ ସିଆରିଆ ଗ୍ରାମର ସୂର୍ଯ୍ୟମଣି ମହାନ୍ତି ସିଆରିଆରୁ ଖୁଣ୍ଟକଟା-ବାଉଁଝୁଲ୍କୁସୁମ ରାସ୍ତାରେ ଢେଙ୍କାନାଳ ସହରକୁ ଆସୁଥିବା ବେଳେ ଖୁଣ୍ଟକଟା ଫରେଷ୍ଟ ରେଷ୍ଟ ହାଉସ ନିକଟରେ ୧୨ରୁ ୧୫ ଯୁବକ ତାଙ୍କୁ ଅଟକାଇ ଗାଳିଗୁଲଜ ସହିତ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ସେ ଗୋବିନ୍ଦପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ଘନିଷ୍ଟ କୁମାର ମହନ୍ତ ମାମଲାର ତଦନ୍ତ କରୁଛନ୍ତି। ଢେଙ୍କାନାଳ ସହରର କେତେଜଣ ଯୁବକ ଏହି ଅପରାଧରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଠାବ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ପ୍ରଥମ ଆର୍ଥିକ ସାକ୍ଷରତା ଶିବିର


କଙ୍କଡ଼ାହାଡ଼ ବ୍ଲକ ଏକୁଲ ଗ୍ରାମରେ ଆର୍ଥିକ ସାକ୍ଷରତା ଶିବିରରେ ଉପସ୍ଥିତ ଅଧିକାରୀମାନେ।

ଢେଙ୍କାନାଳ,୯।୬(ରତନ ନାୟାର)

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ତରଫରୁ ବ୍ଲକର ଦୁର୍ଗମ ଅଞ୍ଚଳ ଏକୁଲ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ସୋମବାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୮ ରୁ ୬୦ ବୟସର ସ୍ଥାନୀୟ ଲୋକ, ଆଶାକର୍ମୀ, ଅଙ୍ଗନୱାଡ଼ି ଓ ସହାୟିକା, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ। ଏହି ଶିବିର କଙ୍କଡ଼ାହାଡ଼ ପଞ୍ଚାୟତ ସମିତି, ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଓ ପିରାମଲ ଫାଉଣ୍ଡେଶନ ସହଯୋଗରେ ଆୟୋଜିତ ହୋଇଥିଲା। ବ୍ଲକ କାର୍ଯ୍ୟାଳୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କୁ ବ୍ୟାଙ୍କିଂ ବ୍ୟବସ୍ଥା, ବିଭିନ୍ନ ଆର୍ଥିକ ଯୋଜନା, ଆର୍ଥିକ ଠକେଇ ସମ୍ପର୍କରେ ସଚେତନ କରିବା, ବ୍ୟାଙ୍କ ଖାତା ଖୋଲିବା ଓ ବ୍ୟାଙ୍କିଙ୍ଗ୍ ସୁବିଧା ଗୁଡ଼ିକୁ ସିଧାସଳଖ ସହଜରେ ଉପଲବ୍ଧ କରାଇବା ଏହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଥିଲା। ଏହି ପ୍ରକାର ଶିବିର ଦ୍ୱାରା ଗ୍ରାମୀଣ ଅଞ୍ଚଳରେ ଆର୍ଥିକ ସାକ୍ଷରତା ବୃଦ୍ଧି ପାଇବା ସହିତ ବିକାଶର ଧାରା ବଜାୟ ରହିବ ବୋଲି ସୂଚନା ଦିଆଯାଇଥିଲା।

## ୨ ଅପହରଣକାରୀ ଗିରଫ

ବନ୍ତଲା,୯।୬(ସୁଶିତ ସାହୁ)

ଅନୁଗୋଳ ବ୍ଲକ ବନ୍ତଲା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ଶୁକ୍ରବାର ଜଣେ ଯୁବକ ଓ ଅନ୍ୟ ଜଣେ ନାବାଳକ ଅପହରଣ କରିନେଇଥିବା ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗରେ ଦର୍ଶାଯାଇଥିଲା ଅଭିଯୁକ୍ତ ଶିବ ବେହେରା (୧୯) ଓ ଜଣେ ନାବାଳକ ତାଙ୍କ ନାବାଳିକା ଝିଅଙ୍କୁ ଅପହରଣ କରି ନେଇଛନ୍ତି। ଏନେଇ ବନ୍ତଲା ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତନାଘନା ଜାରି ରହିଥିଲାବେଳେ ସୋମବାର ବନ୍ତଲା ଥାନା ଅଧିକାରୀ ନଟବର ନନ୍ଦ ସଦଳବଳ ତାଳଚେରଠାରେ ଥିବା ଏକ ମିକ୍ସଚର କମ୍ପାନୀ ନିକଟରୁ ଉଭୟ ଅପହରଣକାରୀଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ। ଏଥି ସହ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ବାପାଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ହିଙ୍ଗୁଳା କ୍ଲବର ନୂତନ କର୍ମକର୍ତ୍ତା ଚୟନ

ତାଳଚେର,୯।୬ (ମନୋଜ ନନ୍ଦ)

ତାଳଚେର ବଡ଼ଦାଣ୍ଡସାହିସ୍ଥିତ ବହୁ ପୁରାତନ ହିଙ୍ଗୁଳା କ୍ଲବର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଏହି ଅବସରରେ କ୍ଲବର ସ୍ଥାୟୀ ସଭାପତି ରବିନାରାୟଣ ପାଣିଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାୟୀ ସଭାପତି ଭାବେ ରବିନାରାୟଣ ପାଣି, ଉପସଭାପତି ପ୍ରକାଶ ମହାରଣା, ସାଧାରଣ ସମ୍ପାଦକ ପ୍ରଫେସର ଅଶୋକ ଶର୍ମା, ଯୁଗ୍ମ ସମ୍ପାଦକ ଅଜିତ ରାଏ, କୋଷାଧ୍ୟକ୍ଷ ଭାବେ ଗୋବର୍ଦ୍ଧନ ବେହେରା, ଆନ୍ତଃକ୍ରୀଡା ସମ୍ପାଦକ ନିଶିଥ କୁଅଁର, ବାହ୍ୟକ୍ରୀଡ଼ା ସମ୍ପାଦକ ଦୀପକ କୁମାର ରାଉତ, ସାଂସ୍କୃତିକ ସମ୍ପାଦକ ଭାବେ ଡିଗଲ ମିଶ୍ର ମନୋନୀତ ହୋଇଛନ୍ତି। ବୈଠକରେ କ୍ଲବର ସମସ୍ତ ବରିଷ୍ଠ ଏବଂ ନୂତନ ସଭ୍ୟ ଉପସ୍ଥିତ ଥିଲେ।

# ବଟସାକୁ ନେଇ ସଂଘବଦ୍ଧ ଆକ୍ରମଣ, ୩ ଗୁରୁତର

ପବିତ୍ରନଗର,୯।୬(ନିରୋଜ ପ୍ରଧାନ)

ଅନୁଗୋଳ ଜିଲ୍ଲା କଣିହାଁ ଥାନା ଡେରଙ୍ଗ ଗ୍ରାମରେ ସାମାନ୍ୟ ବଟସାକୁ ନେଇ ଗଣ୍ଡଗୋଳ ପରେ ଘରେ ପଶି ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏହି ଘଟଣାରେ ୩ ଜଣ ଗୁରୁତର ହୋଇଥିବାବେଳେ ପୋଲିସ ଅଭିଯୋଗ ପାଇ ୪ ଅଭିଯୁକ୍ତଙ୍କୁ ଅଟକ ରଖିଛି। ସୂଚନା ଅନୁସାରେ, ଡେରେଙ୍ଗ ଗ୍ରାମର ସୁରେଶ ସାହୁଙ୍କ ଘରକୁ ରବିବାର ରାତି ପ୍ରାୟ ୯ଟାରେ ଗୋଛାୟତ ସାହିର ୩୦/୪୦ ଜଣ ଲୋକ ଜବରଦସ୍ତ ପଶି ମହିଳାଙ୍କୁ ଅସଦାଚରଣ କରିବା ସହ ମାରଣାସ୍ତ୍ର ରେ ସୁରେଶ ସାହୁ (୬୫), ପ୍ରତାପ ସାହୁ(୨୬), ପ୍ରକାଶ ସାହୁ (୨୫)ଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ପଡୋଶୀମାନେ ଘଟଣାସ୍ଥଳକୁ ଆସିବାରୁ ଅଭିଯୁକ୍ତମାନେ ସେଠାରୁ ଦୌଡି ପଳାଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ କଣିହାଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଏଥିରେ ସମ୍ପୃକ୍ତି ଅଭିଯୋଗରେ ଗୋଛାୟତ ସାହିର ଛବି ଗୋଛାୟତ(୨୮), କବି ଗୋଛାୟତ(୨୬), ଚରଣ ଗୋଛାୟତ(୨୫), ସୁନନ୍ଦ ଗୋଛାୟତ(୨୪)ଙ୍କୁ ଅଟକ ରଖିଛି। ଘଟଣାରୁ ଜଣାପଡ଼ିଛି, ଗ୍ରାମରେ ସୁରେଶ ସାହୁ ଏକ ଦୋକାନ କରିଛନ୍ତି। ଗୋଛାୟତ ସାହିର ଛବି ଗୋଛାୟତ ସଉଦା ପାଇଁ ଯାଇଥିବାବେଳେ କୌଣସି କାରଣ ନେଇ ସୁରେଶଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏହାପରେ ଛବି ସାହି ଲୋକଙ୍କୁ ନେଇ ସୁରେଶଙ୍କ ଘର ଲୋକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଉକ୍ତ ଘଟଣାକୁ ନେଇ ଗ୍ରାମରେ ବ୍ୟାପକ ଉତ୍ତେଜନା ଦେଖାଦେଇଛି। ଭୟରେ ଗୋଛାୟତ ସାହି ପୁରୁଷ ଶୂନ୍ୟ ହୋଇଥିବା ବେଳେ କେବଳ ୫ ରୁ ୬ ମହିଳା ଥିବା ଜଣାଯାଇଛି। ପୋଲିସ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା ଚଳାଇଛି। ଦୋଷୀମାନଙ୍କୁ ଗିରଫ କରି କଠୋର ଦଣ୍ଡ ପ୍ରଦାନ ପାଇଁ ଗ୍ରାମବାସୀ ପୋଲିସ ପାଖରେ ଦାବି କରିଛନ୍ତି।

## ବାଇକ୍, ହତିଆର ଛାଡ଼ି ଶିକାରୀ ଚମ୍ପଟ

ପବିତ୍ରନଗର,୯।୬ (ନିରୋଜ ପ୍ରଧାନ)

କଣିହାଁ ବନାଞ୍ଚଳ ରେଙ୍ଗାଳି ଫରେଷ୍ଟ ବିଟରେ ଶନିବାର ରାତିରେ ବନପାଳ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ପାଟ୍ରୋଲିଂ ବେଳେ ବନ କର୍ମଚାରୀଙ୍କୁ ଦେଖି ଶିକାରୀ ବାଇକ୍ ଓ ୨ଟି ଛୁରି ଛାଡି ଚମ୍ପଟ ମାରିଛନ୍ତି। ହନୁମାନପୁର ପଞ୍ଚାୟତ ଅନ୍ଧାରି ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏ ନେଇ ରେଞ୍ଜ ଅଧିକାରୀ ନୀଳାଦ୍ରୀ ନାଥ ସାହୁ କଣିହାଁ ଥାନାରେ ଅଭିଯୋଗ କରିଛନ୍ତି।

# ବଣିଆପଡ଼ାରେ ବୋମାମାଡ଼, ଗ୍ରାମବାସୀ ଆତଙ୍କିତ

ଢେଙ୍କାନାଳ,୯।୬(ରତନ ନାୟାର)/ ଓଡ଼ାପଡ଼ା, (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ହିନ୍ଦୋଳ ରୋଡ୍ ଫାଣ୍ଡି ବଣିଆପଡ଼ା ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଘର ଆଗରେ କେହି ବୋମାମାଡ଼ କରିଥିବା ଜଣାପଡିଛି। ବୋମାମାଡ଼ରେ ଘର ଆଗରେ ରହିଥିବା ଏକ କାର୍‌ର କାଚ ଭାଙ୍ଗିଯାଇଛି। ବେଆଇନ ବାଲି ଚାଲଣ ରୋକିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିବାରୁ ଏହାକୁ କେନ୍ଦ୍ରକରି ବୋମାମାଡ଼ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ମୋଟଙ୍ଗା ଥାନା ଆଇଆଇସିଙ୍କୁ ଅଭିଯୋଗ କରିଥିଲେ। ଖବରପାଇ ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ, ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କା ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ପରେ ଆଇଆଇସି, ଏସ୍‌ଡିପିଓ, ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀ, ଖଣି ଅଧିକାରୀ ଉମ୍ବରୁଧର ମହନ୍ତ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବୈଠକ କରିଥିଲେ। ବୈଠକରେ ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ପରେ ଗ୍ରାମ ରାସ୍ତାରେ ବାଲି ବୋଝେଇ ଟ୍ରକ୍ ଯାତାୟାତ ବନ୍ଦ କରାଯିବ ଏବଂ ବୋମାମାଡ଼ କରିଥିବା ଅଭିଯୁକ୍ତମାନଙ୍କୁ ଖୋଜି ବାହାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଘଟଣା ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ନଂ–୧୧୨/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡେପୁଟି ସିଏମ୍‌ଇ/ୱାଗନ୍ ନିମ୍ନ ବାବଦରେ ଏକକ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି **କ୍ର.ସଂ.: ୧; ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ଅପ୍‌ଲୋଡିଂ ତାରିଖ: ଇ-ଡିୱାଇ-ଡବ୍ଲ୍ୟୁଡବ୍ଲ୍ୟୁ-ସିଟିଆରବି-କେ-ଏନ୍‌ଇଆଇ-୫୦୦, ତାରିଖ: ୦୪।୦୬।୨୦୨୫; କାର୍ଯ୍ୟର ନାମ:** ଏକକ ଟେଣ୍ଡର ଭିତ୍ତିରେ ଓଇଏମ୍ ମାଧ୍ୟମରେ ଏକବର୍ଷ ଅବଧି ପାଇଁ ମେସର୍ସ ନ୍ୟାଶନାଲ ଇଞ୍ଜିନିୟରିଂ ଇଣ୍ଡଷ୍ଟ୍ରିଜ୍ ଲିଃ, ଗଠନ କ୍ଲାସ୍–କେ ସିଟିଆରବି (୬୧/୨''x୯'')ର ରିଫର୍ବିଶମେଣ୍ଟ । **କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୧,୦୫,୬୧,୦୦୦.୦୦; ଅମାନତ ରାଶି: ₹୨,୦୨,୮୦୦.୦୦; ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ୨୬।୦୬।୨୦୨୫; ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ: www.ireps.gov.in** । ବିଡରମାନେ ସେମାନଙ୍କର ମୂଳ/ସଂଶୋଧିତ ବିଡ୍‌ଗୁଡ଼ିକୁ କେବଳ ସମାପ୍ତି ତାରିଖ ଓ ସମୟ ସୁଦ୍ଧା ଦାଖଲ କରିପାରିବେ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରାଯିବ । (PR-234)

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

**ଷ୍ଟେସନ ଏବଂ ସ୍ଥାନ:** (1) ମଙ୍ଗେଶ୍ୱର-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ପରିଚାଳନା କ୍ଷେତ୍ରରେ), (2) ରାହାମା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ପରିଚାଳନା କ୍ଷେତ୍ରରେ), (3) ନିରାକାରପୁର-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ପ୍ଲାଟଫର୍ମ ନଂ. 4 ନିକଟରେ), (4) ତାଳଚେର ରୋଡ୍-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ପରିଚାଳନା କ୍ଷେତ୍ରରେ), (5) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗର ତଳ ମହଲାରେ) ଏବଂ (6) ନରଣପୁର-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ନିକଟରେ)।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ:** ତା. 19.06.2025 ରିଖ 1100 ଘଟିକା (କ୍ରମ ସଂ. 1 ରୁ 4 ପାଇଁ) ଏବଂ ତା. 20.06.2025 ରିଖ 1100 ଘଟିକା (କ୍ରମ ସଂ. 5 ଏବଂ 6 ପାଇଁ)।

**ନିଲାମ ଶେଷ ତାରିଖ ଓ ସମୟ:** ତା. 19.06.2025 ରିଖ 1130 ଘଟିକା (କ୍ରମ ସଂ. 1 ପାଇଁ), ତା. 19.06.2025 ରିଖ 1140 ଘଟିକା (କ୍ରମ ସଂ. 2 ପାଇଁ), ତା. 19.06.2025 ରିଖ 1150 ଘଟିକା (କ୍ରମ ସଂ. 3 ପାଇଁ), ତା. 19.06.2025 ରିଖ 1200 ଘଟିକା (କ୍ରମ ସଂ. 4 ପାଇଁ), ତା. 20.06.2025 ରିଖ 1130 ଘଟିକା (କ୍ରମ ସଂ. 5 ପାଇଁ) ଏବଂ ତା. 20.06.2025 ରିଖ 1140 ଘଟିକା (କ୍ରମ ସଂ. 6 ପାଇଁ)।

**ଦ୍ରଷ୍ଟବ୍ୟ:** ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-209/Q/25-26

**Government of Odisha** No. B-190

**"e" Procurement Notice**

**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**

Bid Identification No. S.E. (R&B) KPT-05/2025-26

1. Name of the Work: Building Works
2. Total No. of Works: 01 No.
3. Estimated Cost: Rs.91.31 lakhs
4. Period of Completion: 03 (Three) Months
5. Date & time of availability of bid document in the portal: From 16.06.2025 at 11.00 hours to 30.06.2025 upto 17.00 hours
6. Last date/time for receipt of bids in the portal: 30.06.2025 upto 17.00 hours
7. Date of Opening of Tender: 01.07.2025 at 12.00 hours
8. Name and address of the Officer Inviting Bid: Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in.

Sd./- Superintending Engineer, Koraput (R&B) Division

OIPR-34096/11/0022/2526

**PM SHRI JAWAHAR NAVODAYA VIDYALAYA, PALJHAR, DIST.: BOUDH (ODISHA)**

**TENDER NOTICE - 02/2025-26**

Sealed tenders are invited from the Registered and Reputed firms having GST registration for supply of 01. Non-Veg Items, 02. M&R (Construction, Plumbing & Electrical Materials), 03. Hiring of Vehicles on contract basis, 04. Hair Cutting, 05. Washing & Pressing of Cloth, 06. Students Stationery, 07. Installation of CCTV. The tender forms with other particulars can be obtained from the Office of the Principal, JNV, Paljhar, Boudh (O) during office hour on all working days from 10.06.2025 to 23.06.2025 upto 01.00 P.M. on payment of Rs.500/- (Non-refundable) for each item. The details of tender documents can also be downloaded from the Vidyalaya website **https://navodaya.gov.in/nvs/nvs-school/Boudh/en/home/**. The last date for submission of sealed tender papers is 23.06.2025 upto 05.00 P.M. Vidyalaya Purchase Advisory Committee Meeting will be held on 24.06.2025 at 10.00 A.M. for opening of the sealed tenders and selection of the lowest competitive firms. The Chairman of the Committee reserves the right to accept or reject one or all the tenders partially or wholly without assigning any reason thereof. Any dispute in this regard would be subject to the Court Jurisdiction of the Boudh District only.

**Sd./- Principal**

GOVERNMENT OF ODISHA

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, RAYAGADA**

Email ID: ccerwcrayagada@gmail.com

Letter No. 1089 Date: 05.06.2025

**2nd Corrigendum**

No. O-258: In continuation to this office bid identification No. NCB-06/RWCRGDA/2025-26 invited vide this office letter No. 539 dated 11.04.2025 & 1st Corrigendum letter No. 912 dated 15.05.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | Dt.25.04.2025 at 11.00 A.M. to Dt.16.05.2025 upto 5.00 P.M. | Extended upto 5.00 P.M. of 04.07.2025 |
| 2 | Date & time of seeking tender clarification if any | Dt.15.05.2025 upto 5.00 P.M. | Dt.03.07.2025 upto 5.00 P.M. |
| 3 | Date & time of opening of tender (Technical Bid) | Dt.17.05.2025 at 11.00 A.M. | Dt.05.07.2025 at 11.00 A.M. |
| 4 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

OIPR-25196/11/0017/2526 Sd./- Chief Construction Engineer, Rural Works Circle, Rayagada

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
**CENTRAL MINE PLANNING & DESIGN INSTITUTE LTD.**
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Ltd.)
गोन्दवाना प्लेस, काँके रोड, राँची- 834008, झारखण्ड, भारत

**सूचना / NOTICE**

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कंपनियों द्वारा जारी सभी निविदाएं कोल इंडिया लिमिटेड की वेबसाइट **www.coalindia.in/** संबंधित अनुषंगी कंपनी (सीएमपीडीआई, **www.cmpdi. co.in**),सीआईएल ई–प्रोक्योरमेंट पोर्टल **https://coalindiatenders.nic.in** एवं सेंट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है। इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**"

**WALK-IN-INTERVIEW**

**JANATA COLLEGE, BOINDA**

**DIST.: ANGUL-759127**

Walk-in-Interview shall be conducted in Janata College, Boinda, Dist.: Angul on Dt.20.06.2025 at 10.00 A.M. for empanelment of Lecturers in Physics, Chemistry and P.E.T. to appoint on contractual basis. Candidates must have secured 55% or above mark in qualifying examination for Lecturer and must have passed B.P.Ed. for P.E.T. For more information visit College website: **www.janatacollegeboinda.in**.

**Sd./- Principal**

**Mob.: 9938793707, 9437547543**

**REQUIREMENT OF BUILDING/HOUSE FOR THE PURPOSE OF OFFICE ACCOMMODATION OF DAD CELL FOR RC ECHS AT BHUBANESWAR**

Defence Account Deptt. Cell, Bhubaneswar requires accommodation approximately plinth area measuring 2800 Sq.ft. on rental basis for a period of 03 years w.e.f. taking over the building for the purpose of office accommodation of DAD Cell for RC ECHS, Bhubaneswar.

The building preferably be in well condition and maintained properly and also hygienic from sanitation point of view. The building should be connected by road and in suitable location at Bhubaneswar within a radius of 5 to 10 Km from 120 TA Battalion, Bhubaneswar/Governor House. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute at the time of hiring. The interested property owners will submit their property details with valid ownership documents in the following address within 15 days from the date of publication of the advertisement.

**The Defence Estate Officer**
Govt. of India, Ministry of Defence
163, Prachi Enclave, Chandrasekharpur
Bhubaneswar, Odisha - 751016
Tele.: 0674-2747631, 345, E-mail: deobhub-stats@nic.in

# ରଜ ସଜ

ରଜ ଦିନ ଝିଅମାନେ ନୂଆ ପୋଷାକ ପିନ୍ଧି ସଜେଇ ହୁଅନ୍ତି। ଦୋଳି ଖେଳି, ପୋଡ଼ ପିଠା ଖାଇ ସାଙ୍ଗସାଥୀଙ୍କ ମେଳରେ ବେଶ୍ ମଜାମସ୍ତି କରନ୍ତି। ଆଉ ଏମିତିରେ କାହା ପୋଷାକ କେତେ ସୁନ୍ଦର ତାକୁ ନେଇ ହୁଏ ଚର୍ଚ୍ଚା। ତେଣୁ ରଜରେ କେଉଁ ପୋଷାକ ପିନ୍ଧିଲେ ଆଟ୍ରାକ୍ଟିଭ୍ ଲାଗିବେ, ଜାଣିରଖନ୍ତୁ କିଛି ଫ୍ୟାଶନ ଟିପ୍ସ...



▶▶ରଜରେ ଆକର୍ଷଣୀୟ ଲୁକ୍ ଚାହୁଁଥିଲେ ଫ୍ୟାନ୍ସି କିମ୍ବା ବିଭିନ୍ନ ପ୍ରକାର ଟ୍ରାଡିସିନାଲ ଶାଢ଼ି ଟ୍ରାଏ କରିପାରିବେ। ଏହା ସହ ଡିଜାଇନର ବ୍ଲାଉଜ୍ ଏବଂ ବେଲ୍ଟ ପିନ୍ଧି ଫ୍ୟାଶନେବଲ ଲାଗିବେ। ଶାଢ଼ି କ୍ୟାରି କରିବା ଅସୁବିଧା ହେଉଥିଲେ ଶାଢ଼ି ଗାଉନ୍ ଆପଣଙ୍କ ଲାଗି ବେଷ୍ଟ ଅପ୍ସନ। ଏହା ଦେଖିବାକୁ ଯେତିକି ସୁନ୍ଦର ପିନ୍ଧିବାକୁ ସେତିକି ସହଜ ମଧ୍ୟ।

▶▶ଶାଢ଼ି ସହ ପ୍ୟାଣ୍ଟର ଫ୍ୟୁଜନ୍ ବେଶ୍ ଷ୍ଟାଇଲିଶ୍ ଲାଗିବ। ସୁନ୍ଦର ବର୍ଡର ଥିବା ସିଲ୍କ ଶାଢ଼ି ସହ ଷ୍ଟ୍ରେଟ୍ ପ୍ୟାଣ୍ଟ ପିନ୍ଧନ୍ତୁ। ଏହା ଆପଣଙ୍କୁ ମଡର୍ନ ଲୁକ୍ ଦେବ। ଏହା ସହ ମ୍ୟାଚିଂ କରି ଆପଣ ନେକ୍‌ଲେକ୍ସ ଓ ଇଅର ରିଂ ବି ପିନ୍ଧିପାରିବେ। ଫେଷ୍ଟିଭ୍ ଲୁକ୍ ଦେବାପାଇଁ ଚାହୁଁଥିଲେ ଶାଢ଼ି ସହ ଆପଣ ଆଙ୍କେଲ୍ ଲେନ୍ଥ ଜିନ୍ସ ଟ୍ରାଏ କରିପାରିବେ। ଜିନ୍ସ ସହ ବେଲ୍ଟ ଏବଂ ହାଇନେକ୍ ବ୍ଲାଉଜ୍ ମଧ୍ୟ ପିନ୍ଧିପାରିବେ।

▶▶ ଲଙ୍ଗ୍ କୁର୍ତ୍ତି କିମ୍ବା ମ୍ୟାକ୍ସି ଡ୍ରେସ୍ ସହ ପ୍ଲାଜୋ ପିନ୍ଧିଲେ ମଡର୍ନ ଲାଗିବେ। ଏହା ସହ ଏଥ୍ନିକ୍ ଜୁଏଲେରି ଅଧିକ ଟ୍ରେଣ୍ଡି ଲୁକ୍ ଦେବ। ଏଭଳି ଗେଟ୍‌ଅପ୍ ସାଙ୍ଗକୁ ବଡ଼ ହ୍ୟାଙ୍ଗିଙ୍ଗ୍ ଇୟରରିଂ, ଚୁଡ଼ି ଏବଂ ପଏଣ୍ଟେଡ୍ ବା ୱେଜ୍ ହିଲ୍ ଚପଲ ଟ୍ରାଏ କରନ୍ତୁ ଷ୍ଟାଇଲିଶ୍ ଲାଗିବେ।

▶▶ବର୍ତ୍ତମାନ ଲାଟେଷ୍ଟ ଟ୍ରେଣ୍ଡ ସାଜିଥିବା ସିଗାରେଟ୍ ପ୍ୟାଣ୍ଟ ସହ ଫ୍ରଣ୍ଟ କଟ୍ ଲଙ୍ଗ୍ କୁର୍ତ୍ତି ଟ୍ରାଏ କରନ୍ତୁ। ଏହା ସହ ଏଥ୍ନିକ୍ କିମ୍ବା ଡିଜାନର ବିଡ୍ସ ଜୁଏଲେରି ଖୁବ୍ ଟ୍ରେଣ୍ଡି ଲୁକ୍ ଦେବ।

# ରାତିରେ ଖାଆନ୍ତୁନି ଏହି ଖାଦ୍ୟ



**ଫଳ:** ଫଳରେ ଅନେକ ପୋଷକତତ୍ତ୍ୱ ଭରି ରହିଛି। ହେଲେ ଏହାକୁ ରାତିରେ ଖାଇଲେ ହଜମ ହେବାରେ କଷ୍ଟ ହୋଇଥାଏ। ତା'ଛଡ଼ା ଏହାଦ୍ୱାରା ଛାତିରେ କଫ ଜମା ହେବାର ବି ଆଶଙ୍କା ଥାଏ।

**ତେଲ ମସଲାଯୁକ୍ତ ଖାଦ୍ୟ:** ରାତ୍ରିଭୋଜନରେ ଏଭଳି ଖାଦ୍ୟ ଖାଇଲେ ହଜମ ନ ହୋଇପାରି ଏସିଡିଟି, ଗ୍ୟାସ୍ ଏବଂ ଛାତି ଜଳିବା ଭଳି ସମସ୍ୟା ଉପୁଜିଥାଏ। ଏଣୁ ନିଦ୍ରାରେ ବାଧା ସୃଷ୍ଟି ହୋଇଥାଏ। ଏହା ବଦଳରେ ଆପଣ ଅଳ୍ପ ତେଲ ମସଲାଯୁକ୍ତ ସୁଷମ ଖାଦ୍ୟ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ହିତକର।

**ଚା କିମ୍ବା କଫି:** ଅନେକଙ୍କର ସକାଳୁ ଉଠିଲେ ଏବଂ ଶୋଇବା ପୂର୍ବରୁ ଚା କିମ୍ବା କଫି ପିଇବାର ଅଭ୍ୟାସ ରହିଛି। ହେଲେ ଆପଣ ଜାଣନ୍ତି କି ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ରାତିରେ ଏକ କପ୍ ଷ୍ଟ୍ରଙ୍ଗ୍ କଫି ପିଇବା ଦ୍ୱାରା ଏଥିରେ ଥିବା କ୍ୟାଫିନ୍ ଯୋଗୁ ୨ ଘଣ୍ଟାର ନିଦ୍ରା ନଷ୍ଟ ହୋଇଥାଏ। ତେଣୁ ଭଲ ନିଦ୍ରା ପାଇଁ ରାତିରେ ଏସବୁ ପିଇବା ଆଦୌ ହିତକର ନୁହେଁ।

**ଚକୋଲେଟ୍:** ଖାଇ ସାରିବା ପରେ କିଛି ମିଠା କିମ୍ବା ଚକୋଲେଟ୍ ଖାଇବାକୁ ଅନେକେ ପସନ୍ଦ କରନ୍ତି। ହେଲେ ରାତିରେ ଚକୋଲେଟ୍ ଖାଇଲେ ଏଥିରେ ଥିବା କ୍ୟାଫିନ୍ ନିଦ୍ରାହୀନତାର କାରଣ ସାଜିଥାଏ। ଏହା ବ୍ୟତୀତ ଏଥିରେ ଅଧିକ ମାତ୍ରାରେ ଥିବା ଚିନି ବା ସୁଗାର ମଣିଷଠାରେ ମେଦବହୁଳତା ସମସ୍ୟା ସୃଷ୍ଟି କରିଥାଏ।

# ରାଗ ନୁହେଁ ସମାଧାନ

ଅଭିଭାବକଙ୍କ ବ୍ୟବହାର ପିଲାଙ୍କ ବ୍ୟକ୍ତିତ୍ୱକୁ ଆକାର ଦେଇଥାଏ। ତେଣୁ ପିଲାଙ୍କର କୌଣସି ଭୁଲ୍‌ରେ ହଠାତ୍ ରାଗିଯାଇ ଗାଳିଦେବା କିମ୍ବା ମାଡ଼ ମାରିବା ପରିବର୍ତ୍ତେ ପ୍ରଥମେ ତାଙ୍କୁ ସ୍ନେହରେ ଭଲ ଭାବେ ବୁଝାଇଲେ ସେମାନେ ସହଜରେ ନିଜ ଭୁଲ୍ ବୁଝିପାରନ୍ତି। ଏହା ନା କେବଳ ସେମାନଙ୍କ ମନରେ ସକାରାତ୍ମକ ପ୍ରଭାବ ପକାଏ ନା ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ ବରଂ ଏହାଦ୍ୱାରା ଅଭିଭାବକ ଓ ପିଲାଙ୍କ ମଧ୍ୟରେ ସମ୍ପର୍କ ଆହୁରି ସୁଦୃଢ଼ ହୋଇଥାଏ...



ପିଲାଙ୍କ ବ୍ୟବହାର, ଚିନ୍ତାଧାରା ଏବଂ କାର୍ଯ୍ୟକଳାପ ଅଭିଭାବକଙ୍କର ସେମାନଙ୍କ ପ୍ରତି ବ୍ୟବହାର ଉପରେ ବହୁମାତ୍ରାରେ ନିର୍ଭର କରିଥାଏ। ଯଦିଓ ସମସ୍ତେ ନିଜ ପିଲା ପାଇଁ ସବୁବେଳେ ଭଲ କରିବାକୁ ଚାହାନ୍ତି ଆଉ ଏଥିପାଇଁ ସେମାନଙ୍କ ଭୁଲ୍ ସୁଧାରିବା ଲାଗି କେବେ କେବେ ମାଡ଼, ଗାଳି ମଧ୍ୟ ଦେଇଥାନ୍ତି ହେଲେ ସବୁବେଳେ ଏପରି ଆଚରଣ ଠିକ୍ ନୁହେଁ। କାରଣ ଏହାଦ୍ୱାରା ପିଲାଙ୍କ ମାନସିକତା ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ...

**କଥା ଲୁଚାଇବା:** ସାଧାରଣତଃ ପିଲାମାନେ ଖେଳକୁଦ, ମଜାମସ୍ତି ଭିତରେ ଛୋଟ ଛୋଟ ଭୁଲ୍ କରିବସନ୍ତି। ଏହା ଭୁଲ୍ ବୋଲି ତାଙ୍କୁ ବୁଝାଇବା ଦ୍ୱାରା ସେମାନେ ଏହା ଅନୁଭବ କରନ୍ତି ଏବଂ ଏହା ସେମାନଙ୍କ ଭଲ କଥା ଶିଖିବାର ଏକ ପ୍ରକ୍ରିୟା। ହେଲେ ଏମିତି ଅନେକ ମାତାପିତା ଅଛନ୍ତି ଯେଉଁମାନେ ପିଲାଙ୍କ ପ୍ରତିଟି ଭୁଲ୍‌ରେ ଖୁବ୍ ଜୋର ରାଗିଯାଇ ଗାଳିଦିଅନ୍ତି, ଏମିତିକି କେହି କେହି ବାଡ଼େଇବାକୁ ବି ପଛାନ୍ତି ନାହିଁ। ଏ କ୍ଷେତ୍ରରେ ପିଲା ନିଜ ଭୁଲ୍‌ରୁ ଶିଖିବା ପରିବର୍ତ୍ତେ ଭୟରେ ଭୁଲ୍‌କୁ ମାଆବାପାଙ୍କ ଆଗରେ ଲୁଚାଇବା ଆରମ୍ଭ କରିଦିଏ ; ଯାହାକି ଧୀରେ ଧୀରେ ସେମାନଙ୍କୁ ମାନସିକ ସ୍ତରରେ ଅଭିଭାବକଙ୍କଠାରୁ ଦୂରେଇଦିଏ।

**ଆତ୍ମବିଶ୍ୱାସ କମିଯିବା:** ପ୍ରତ୍ୟେକ ପିଲା ପରସ୍ପରଠୁ ଭିନ୍ନ ଏବଂ ଚିନ୍ତାଧାରା ମଧ୍ୟ ଅଲଗା ହୋଇଥାଏ। ଏମିତିରେ ପିଲା କିଛି ଭୁଲ୍ କଲେ ଯେତେବେଳେ ଅଭିଭାବକ ତାଙ୍କ ଭାବନାକୁ ବୁଝିବା ବଦଳରେ ଗାଳିକରିବା ଆରମ୍ଭ କରିଦିଅନ୍ତି। ଏଭଳି ପରିସ୍ଥିତିରେ ସେମାନେ ନିଜ ପକ୍ଷ ରଖିବାକୁ ପଛଘୁଞ୍ଚା ଦେଇଥାନ୍ତି। ଏହା ସେମାନଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଦିଏ ଏବଂ ଆତ୍ମବିଶ୍ୱାସ କମିଯାଏ।

**ନିଜକୁ ଦୋଷୀ ଭାବିବା:** ସବୁବେଳେ ପିଲାଙ୍କୁ ଗାଳିଦେଲେ ଏହା ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏମିତିକି ସେମାନେ ନିଜକୁ ସବୁବେଳେ ଦୋଷୀ ବୋଲି ଭାବିବା ଆରମ୍ଭ କରିଦିଅନ୍ତି। ଏହାଦ୍ୱାରା ଭୁଲ୍‌କୁ ସୁଧାରି ଠିକ୍ କାମ କରିବା ପରିବର୍ତ୍ତେ ମୁଁ ଯାହା କରିବି ତାହା ଭୁଲ୍ ହିଁ ହୋଇଯିବ ଭାବି ବାରମ୍ବାର ଭୁଲ୍ କରିବସନ୍ତି।

**କ୍ରୋଧ କରିବା:** ପିଲା ଭୁଲ୍ କଲେ ବୁଝାଇବା ସହ କେବେ କେବେ ଗାଳି ଦେବାକୁ ପଡ଼ିଥାଏ। ହେଲେ ଏହାର ଅର୍ଥ ନୁହେଁ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସି ଚିଲେଇବା, ବିଭିନ୍ନ ଅପଶବ୍ଦ ବ୍ୟବହାର କରିବା। କାରଣ ଏହା ପିଲାଙ୍କୁ ଏତେମାତ୍ରାରେ ପ୍ରଭାବିତ କରେ ଯେ, ଧୀରେ ଧୀରେ ସେମାନଙ୍କ ସ୍ୱଭାବ ବି ଚିଡ଼ିଚିଡ଼ା ଏବଂ ରାଗି ହୋଇଯାଏ। ଯାହାଦ୍ୱାରା ସେମାନେ କଥା କଥାରେ କ୍ରୋଧିତ ହୋଇପଡ଼ନ୍ତି।

**କ'ଣ କରିବା ଦରକାର...**

– ପିଲା କୌଣସି ଭୁଲ୍ କଲେ ରାଗରେ ଗାଳିଦେବା ପରିବର୍ତ୍ତେ ଶାନ୍ତିପୂର୍ବକ କଥା ହୁଅନ୍ତୁ ଏବଂ ଏହି ଭୁଲ୍ ଯୋଗୁ କ'ଣ ସବୁ ଅସୁବିଧା ହୋଇପାରେ ବୁଝାନ୍ତୁ। ଏପରି କଲେ ପିଲାଙ୍କଠାରେ ଆତ୍ମବିଶ୍ୱାସ ବଢ଼ିଥାଏ।

– ଭୁଲ୍ କଲେ ହଠାତ୍ ପ୍ରତିକ୍ରିୟା ପ୍ରକାଶ ନ କରି ପିଲାଙ୍କ କଥା ଶୁଣନ୍ତୁ ଏବଂ ତାଙ୍କ ଭାବନାକୁ ବୁଝିବାକୁ ଚେଷ୍ଟା କରନ୍ତୁ। କାରଣ ସେମାନଙ୍କ ସହ ଖୋଲା ଭାବେ ଏବଂ ସକାରାତ୍ମକ ଢଙ୍ଗରେ କଥା ହେଲେ ସେମାନେ ଡରିବା, ମିଛ କହିବା ବଦଳରେ ନିଜ ଭୁଲ ବୁଝିପାରନ୍ତି ଏବଂ ଏହାର ପୁନରାବୃତ୍ତି ଆଉ କରନ୍ତି ନାହିଁ। ଏପରି କଲେ ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଭଲ ପ୍ରଭାବ ପଡ଼ିବ।

– ଯଦିଓ କେବେ କେବେ ପିଲାଙ୍କୁ ସୁଧାରିବା ପାଇଁ ଛୋଟ ଛୋଟ ଦଣ୍ଡଦେବା ଦରକାର ହେଲେ ଏହା ଆବଶ୍ୟକରୁ ଯେପରି ଅଧିକ ନ ହୁଏ ସେଥିପ୍ରତି ଯତ୍ନଶୀଳ ହୁଅନ୍ତୁ। ପିଲାଙ୍କୁ ଶାରୀରିକ କଷ୍ଟ ଏବଂ ମାନସିକ ଡରଠୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।

– ଭୁଲ୍ କଲେ ବୁଝାଇବା ଯେତିକି ଗୁରୁତ୍ୱପୂର୍ଣ୍ଣ ପିଲାଙ୍କୁ ଭଲ ମାର୍ଗରେ ନେବା ଲାଗି ଠିକ୍ କଲେ କିମ୍ବା କୌଣସି ଭଲ କାମ କଲେ ପ୍ରଶଂସା କରିବା ବି ସେତିକି ଗୁରୁତ୍ୱପୂର୍ଣ୍ଣ। ଏପରି କରନ୍ତୁ ଦେଖିବେ ପିଲାଙ୍କଠାରେ ସବୁବେଳେ ଭଲ କାମ କରିବାର ମନୋବୃତ୍ତି ସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇବ।

## ସ୍ନେହଶ୍ରଦ୍ଧାରେ ହିଁ ପିଲାଙ୍କୁ ହାତରେ ରଖିବା ସହଜ



**ଶ୍ରଦ୍ଧା ଶତପଥୀ** (ଶିକ୍ଷୟିତ୍ରୀ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି)– ପିଲାଟିଏ ଜନ୍ମରୁ ସବୁକିଛି ଶିଖିକି ଆସି ନ ଥାଏ। ତେଣୁ ତାଙ୍କ ପାଇଁ ପ୍ରତ୍ୟେକ କାର୍ଯ୍ୟ ନୂଆ ହୋଇଥାଏ। ସେମାନେ ଯାହାବି କରନ୍ତି ଯେପରିକି ଖେଳନା କିମ୍ବା ଅନ୍ୟ କିଛି ଜିନିଷ ଦେଖିଲେ ଘଣ୍ଟା ଘଣ୍ଟି କରିବା, ଫିଙ୍ଗିବା, ଭାଙ୍ଗିବା ଆଦି କାର୍ଯ୍ୟ କୌତୂହଳପୂର୍ଣ୍ଣ ଭାବେ କରିଥାନ୍ତି। ଏହା ପିଲାଙ୍କ ସ୍ୱଭାବ ହୋଇଥାଏ। ମୋ ପିଲା ଏପରି କଲେ କେବେ ଉପରେ ନ ରାଗି ଧୀରେ ଧୀରେ ବୁଝେଇଥାଏ। କାରଣ ହଠାତ୍ ରାଗିବା ଦ୍ୱାରା ପିଲାର ନୂଆ କଥା ଜାଣିବାର ଜିଜ୍ଞାସା କମିଯାଏ। ତା'ଛଡ଼ା ରାଗିଲେ, ଗାଳିକଲେ କିମ୍ବା ମାଡ଼ମାରିଲେ ପିଲା ଡରିଯିବା ସହ ଧୀରେ ଧୀରେ କଥା ଲୁଚେଇବା ଶିଖିଯାଏ। ତେଣୁ ସର୍ବପ୍ରଥମେ ପିଲାଙ୍କ ସହ ଅଭିଭାବକଙ୍କୁ ଜଣେ ଭଲ ଫ୍ରେଣ୍ଡ ହେବା ଦରକାର ମୁଁ ଭାବିଥାଏ। କିଛି ଭୁଲ୍ କଲେ ସେ ଏପରି କାହିଁକି କରିଛି ତା'ଠାରୁ ଭଲଭାବେ ଶୁଣିବା ପରେ ବୁଝେଇକି ଠିକ୍ କ'ଣ ଶିଖାଇଥାଏ। ରାଗରେ ବା ଡରେଇକି ନୁହେଁ ବରଂ ସ୍ନେହଶ୍ରଦ୍ଧାରେ ହିଁ ପିଲାଙ୍କୁ ହାତରେ ରଖିହେବ। ଜଣେ ଶିକ୍ଷୟିତ୍ରୀ ଭାବେ କ୍ଲାସ୍‌ରେ ବି ପିଲାମାନେ କିଛି ଭୁଲ୍ କଲେ ଗାଳି ନ କରି ପ୍ରଥମେ ବୁଝାଏ। କେହି କେହି ଅଧିକ ଦୁଷ୍ଟ ହେଉଥିଲେ ତୁମ ସହ କଥା ହେବିନାହିଁ କହି ଇମୋଶନାଲି ବାଟକୁ ଆଣିବାକୁ ଚେଷ୍ଟାକରେ। ପିଲାମାନେ ଯେପରି ନିଜେ ହିଁ ଭୁଲ୍‌ଠାରୁ ଦୂରେଇ ରହିବେ ସେଥିପାଇଁ କ୍ଲାସ୍‌ରେ ଭୟ ବଦଳରେ ଏବଂ ବନ୍ଧୁତାପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରେ। ଆଉ ଏହା ବାସ୍ତବରେ ପିଲାଙ୍କ ମାନସିକତା ଉପରେ ଖୁବ୍ ସକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ପିଲାଙ୍କୁ ଭଲ ମଣିଷ କରିବାକୁ ହେଲେ ପ୍ରତ୍ୟେକ ଅଭିଭାବକ ଏସବୁ ଦିଗ ପ୍ରତି ନିହାତି ସଚେତନ ହେବା ଦରକାର।





**ସୌନ୍ଦର୍ଯ୍ୟ**

# ଗ୍ଲାସ୍ ସ୍କିନ୍ ଦେବ ନଡ଼ିଆତେଲ



ବ୍ରାଇଟ୍, ଗ୍ଲୋଇଂ ଏବଂ କ୍ଲିଅର୍ ଗ୍ଲାସ୍ ସ୍କିନ୍ କାହାକୁ ବା ପସନ୍ଦ ନୁହେଁ। ହେଲେ ଧୂଳି, ପ୍ରଦୂଷଣ, ସୂର୍ଯ୍ୟକିରଣ ଆଦି ସଂସ୍ପର୍ଶରେ ଆସିବା କାରଣରୁ ଅନେକଙ୍କ ତ୍ୱଚା ଡଲ୍ ଲାଗିଥାଏ। ଏମିତିରେ ଗ୍ଲାସ୍ ସ୍କିନ୍ ପାଇବା ପାଇଁ ଚାହୁଁଥିଲେ କୌଣସି ମହଙ୍ଗା ପ୍ରଡକ୍ଟ ନୁହେଁ ବରଂ ନଡ଼ିଆତେଲ ସହ କେତୋଟି ଘରୋଇ ସାମଗ୍ରୀ ଆପଣଙ୍କୁ ବେଶ୍ ସହଯୋଗ କରିପାରିବ...

▶▶୨ ଚାମଚ ନଡ଼ିଆତେଲ ସହ ୧ ଚାମଚ ଆଲୋଭେରା ଜେଲ୍ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ୨–୩ ମିନିଟ୍ ରଖିବା ପରେ ଓଦା କଟନରେ ପୋଛିଦିଅନ୍ତୁ କିମ୍ବା ପାଣିରେ ଧୋଇଦିଅନ୍ତୁ। ଏହାକୁ ତ୍ୱଚା ପାଇଁ ସୁପର କ୍ଲିନିଂ ପ୍ୟାକ୍ ବୋଲି କୁହାଯାଇଥାଏ। କାରଣ ଏହା ତ୍ୱଚାକୁ ଭିତରୁ ସଫାକରିବା ସହ ଏକ କୁଲିଂ ଇଫେକ୍ଟ ମଧ୍ୟ ଦେଇଥାଏ।

▶▶ନଡ଼ିଆତେଲ ତ୍ୱଚାକୁ ପ୍ରାକୃତିକ ରୂପେ ମଶ୍ଚରାଇଜ୍ କରିବାରେ ସାହାଯ୍ୟ କରେ। ସେହିପରି ଗୋଲାପଜଳ ସ୍କିନ୍ ଟୋନ୍ ବଢ଼ାଇବା ସହ ଡଲ୍‌ନେସ୍ ଦୂରକରି ଗ୍ଲୋ ବଢ଼ାଇଥାଏ। ଏଥିପାଇଁ ୨ ଚାମଚ ନଡ଼ିଆତେଲ ସହ ୧ ଚାମଚ ଗୋଲାପଜଳ ମିଶାଇ ଏହାକୁ ମୁହଁରେ ଲଗାଇ ୪–୫ମିନିଟ୍ ସର୍କୁଲାର ମୋଶନରେ ମସାଜ କରନ୍ତୁ। ଏହାପରେ ଓଦା କଟନରେ ଧୀରେ ଧୀରେ ପୋଛିଦିଅନ୍ତୁ। ସପ୍ତାହରେ ୨–୩ ଥର ଏପରି କଲେ ତ୍ୱଚା ଅଧିକ ସୁନ୍ଦର ଲାଗିବ।

▶▶ନଡ଼ିଆତେଲ ଏବଂ ବେସନର ମିଶ୍ରଣ ତ୍ୱଚା ପାଇଁ ନାଚୁରାଲ୍ କ୍ଲିଞ୍ଜର ଭାବେ କାମ କରିଥାଏ। ଏଥିପାଇଁ ୨ ଚାମଚ ବେସନ ସହ ୧.୫ ଚାମଚ ନଡ଼ିଆତେଲ ମିଶାଇ ଉକ୍ତ ପେଷ୍ଟକୁ ମୁହଁରେ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ହାତରେ ଧୀରେ ଧୀରେ ଘଷି ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏପରି କଲେ ଧୀରେ ଧୀରେ ତ୍ୱଚାରୁ ଡେଡ୍ ସେଲ୍ ଏବଂ ଟାନିଂ ଦୂରହୋଇଥାଏ।

▶▶୧ଚାମଚ ନଡ଼ିଆତେଲରେ ଅଳ୍ପ ହଳଦୀ ମିଶାଇ ମୁହଁରେ ଲଗାନ୍ତୁ। ୧୫ମିନିଟ୍ ରଖିବା ପରେ ଭଲ ଭାବେ ପାଣିରେ ଧୋଇଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ୨ ଥର ଏପରି କଲେ ତ୍ୱଚାରେ ଥିବା ଦାଗ, ପିଗ୍‌ମେଣ୍ଟେଶନ ଦୂରହୋଇଥାଏ ଏବଂ ତ୍ୱଚା ଗ୍ଲୋଇଂ ଦେଖାଯାଇଥାଏ।



**ଖାଦ୍ୟରୁଚି**

# ଟମାଟୋ ସାଲ୍‌ସା

**ଆବଶ୍ୟକ ସାମଗ୍ରୀ:** ୨ଟି ମଧ୍ୟମ ଆକାରର ପାଚିଲା ଟମାଟୋ, ୧/୪ କପ୍ ଲେଖାଏଁ ଛୋଟ କଟାହୋଇଥିବା ଧନିଆପତ୍ର ଏବଂ ପିଆଜ, ୧–୨ଟି କଞ୍ଚାଲଙ୍କା ଛୋଟ କଟାହୋଇଥିବା, ୧ କୋଳା ରସୁଣ, ୧/୪ ଚାମଚ ଜୀରାଗୁଣ୍ଡ, ୧ ଚାମଚ ଲେମ୍ବୁରସ, ୧/୪ ଚାମଚ ଚିନି, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଟମାଟୋକୁ କାଟି ଏହା ଭିତରୁ ମଞ୍ଜି କାଢ଼ିଦିଅନ୍ତୁ। ଏହାକୁ ମଧ୍ୟମ ଆକାରରେ କାଟିଦିଅନ୍ତୁ। ମିକ୍ସି ଜାର୍‌ରେ ରଖି ସେଥିରେ କଟାଯାଇଥିବା ପିଆଜ, ଧନିଆ ପତ୍ର, କଞ୍ଚାଲଙ୍କା, ଜିରାଗୁଣ୍ଡ, ଚିମୁଟାଏ ଚିନି, ସ୍ୱାଦାନୁସାରେ ଲୁଣ ଏବଂ ଲେମ୍ବୁରସ ପକାନ୍ତୁ। ବର୍ତ୍ତମାନ ମାତ୍ର ୨ ସେକେଣ୍ଡ ପାଇଁ ଏହାକୁ ଗ୍ରାଇଣ୍ଡକରି ବନ୍ଦ କରିଦିଅନ୍ତୁ ଯେପରି ତାହା ପେଷ୍ଟ ନ ହୋଇ ଖଣ୍ଡ ଖଣ୍ଡ ଦରବଟା ରହିବ। ପ୍ରସ୍ତୁତ ହୋଇଗଲା ଟମାଟୋ ସାଲ୍‌ସା। ଏହାକୁ ଚିପ୍ସ ଏବଂ ଚକୁଳି, ପରଟା, ଉପମା ସହ ଖାଇବାକୁ ଭଲ ଲାଗିଥାଏ।



## ସଂକ୍ଷେପରେ

### ଗୁଜରାଟ ହାଇକୋର୍ଟଙ୍କୁ ବୋମା ଧମକ

ଅହମଦାବାଦ, ୯।୬

ଗୁଜରାଟ ହାଇକୋର୍ଟଙ୍କୁ ବୋମାରେ ଉଡ଼ାଇଦେବାକୁ ସୋମବାର ଧମକ ମିଳିଛି। ଏନେଇ ହାଇକୋର୍ଟଙ୍କ ଅଫିସିଆଲ ଇ-ମେଲ୍ ଆଇଡିରେ ଏକ ଧମକପୂର୍ଣ୍ଣ ମେସେଜ୍ ଆସିଥିବା ପୋଲିସ କହିଛି। ଉକ୍ତ ଇ-ମେଲ୍‌ରେ ହାଇକୋର୍ଟ ପରିସରକୁ ବୋମାରେ ଉଡ଼ାଇଦେବାକୁ ଧମକ ଦିଆଯାଇଥିଲା। ଘଟଣା ସମ୍ପର୍କରେ ହାଇକୋର୍ଟ ପ୍ରଶାସନ ସୂଚନା ଦେବା ପରେ ପୋଲିସ ବୋମା ନିରୋଧୀ ଦଳ ଏବଂ ଡଗ୍ ସ୍କ୍ୱାଡ ସହ ହାଇକୋର୍ଟ ପହଞ୍ଚି ସେଠାରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ ଆରମ୍ଭ କରିଥିଲା। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ମଧ୍ୟାହ୍ନ ଭୋଜନ ବିରତି ପରେ ଗୁଜରାଟ ହାଇକୋର୍ଟଙ୍କ କାର୍ଯ୍ୟକୁ ସ୍ଥଗିତ ରଖାଯିବା ସହ କୋର୍ଟ ପରିସରକୁ ସମ୍ପୂର୍ଣ୍ଣ ଭାବେ ଖାଲି କରାଯାଇଥିଲା। ଘଟଣାକୁ ନେଇ ଅହମଦାବାଦ ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି।

### ଶର୍ମିଷ୍ଠା ପନୋଲିଙ୍କ ବିରୋଧରେ ମାମଲା ଦାଏର କରିଥିବା ବ୍ୟକ୍ତି ଗିରଫ

କୋଲକାତା, ୯।୬

ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ତଥା ଆଇନ ଛାତ୍ରୀ ଶର୍ମିଷ୍ଠା ପନୋଲିଙ୍କ ବିରୋଧରେ ଅଭିଯୋଗ ଆଣି ତାଙ୍କୁ ଗିରଫ କରାଇଥିବା ୱାଜାହତ ଖାନ୍‌ଙ୍କୁ କୋଲକାତା ପୋଲିସ ସୋମବାର ଗିରଫ କରିଛି। ଗତ ମାସ ୩୦ରେ ଶର୍ମିଷ୍ଠା ଗୁରୁଗ୍ରାମରୁ ଗିରଫ ହେବା ପରେ ୱାଜାହତ୍ ଫେରାର ଥିଲେ। ଏକାଧିକ ସମନକୁ ସେ ଏଡ଼ାଇ ଯିବା ପରେ ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସୋସିଆଲ ମିଡିଆରେ ଘୃଣିତ ବାର୍ତ୍ତା ପ୍ରସାର କରାଇବା ଏବଂ ଧର୍ମୀୟ ଭାବାବେଗକୁ ଆଘାତ ଦେବା ଅଭିଯୋଗରେ ତାଙ୍କ ବିରୋଧରେ କୋଲକାତାର ଗଲ୍ଫ ଗ୍ରୀନ୍ ଥାନାରେ ମାମଲା ରୁଜୁ ହୋଇଥିଲା। ଶର୍ମିଷ୍ଠାଙ୍କ ଗିରଫଦାରିକୁ ନେଇ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

### ୨ ମାସ ମଧ୍ୟରେ ଭାରତରେ ଷ୍ଟାର୍‌ଲିଙ୍କ୍ ସେବା

ନୂଆଦିଲ୍ଲୀ, ୯।୬

ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କଙ୍କ କମ୍ପାନୀ ସ୍ପେସ୍ ଏକ୍ସ'ର ଇଣ୍ଟରନେଟ ପ୍ରୋଭାଇଡର କମ୍ପାନୀ ଷ୍ଟାର୍‌ଲିଙ୍କ ଭାରତରେ ୨ ମାସ ମଧ୍ୟରେ ନିଜର ସାଟେଲାଇଟ ଇଣ୍ଟରନେଟ ସେବା ଆରମ୍ଭ କରିବାକୁ ଯାଉଥିବା ନେଇ ସୋମବାର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଗତ ସପ୍ତାହରେ ଭାରତର ଦୂରସଂଚାର ବିଭାଗରୁ ଷ୍ଟାର୍‌ଲିଙ୍କକୁ ଲାଇସେନ୍ସ ମିଳିଛି। ଦେଶରେ ସାଟେଲାଇଟ ଇଣ୍ଟରନେଟ ସେବା ଉପଲବ୍ଧ କରାଇବା ପାଇଁ ତୃତୀୟ କମ୍ପାନୀ ଭାବେ ଷ୍ଟାର୍‌ଲିଙ୍କକୁ ଦୂରସଂଚାର ବିଭାଗର ଲାଇସେନ୍ସ ମିଳିଛି। ଏହାପୂର୍ବରୁ ୟୁଟେଲ୍‌ସାଟ୍ ୱାନ୍ ୱେବ୍ ଏବଂ ଜିଓ ସାଟେଲାଇଟ କମ୍ୟୁନିକେଶନ୍ସକୁ ଏହି ଲାଇସେନ୍ସ ମିଳିଥିଲା।

ରିପୋର୍ଟ ଅନୁଯାୟୀ, ଭାରତୀୟ ମାର୍କେଟରେ ପ୍ରବେଶ ପାଇଁ ଷ୍ଟାର୍‌ଲିଙ୍କ ନିଜର ସାଟେଲାଇଟ ଇଣ୍ଟରନେଟ ସେବାର ମୂଲ୍ୟ ମଧ୍ୟ ସ୍ଥିର କରିସାରିଛି। ଏହି ସେବାର ଫାଇଦା ଉଠାଇବା ପାଇଁ ୟୁଜର୍ସମାନଙ୍କୁ ନିଜ ଘରେ ଏକ ସାଟେଲାଇଟ ଡିଶ୍ ଡିଭାଇସ୍ ଲଗାଇବାକୁ ପଡ଼ିବ, ଯାହାର ମୂଲ୍ୟ ୩୩ ହଜାର ଟଙ୍କା ରହିବ। ଏହାପରେ ୟୁଜର୍ସମାନଙ୍କୁ ଏକ ମାସିକିଆ ରିଚାର୍ଜ ପ୍ଲାନ୍ କିଣିବାକୁ ପଡ଼ିବ, ଯାହାର ମାସିକ ମୂଲ୍ୟ ୩ ହଜାର ଟଙ୍କା ରହିବ ବୋଲି ରିପୋର୍ଟରେ କୁହାଯାଇଛି। ଏଥିରେ ୟୁଜର୍ସମାନଙ୍କୁ ଗୋଟିଏ ମାସ ପାଇଁ ଅସୀମିତ ଡେଟା ମିଳିବ। ଷ୍ଟାର୍‌ଲିଙ୍କ ନିଜର ପ୍ରତ୍ୟେକ ଡିଭାଇସ୍ କ୍ରୟ ସହ ୧ ମାସର ମାଗଣା ପରୀକ୍ଷଣ ଅବଧି ପ୍ରଦାନ କରିବାକୁ ଯୋଜନା କରୁଛି, ଯାହାଦ୍ୱାରା ନିୟମିତ ଭାବେ ମାସିକ ଦେୟ ଦେବା ପୂର୍ବରୁ ଗ୍ରାହକମାନଙ୍କୁ ଷ୍ଟାର୍‌ଲିଙ୍କର ସେବା ପରୀକ୍ଷା କରିବାକୁ ସୁଯୋଗ ମିଳିବ। ରିପୋର୍ଟ ଅନୁଯାୟୀ, ଷ୍ଟାର୍‌ଲିଙ୍କ ସାଟେଲାଇଟ ଇଣ୍ଟରନେଟ ସେବା ଭାରତର ଦୁର୍ଗମ ଏବଂ ଅନୁନ୍ନତ ଅଞ୍ଚଳରେ କନେକ୍ଟିଭିଟିକୁ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ହେଉଛି, ଯେଉଁଠାରେ ପାରମ୍ପରିକ ବ୍ରଡ୍‌ବ୍ୟାଣ୍ଡ ଭିତ୍ତିଭୂମି ସ୍ଥାପନ କରିବା ବର୍ତ୍ତମାନ ସୁଦ୍ଧା କଷ୍ଟସାଧ୍ୟ ବୋଲି ଧରାଯାଇ ଆସୁଛି।

# ୧୧ ବର୍ଷର ବିକାଶ ଯାତ୍ରା



**ଦେଶବାସୀଙ୍କ ଆଶୀର୍ବାଦ, ସହଭାଗିତା ଯୋଗୁ ସମ୍ଭବ ହୋଇଛି: ପ୍ରଧାନମନ୍ତ୍ରୀ**

## ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ମୋଦିଙ୍କ ଅମଳର କାର୍ଯ୍ୟ: ନଡ୍ଡା

ନୂଆଦିଲ୍ଲୀ, ୯।୬

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ୧୧ ବର୍ଷପୂର୍ତ୍ତିକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। କେନ୍ଦ୍ର ଏହି ଅବଧିକୁ ସଫଳତାର ୧୧ ବର୍ଷ ଭାବେ ଅଭିହିତ କରି ପ୍ରଚାର ପ୍ରସାରରେ ବ୍ୟସ୍ତ ଥିବାବେଳେ ବିରୋଧୀ କଂଗ୍ରେସ କ୍ଷୁଧା ଓ ଅସମାନତା ଭଳି ପ୍ରସଙ୍ଗ ଉଠାଇ ଭାଜପାର ରିପୋର୍ଟ କାର୍ଡ ଜାରି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧୀନରେ କରାଯାଇଥିବା ସମସ୍ତ କାର୍ଯ୍ୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମତରେ ସରକାର ଚତୁର୍ଦ୍ଦିଗରୁ ବିଫଳ ହୋଇଥିବାରୁ ବର୍ତ୍ତମାନ ସମ୍ପର୍କରେ କହିବା ବନ୍ଦ କରିଦେଲେଣି। ଭାଜପା ନେତାମାନେ ଏବେ କେବଳ ୨୦୪୭ର ସ୍ୱପ୍ନ ବିକ୍ରି କରିବାରେ ଲାଗିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କହିଛନ୍ତି, ତାଙ୍କ ସରକାର ଅମଳରେ ଭାରତ କେବଳ ବିଶ୍ୱର ଦ୍ରୁତତମ ବୃହତ୍ ଅର୍ଥନୀତିରେ ପରିଣତ ହୋଇନାହିଁ, ଏହା ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ ଓ ଡିଜିଟାଲ ନବଉନ୍ମେଶ କ୍ଷେତ୍ରରେ ଏକ ବୈଶ୍ୱିକ ସ୍ୱର ପାଲଟିଛି। ସରକାର ନିଜ ତୃତୀୟ ପାଳିର ପ୍ରଥମ ବର୍ଷ ସୋମବାର ପୂରଣ କରିଛନ୍ତି। ବିଗତ ୧୧ ବର୍ଷରେ ସୁଶାସନ ଓ ପରିବର୍ତ୍ତନକୁ ଗୁରୁତ୍ୱାରୋପ କରାଯାଇଛି। ବର୍ତ୍ତମାନ କେନ୍ଦ୍ରରେ ମନ୍ତ୍ରୀ ଥିବା ୬୦% ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗର। ପୂର୍ବରୁ କେନ୍ଦ୍ରର କୌଣସି ମନ୍ତ୍ରୀ ପରିଷଦରେ ଏତେ ସଂଖ୍ୟକ ବଞ୍ଚିତ ବର୍ଗର ସଦସ୍ୟ ସ୍ଥାନ ପାଇ ନ ଥିଲେ। ଏଥିରୁ ସରକାରଙ୍କ ସାମାଜିକ ନ୍ୟାୟ ପ୍ରତି ପ୍ରତିଶ୍ରୁତିବଦ୍ଧତା ସ୍ପଷ୍ଟ ହେଉଛି ବୋଲି ପ୍ରଧାନମନ୍ତ୍ରୀ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ୧୪୦ କୋଟି ଭାରତୀୟଙ୍କ ଆଶୀର୍ବାଦ ଓ ସାମଗ୍ରିକ ସହଭାଗିତା ଯୋଗୁ ଏହା ସମ୍ଭବ ହୋଇପାରିଛି। ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ ସିଦ୍ଧାନ୍ତର ଅନୁସରଣ ହେତୁ ପରିବର୍ତ୍ତନର ତୀବ୍ରତା ମାତ୍ରା ଓ ସମ୍ବେଦନଶୀଳତା ଉଲ୍ଲେଖନୀୟ ହୋଇପାରିଥିବା ପ୍ରଧାନମନ୍ତ୍ରୀ ଏଥିରେ ଲେଖିଛନ୍ତି।

- ୧୧ ବର୍ଷର ରିପୋର୍ଟ କାର୍ଡ ଜାରିକଲା କଂଗ୍ରେସ
- କେନ୍ଦ୍ର କେବଳ ୨୦୪୭ର ସ୍ୱପ୍ନ ବିକୁଛି: ରାହୁଲ




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରର ୧୧ ବର୍ଷ ପୂର୍ତ୍ତି ଅବସରରେ ସୋମବାର ନୂଆଦିଲ୍ଲୀର ଭାଜପା ମୁଖ୍ୟାଳୟଠାରେ 'ବିକଶିତ ଭାରତ କା ଅମୃତ କାଲ୍: ସେବା, ସୁଶାସନ ଔର ଗରିବ କଲ୍ୟାଣ କେ ୧୧ ସାଲ୍' ଉପରେ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେବା ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଦଳର ଅନ୍ୟ ନେତାମାନେ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି।

### ଋଷିଆ, ୟୁକ୍ରେନ୍ ମଧ୍ୟରେ ପ୍ରଥମ ଯୁଦ୍ଧବନ୍ଦୀ ବିନିମୟ

କିଭ୍, ୯।୬

ଋଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ହୋଇଥିବା ଶାନ୍ତି ଆଲୋଚନାର ଚୁକ୍ତି କ୍ରମେ ଉଭୟ ଦେଶ ସୋମବାର ପ୍ରଥମ ଗ୍ରୁପ୍ ଯୁଦ୍ଧବନ୍ଦୀ ବିନିମୟ କରିଛନ୍ତି। ଋଷିଆ ଓ ୟୁକ୍ରେନ୍ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପରସ୍ପର ମଧ୍ୟରେ ଯୁଦ୍ଧ ଚଳାଇଥିବାବେଳେ ଏହା ଅନ୍ତ ଘଟାଇବା ପାଇଁ ଶାନ୍ତି ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ତେବେ ପରସ୍ପରର ଯୁଦ୍ଧବନ୍ଦୀଙ୍କୁ ଫେରାଇଦେବା ଏବଂ ପ୍ରାଣ ହରାଇଥିବା ସୈନ୍ୟଙ୍କ ମୃତଦେହ ହସ୍ତାନ୍ତର କରିବା ପାଇଁ ସହମତି ହୋଇଥିଲା। ଯୁଦ୍ଧବିରତି ପାଇଁ ମସ୍କୋ କଠୋର ସର୍ତ୍ତ ରଖିବା ସହ ନିଃସର୍ତ୍ତ ଅସ୍ତ୍ରବିରତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା। ସୋମବାରଠାରୁ ବନ୍ଦୀ ବିନିମୟ ଆରମ୍ଭ ହୋଇଥିବାବେଳେ ଏହା କିଛିଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଗତ ୨ ତାରିଖରେ ଇସ୍ତାନବୁଲ୍‌ରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ବନ୍ଦୀ ବିନିମୟ ଆରମ୍ଭ ହୋଇଥିବା ଋଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ତେବେ କେତେ ବନ୍ଦୀ ବିନିମୟ ହେବେ, ସେ ନେଇ ୨ ଦେଶ କିଛି ସ୍ପଷ୍ଟ କରିନାହାନ୍ତି।

### ସ୍ୱେଚ୍ଛାକୃତ ନାର୍କୋ ପରୀକ୍ଷା ଅଭିଯୁକ୍ତଙ୍କ ଅଧିକାର

ନୂଆଦିଲ୍ଲୀ, ୯।୬

ତଦନ୍ତର ଉପଯୁକ୍ତ ସମୟରେ ସ୍ୱେଚ୍ଛାକୃତ ଭାବେ ନାର୍କୋ ଆନାଲିସିସ୍ ପରୀକ୍ଷା କରାଇବାର ଅଧିକାର ଅଭିଯୁକ୍ତଙ୍କର ରହିଥିବା ସୁପ୍ରିମକୋର୍ଟ କହିଛନ୍ତି। ତଦନ୍ତ ବେଳେ ପ୍ରମାଣ ନିକଟରେ ପହଞ୍ଚିବା ପାଇଁ ଅଭିଯୁକ୍ତ ନିଜର ଅଧିକାର ସାବ୍ୟସ୍ତ କଲାବେଳେ ସ୍ୱେଚ୍ଛାକୃତ ଭାବେ ନାର୍କୋ ପରୀକ୍ଷା କରାଇପାରିବେ ବୋଲି ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ପି.ବି. ଭରାଲେଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ତେବେ ଏହା ଏକ ଅପରିହାର୍ଯ୍ୟ ଅଧିକାର ନୁହେଁ। ଏଥିପାଇଁ ସମ୍ପୃକ୍ତ ଅଦାଲତଙ୍କ ଅନୁମତି ଆବଶ୍ୟକ। ଅନୁମତି ଦେବା ପୂର୍ବରୁ ଅଦାଲତ ମାମଲା ସହ ଜଡ଼ିତ ସମସ୍ତ ସ୍ଥିତିକୁ ବିଚାରକୁ ନେବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି।




## ଜାହାଜରେ ନିଆଁ: ୪ ନିଖୋଜ, ୧୮ ଉଦ୍ଧାର

କୋଚି, ୯।୬

କେରଳର କୋଝିକୋଡ ଉପକୂଳରୁ ୧୩୦ ନଟିକାଲ ମାଇଲ୍ (ପ୍ରାୟ ୧୪୪ କିଲୋମିଟର ଦୂରରେ ସିଙ୍ଗାପୁରର ଏକ କଣ୍ଟେନର ଜାହାଜରେ ସୋମବାର ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଛି। ୨୭୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏମ୍‌ଭି ୱାନ୍ ହାଇ ୫୦୩ ଜାହାଜ କଲମ୍ବୋରୁ ମୁମ୍ବାଇ ଯାଉଥିଲା। ନିଆଁ ଲାଗିବା ସାଙ୍ଗକୁ ଏକାଧିକ ବିସ୍ଫୋରଣ ଘଟିବା ସହ ୨୦ଟି କଣ୍ଟେନର ସମୁଦ୍ରରେ ଖସିପଡ଼ିଛି। ଜାହାଜରେ ୨୨ ଜଣ କ୍ରିଉ ସଦସ୍ୟ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ ଭାରତୀୟ ନୌସେନା ଓ ତଟସୁରକ୍ଷା ବଳ ଉଦ୍ଧାର କରିଛି। ୪ ଜଣ ନିଖୋଜ ଥିବା ଜଣାପଡ଼ିଛି। ନିଆଁ ଲାଗିବା ଖବର ପାଇ ତଟସୁରକ୍ଷା ବାହିନୀ ସ୍ଥିତି ସମ୍ପର୍କରେ ଅବଗତ ହେବା ଲାଗି ବିମାନ ପଠାଇବା ସହ ଘଟଣାସ୍ଥଳକୁ ୪ଟି ଜାହାଜ ପଠାଇଥିଲା। ନୌସେନା ମଧ୍ୟ ଏହାର ଜାହାଜକୁ ପଠାଇଥିଲା। କେରଳ ଉପକୂଳରେ ୧୫ ଦିନ ମଧ୍ୟରେ ଏହା ଦ୍ୱିତୀୟ ସାମୁଦ୍ରିକ ଦୁର୍ଘଟଣା। ଗତ ମେ' ୨୫ରେ ଲାଇବେରିଆର ଏକ ଜାହାଜ କୋଚି ଉପକୂଳଠାରୁ ୧୪ ନଟିକାଲ ମାଇଲ୍ ଦୂରରେ ବୁଡ଼ିଯାଇଥିଲା।

## ଦିନେ ଘୁଞ୍ଚିଲା 'ଆକ୍ସିଓମ୍-୪' ମିଶନ ଲଞ୍ଚିଂ

ୱାଶିଂଟନ୍, ୯।୬

ପ୍ରତିକୂଳ ପାଗ ଯୋଗୁ ବହୁ ପ୍ରତୀକ୍ଷିତ 'ଆକ୍ସିଓମ୍-୪' ମିଶନର ଲଞ୍ଚିଂକୁ ଦିନକ ପାଇଁ ଘୁଞ୍ଚା ଯାଇଥିବା ନେଇ ସୋମବାର ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ପକ୍ଷରୁ ସୂଚନା ଦିଆଯାଇଛି। ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଇସ୍ରୋର ମିଳିତ ପ୍ରୟାସରେ ହେବାକୁ ଥିବା ଏହି ମିଶନର ଲଞ୍ଚିଂ ମଙ୍ଗଳବାର ବଦଳରେ ବୁଧବାର ଭାରତୀୟ ସମୟ ସନ୍ଧ୍ୟା ୫.୩୦ଟାରେ ହେବ। ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ଫାଲ୍‌କନ୍-୯ ରକେଟ ଯୋଗେ ଏହି ମିଶନର ଲଞ୍ଚିଂ ହେବ। ଏହି ମିଶନରେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସମେତ ୪ ଜଣ ଆଷ୍ଟ୍ରୋନଟ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍) ଯିବେ। ଲଞ୍ଚିଂର ପ୍ରାୟ ୨୮ ଘଣ୍ଟା ପରେ ସ୍ପେସ୍ ଏକ୍ସ'ର ଡ୍ରାଗନ ମହାକାଶ ଯାନ ଯୋଗେ ମିଶନର ୪ କ୍ରିଉ ସଦସ୍ୟ ଆଇଏସ୍‌ଏସ୍‌ରେ ପହଞ୍ଚିବେ। ଏହାସହ ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଆଇଏସ୍‌ଏସ୍‌ରେ ପହଞ୍ଚି ଇତିହାସ ରଚିବେ। ଶୁଭାଂଶୁ ଏହି ମିଶନରେ ପାଇଲଟଙ୍କ ଭୂମିକା ନିର୍ବାହ କରିବେ ଏବଂ ସାଥୀ ମହାକାଶଚାରୀଙ୍କ ସହ ୨ ସପ୍ତାହ ପାଇଁ ସେ ଆଇଏସ୍‌ଏସ୍‌ରେ ରହିବେ। ଆଇଏସ୍‌ଏସ୍‌ରେ ୨ ସପ୍ତାହର ରହଣିରେ ମିଶନର ୪ କ୍ରିଉ ସଦସ୍ୟ ସମୁଦାୟ ୬୦ ପରୀକ୍ଷଣ କରିବେ। ସେଥିମଧ୍ୟରୁ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷଣ କରିବେ। ସେହିପରି ନାସାର ମାନବ ଗବେଷଣା କାର୍ଯ୍ୟକ୍ରମର ଅଂଶ ଭାବେ ସେ ଆହୁରି ୫ଟି ପରୀକ୍ଷଣରେ ସାମିଲ ହେବେ।

## ଗ୍ରେଟାଙ୍କ ବୋଟ୍‌କୁ ଜବତ କଲା ଇସ୍ରାଏଲ

ଜେରୁଜେଲମ୍, ୯।୬





ଗ୍ରେଟା ଥନ୍‌ବର୍ଗ

ସୁଇଡେନ୍‌ର ଜଳବାୟୁ କ୍ୟାମ୍ପେନର ଗ୍ରେଟା ଥନ୍‌ବର୍ଗ ଏବଂ ୟୁରୋପୀୟ ପାର୍ଲାମେଣ୍ଟର ଫ୍ରାନ୍ସ ସଦସ୍ୟ ରିମା ହାସନଙ୍କ ସମେତ ୧୨ ଜଣ ମାନବୀୟ ସହାୟତା ନେଇ ଗାଜା ଅଭିମୁଖେ ଯାଉଥିବାବେଳେ ସେମାନଙ୍କ ବୋଟ୍‌କୁ ଇସ୍ରାଏଲ୍ ସୈନ୍ୟମାନେ ରବିବାର ବିଳମ୍ବିତ ରାତିରେ ଜବତ କରିଛନ୍ତି। ଅନ୍ତର୍ଜାତୀୟ ଆକ୍ଟିଭିଷ୍ଟମାନେ ଗାଜାକୁ ନୌଚଳାଚଳ ଅବରୋଧର ଉଲ୍ଲଂଘନ କରିବାକୁ ଉଦ୍ୟମ କରୁଥିବାରୁ ସେମାନଙ୍କ ବୋଟ୍‌କୁ ଇସ୍ରାଏଲୀ ସେନା ଅଟକାଇଥିବା କହିଛି। ପାଲେଷ୍ଟିନୀୟ ସପକ୍ଷବାଦୀ ଫ୍ରିଡମ୍ ଫ୍ଲୋଟିଲା କୋଆଲିଶନ ପକ୍ଷରୁ ଆୟୋଜିତ ମିଶନ୍‌ର ଅଂଶ ସ୍ୱରୂପ ମାଡ୍‌ଲିନ୍ ନାମକ ଉକ୍ତ ବୋଟ୍ ଗାଜା ଯାଉଥିଲା। ଜୁନ୍ ୬ରେ ସିସିଲି ଛାଡ଼ିଥିବା ଏହି ବୋଟ୍ ସୋମବାର ଗାଜାଷ୍ଟ୍ରିପ୍‌ରେ ପହଞ୍ଚିବାକୁ ଥିବାବେଳେ ଏହା ପୂର୍ବରୁ ତାକୁ ସମୁଦ୍ର ମଧ୍ୟରେ ଜବତ କରାଯିବା ସହ ସମସ୍ତ କ୍ରିଉଙ୍କୁ ଗିରଫ କରାଯାଇଛି। ବୋଟ୍‌କୁ ଅଟକାଇବା ପାଇଁ ଇସ୍ରାଏଲ୍ ରବିବାର ଏହାର ସେନାକୁ ନିର୍ଦ୍ଦେଶ ଦେଇଥିବା ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ କହିଥିଲେ। ଗ୍ରେଟା ଜଣେ ଇହୁଦୀ ବିରୋଧୀ ଏବଂ ଆକ୍ଟିଭିଷ୍ଟ ଗୋଷ୍ଠୀ 'ହମାସ୍ ପ୍ରଚାରର ମୁଖପତ୍ର'। ସେମାନଙ୍କୁ ଗାଜାରେ ପୂରାଇ ଦିଆଯିବ ନାହିଁ। ଗାଜାରେ ସହାୟତା ପ୍ରଦାନ ଏବଂ ଇସ୍ରାଏଲ୍‌ର ଅବରୋଧକୁ ଚ୍ୟାଲେଞ୍ଜ କରିବା ଲକ୍ଷ୍ୟରେ ଏହି ବୋଟ୍ ପଠାଯାଇଛି। ଗାଜା ଜଳପଥ ଅବରୋଧକୁ ଭାଙ୍ଗିବା ପାଇଁ କାହାକୁ ଅନୁମତି ଦିଆଯିବ ନାହିଁ ବୋଲି କାଟ୍‌ଜ କହିଥିଲେ।

## ଫୁର୍‌ସତ୍

### ୯୫ ବର୍ଷୀୟ ବର, ୯୦ ବର୍ଷୀୟା କନ୍ୟା

**ଲିଭ୍-ଇନ୍ ରିଲେଶନ୍‌ଶିପ୍‌ରେ ୭୦ ବର୍ଷ ରହିବା ପରେ ବିବାହ**

ଜୟପୁର



ରାଜସ୍ଥାନର ଡୁଙ୍ଗରପୁର ଜିଲା ଗଲନ୍ଦର ଗ୍ରାମରେ ନିକଟରେ ଏକ ନିଆରା ବିବାହ ଅନୁଷ୍ଠିତ ହୋଇଯାଇଛି, ଯାହାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ୭୦ ବର୍ଷ ଧରି ଲିଭ୍-ଇନ୍ ରିଲେଶନ୍‌ଶିପ୍‌ରେ ରହିବା ପରେ ୯୫ ବର୍ଷୀୟ ରାମା ଭାଇ ଅଙ୍ଗାରି ୯୦ ବର୍ଷୀୟା ଜିବାଲୀ ଦେବୀଙ୍କୁ ବିବାହ କରିଛନ୍ତି। ଉଭୟ ଦୀର୍ଘ ୭ ଦଶନ୍ଧି ଧରି ଏକାଠି ରହୁଥିଲେ ମଧ୍ୟ କୌଣସି କାରଣ ବଶତଃ ବିବାହ କରିପାରି ନ ଥିଲେ। ତେବେ ନିଜର ୪ ପୁଅ, ୨ ଝିଅ ଏବଂ ଅନେକ ନାତି ନାତୁଣୀଙ୍କ ସହ ଏହି ବୃଦ୍ଧ ଦମ୍ପତି ଖୁସିରେ ଜୀବନ ବିତାଉଥିଲେ। ଏହି ଦମ୍ପତିଙ୍କର ୨ ପୁଅ ଏବଂ ୨ ଝିଅ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ ଥିବାବେଳେ ଅନ୍ୟ ୨ ପୁଅ କୃଷିକାର୍ଯ୍ୟ କରି ଜୀବିକା ନିର୍ବାହ କରୁଛନ୍ତି।

ବିଭିନ୍ନ ରିପୋର୍ଟ ଅନୁଯାୟୀ, କିଛି ଦିନ ତଳେ ବିବାହ କରିବା ପାଇଁ ରାମା ଭାଇ ଏବଂ ଜିବାଲୀ ଦେବୀଙ୍କୁ ସେମାନଙ୍କ ପରିବାର ଲୋକେ ବାଧ୍ୟ କରିଥିଲେ। ପରିବାର ଲୋକଙ୍କ ଖୁସି ପାଇଁ ଜୀବନର ପରିଣତ ବୟସରେ ମଧ୍ୟ ସେମାନ ବିବାହ ପାଇଁ ରାଜି ହୋଇଥିବା ରାମା ଭାଇ କହିଛନ୍ତି। ଗତ ୧ ତାରିଖରେ ଏହି ବିବାହର ହଳଦୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗତ ୪ରେ ପରିବାରର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ସ୍ଥାନୀୟ ରୀତିନୀତି ଅନୁଯାୟୀ, ଏହି ନିଆରା ବିବାହ ସମ୍ପନ୍ନ ହୋଇଥିଲା। ଡିଜେର ତାଳେ ତାଳେ ନାଚ, ଗୀତ ସହ ଧୁମ୍‌ଧାମ୍‌ରେ ଏହି ବିବାହର ଆୟୋଜନ ହୋଇଥିଲା।

### ହସ୍ପିଟାଲରେ ଭର୍ତ୍ତି ହେଲେ ସନା

ମୁମ୍ବାଇ



ସନା ମକବୁଲ

ଅଭିନେତ୍ରୀ ତଥା 'ବିଗ୍‌ବସ୍ ଓଟିଟି ୩'ର ବିଜେତା ସନା ମକବୁଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ହସ୍ପିଟାଲରେ ଆଡ୍‌ମିଟ ଥିବା ସମୟର ସନାଙ୍କ ଏକ ଫଟୋକୁ ତାଙ୍କ ବନ୍ଧୁ ଡାକ୍ତର ଆଶନା କାଞ୍ଚୱାଲା ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହି ଫଟୋରେ ସନା ହସ୍ପିଟାଲ ବେଡ୍‌ରେ ଚିକିତ୍ସିତ ଅବସ୍ଥାରେ ଥିବାର ନଜରକୁ ଆସିଛନ୍ତି। କ୍ୟାପ୍‌ଶନ୍‌ରେ ଆଶ୍‌ନା ଲେଖିଛନ୍ତି, "ମୋର ସବୁଠାରୁ ପ୍ରିୟ ବନ୍ଧୁ ସନା। ତୁମକୁ ନେଇ ଗର୍ବ ଅନୁଭବ କରୁଛି। ଏତେ ବଡ଼ ଗମ୍ଭୀର ରୋଗ ସହ ତୁମେ ସାହସ ଏବଂ ଧୈର୍ଯ୍ୟର ସହ ଲଢୁଛ। ଆହୁରି ମଜଭୁତ ହୋଇ ଖୁବ୍‌ଶୀଘ୍ର ଆରୋଗ୍ୟ ଲାଭ କରିବ ବୋଲି କାମନା କରୁଛି। ତେବେ ହସ୍ପିଟାଲରେ ଭର୍ତ୍ତି ଥିବା ନେଇ ବର୍ତ୍ତମାନ ସୁଦ୍ଧା ସନାଙ୍କ ପକ୍ଷରୁ କୌଣସି ବୟାନ ଦିଆଯାଇ ନାହିଁ। ଗତ ମାର୍ଚ୍ଚରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂଙ୍କ ପୋଡ୍‌କାଷ୍ଟରେ ସନା କହିଥିଲେ, ସେ ୨୦୨୦ରୁ ଅଟୋଇମ୍ୟୁନ୍ ହେପାଟାଇଟିସ୍ ଲିଭର ଡିଜିଜ୍‌ରେ ପୀଡ଼ିତ ଅଛନ୍ତି। ସେବେଠାରୁ ସେ ଏହି ରୋଗ ସହ ଲଢ଼େଇ କରୁଛନ୍ତି। ଏହି ରୋଗର ପ୍ରଭାବରେ ସନାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଥାଇ ପାରେ ବୋଲି ତାଙ୍କ ପ୍ରଶଂସକମାନେ ଅନୁମାନ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରେକର୍ଡ ସ୍ତରରେ ରୁପା ଦର

■ଦିଲ୍ଲୀରେ କିଲୋ ପିଛା ୧,୧୦,୦୦୦ ଟଙ୍କା
■ଭୁବନେଶ୍ୱରରେ ପ୍ରତି ଗ୍ରାମ୍ ପିଛା ୧,୧୮୦ ଟଙ୍କା



ଭୁବନେଶ୍ୱର,୯।୬

ସାରା ଦେଶରେ ବିବାହ ଓ ଶୁଭ କାର୍ଯ୍ୟ ଜାରି ରହିଥିଲାବେଳେ ରୁପା ଦର ରେକର୍ଡ ସ୍ତରରେ ପହଞ୍ଚିଛି। ରୁପା ଓ ସୁନା ଦର ବୃଦ୍ଧି ମଧ୍ୟରେ ଉଭୟ ଗ୍ରାହକ ଓ ବ୍ୟବସାୟୀ ଆଶାଆଶଙ୍କାରେ ରହିଛନ୍ତି। ସୋମବାର ନୂଆଦିଲ୍ଲୀ ବଜାରରେ ରୁପା ଦର ପ୍ରାୟ ୧୫୦୦ ଟଙ୍କା ବୃଦ୍ଧି ଘଟି କିଲୋପିଛା ୧,୧୦, ୦୦୦ ଟଙ୍କା ହୋଇଥିଲାବେଳେ ଭୁବନେଶ୍ୱରରେ କିଲୋପିଛା ୧୮୦୦ ଟଙ୍କା ବଢ଼ି ପ୍ରତି ଗ୍ରାମ ପିଛା ୧,୧୮୦ ଟଙ୍କାରେ ପହଞ୍ଚିଛି। ସେହିଭଳି ଚେନ୍ନାଇ ବଜାରରେ ରୁପା ଦର ସର୍ବୋଚ୍ଚ ୨୩୦୦ ଟଙ୍କା ବୃଦ୍ଧି ପାଇ କିଲୋପିଛା ୧,୨୦,୦୦୦ ଟଙ୍କାରେ କାରବାର ହେଉଛି। ଏପରି କି ମୁମ୍ବାଇ ବଜାରରେ ରୁପା ଦର ୧୫୦୦ ଟଙ୍କା ବୃଦ୍ଧି ଘଟି ୧,୦୯,୩୦୦ ଟଙ୍କା ଏବଂ କୋଲକାତା ବଜାରରେ ୨୦୦୦ ଟଙ୍କା ବଢ଼ି ୧,୧୦,୮୦୦ ଟଙ୍କାରେ ପହଞ୍ଚିଛି। ସେହିପରି ସୁନା ଦର ନୂଆଦିଲ୍ଲୀରେ ୭୨,୦୦୦ ରୁ ୯୮,୦୦୦ ଟଙ୍କା ଥିଲାବେଳେ ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇରେ ମଧ୍ୟ ସୁନା ଦର ୭୨,୫୦୦ ଟଙ୍କାରୁ ୯୯,୦୦୦ ଟଙ୍କାରେ କାରବାର ହେଉଛି। ଏପରି କି ଭୁବନେଶ୍ୱରରେ ସୁନା ଦର ୭୩୦୦୦ରୁ ୯୮୦୦୦ ମଧ୍ୟରେ ରହିଛି।

ଅପରପକ୍ଷରେ ବିବାହ ଓ ଶୁଭ କାର୍ଯ୍ୟ ପାଇଁ ଖୁଚୁରା ଓ ପ୍ରମୁଖ ଗହଣା ବ୍ୟବସାୟ ପ୍ରତିଷ୍ଠାନ (ଅଳଙ୍କାର ଶୋ'ରୁମ)ଗୁଡ଼ିକ ଆକର୍ଷଣୀୟ ରିହାତି ଓ ଅଫର ପ୍ରଦାନ କରୁଥିଲାବେଳେ କାରବାର ଆଶାଜନକ ହେଉ ନ ଥିବା ଦେଖାଦେଇଛି; ଯାହାଫଳରେ ଗ୍ରାହକମାନେ ଆଶାଆଶଙ୍କା ମଧ୍ୟରେ କାରବାର ସାଙ୍ଗକୁ ଦରବୃଦ୍ଧି ଯୋଗୁ ଅଗ୍ରୀମ ବୁକିଂ କରୁଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ପରିସ୍ଥିତି ଯୋଗୁ ଚାହିଦା ଅନୁଯାୟୀ ଉତ୍ପାଦନ ହେଉ ନ ଥିଲାବେଳେ ଦରବୃଦ୍ଧି ବଜାରରେ ଅସ୍ଥିରତା ସୃଷ୍ଟି କରୁଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୯।୬

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୨୫୬ (୨୫୬.୨୨) ପଏଣ୍ଟ ବୃଦ୍ଧି ଘଟି ୮୨,୪୪୫ (୮୨,୪୪୫.୨୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୦୦ (୧୦୦.୧୫) ପଏଣ୍ଟ ବଢ଼ି ୨୫,୧୦୩ (୨୫,୧୦୩.୨୦) ଅଙ୍କରେ କାରବାର ଶେଷ ହୋଇଥିଲା।

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆରେ ଦୀର୍ଘସ୍ଥାୟିତ୍ୱ ସପ୍ତାହ

ଭୁବନେଶ୍ୱର,୯।୬

ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ୟୁନିଟ୍‌ରେ ଦୀର୍ଘ ସ୍ଥାୟିତ୍ୱ ସପ୍ତାହ ପାଳିତ ହୋଇଯାଇଛି। ଏପରି କି କମ୍ପାନୀର କାର୍ଯ୍ୟକ୍ଷେତ୍ରଗୁଡ଼ିକରେ ଏକ ସପ୍ତାହରୁ ଅଧିକ ସମୟ ଧରି 'ପ୍ଲାଷ୍ଟିକ ପ୍ରଦୂଷଣର ବିଲୋପ ପାଇଁ ଉଦ୍ୟମ' ଶୀର୍ଷକ ବିଷୟବସ୍ତୁକୁ ନେଇ ବିଭିନ୍ନ ପ୍ରଭାବଶାଳୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କମ୍ପାନୀର ପାରାଦୀପ ୟୁନିଟ୍‌ରେ ସପ୍ତାହ ବ୍ୟାପୀ କାର୍ଯ୍ୟକଳାପଗୁଡ଼ିକରେ ହାଉସ କିପିଂ ଅଡିଟ୍ ଏବଂ ପ୍ଲାଣ୍ଟ ପରିସରରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ, କର୍ମଚାରୀ, ସହଯୋଗୀ ଏବଂ ଠିକା କର୍ମଚାରୀଙ୍କ ଅଂଶଗ୍ରହଣ ସହିତ କୁଇଜ୍ ଏବଂ ପୋଷ୍ଟର ପ୍ରତିଯୋଗିତା ଅନ୍ତର୍ଭୁକ୍ତ ରହିଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପାରାଦୀପ ପୌରପାଳିକା ସହଭାଗିତାରେ ସ୍ଥାନୀୟ ବିକ୍ରେତା ଏବଂ କମ୍ପାନୀ କର୍ମଚାରୀଙ୍କ ଅଂଶଗ୍ରହଣ ସହିତ ପାରାଦୀପ ସମୁଦ୍ରବେଳାଭୂମି ଅଞ୍ଚଳରେ ଏକ ବ୍ୟାପକ ବେଳାଭୂମି ସଫେଇ ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା। ସେହିଭଳି ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପର ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ତାଳଦଣ୍ଡା ନାଳ ପାଖରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଏହା ପରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପ୍ଲାଣ୍ଟ ମୁଖ୍ୟ ଫାଟକ ନିକଟରେ ବିଭିନ୍ନ ଅଂଶୀଦାରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଆସେଟ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପାରାଦୀପ ପେଲେଟ୍ ପ୍ଲାଣ୍ଟ ମୁଖ୍ୟ ୟୁ ଏସ ଆର ରାଜୁଙ୍କ ସହିତ ପିପିଏଲ, ଆଇଓସିଏଲ ଏବଂ ଜେଏସ୍‌ଡବ୍ଲ୍ୟୁ ସମେତ ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କୁ ଫଳ ଗଛ ଚାରା ବଣ୍ଟନ କରିଥିଲେ। ସେହିଦିନ ପ୍ଲାଣ୍ଟ ପରିସରରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ଏକ ସାମୂହିକ ଚାରାରୋପଣ ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା ଏବଂ ପରେ ପୁଷ୍କର ଚନ୍ଦ୍ର ବେହେରା, ସୁରେଶା ଜି, ୟୁଏସ୍‌ଆର୍ ରାଜୁଙ୍କ ଉପସ୍ଥିତିରେ ସମାପନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଭୁବନେଶ୍ୱର କାର୍ଯ୍ୟାଳୟରେ କର୍ମଚାରୀମାନେ ସିଏସ୍‌ଆର୍ କର୍ମଚାରୀ ସ୍ୱେଚ୍ଛାସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ସୁବିଧାରୁ ବଞ୍ଚିତ ପିଲାମାନଙ୍କ ପାଇଁ ପୁନଃ ବ୍ୟବହାର ଯୋଗ୍ୟ ନୋଟବୁକ୍ ତିଆରିକରି ଦୀର୍ଘସ୍ଥାୟୀ ପଦକ୍ଷେପରେ ଯୋଗଦାନ କରିଥିଲେ। ସେହିପରି ଡାବୁନା ବେନିଫିସିଏଶନ୍ ପ୍ଲାଣ୍ଟ ପରିସରରେ ଚାରାରୋପଣ ଅଭିଯାନ କରାଯାଇଥିଲା। କଟୁପାଲି ଗ୍ରାମ ଏବଂ ଡାବୁନାର ଟେଲରିଂ ସେଣ୍ଟରଠାରେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ କପଡ଼ା ବ୍ୟାଗ ଏବଂ ଚାରା ବଣ୍ଟନ ସହିତ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

## ବିକାଶ ଆବାସିକ ବିଦ୍ୟାଳୟରେ ପ୍ରଫେଶନାଲ ଡେଭଲପମେଣ୍ଟ ପ୍ରୋଗ୍ରାମ

ଭୁବନେଶ୍ୱର,୯।୬: (ସୁଚିସ୍ମିତା ସାହୁ)



ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ଆୟୋଜିତ ଏକ ୩ ଦିନିଆ କର୍ମଶାଳା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସେକେଣ୍ଡାରୀ ଟିଚିଙ୍ଗଷ୍ଟାଫ୍‌ଙ୍କର ଏକ ପ୍ରଫେଶନାଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ଜେ ସି କେଶବ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ଗ୍ଲୋବାଲ ବିଦ୍ୟାଳୟ ଭୁବନେଶ୍ୱରର ଚେୟାରମ୍ୟାନ ତଥା ଏମ୍‌ଡି ଭି.ଶ୍ରୀନିବାସ, ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ରାମ କୁମାର ଏବଂ ଡି. ଶ୍ୟାମଙ୍କ ସମେତ ବିଦ୍ୟାବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଶିକ୍ଷା ବିଭାଗ ଉପଦେଷ୍ଟା ଡ. ନବୀନ ଶର୍ମା, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ ବାବୋ, ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ପରିଚାଳନା ସଦସ୍ୟା ଡି. ପଦ୍ମିନୀ, ଶିକ୍ଷା ବିଭାଗ ଅଧିକାରୀ ଦଶାରୀ ବିଜୟା, ଡିନ୍ ସିନିୟର୍ ସେକେଣ୍ଡାରୀ ଆଲ୍ଲାପତି ଦିଲୀପ କୁମାର, ହୋଷ୍ଟ ପ୍ରିନ୍ସିପାଲ ଆର୍ ବିଜୟ କୁମାର ଏବଂ ବିଭିନ୍ନ ମଣ୍ଡଳୀର ପ୍ରମୁଖମାନେ ଉପସ୍ଥିତ ଥିଲେ। ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ଡିନ୍ ପୀତାମ୍ବର ଦାସ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବିକାଶ ଦ କନ୍‌ସେପ୍ଟ ବିଦ୍ୟାଳୟ ସମ୍ବଲପୁରର ଅଧ୍ୟକ୍ଷ ମନୋରଞ୍ଜନ ପତି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ୍ସର ନିର୍ଦ୍ଦେଶକ ଜି.ରାମକ୍ରିଷ୍ଣା ଏବଂ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ଓ ପରିଚାଳନା ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ ସମ୍ବର୍ଦ୍ଧନାତ୍ମକ ଅଭିଭାଷଣ ପ୍ରଦାନ କରି ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ସେହିଭଳି ବିକାଶ ଗ୍ରୁପ ୧୦ଟି ବିଦ୍ୟାଳୟରୁ ସର୍ବମୋଟ ୪୩୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

## ରିଲାଏନ୍ସ ଜୁଏଲ୍ସର ଆକର୍ଷଣୀୟ ଅଫର

ଭୁବନେଶ୍ୱର,୯।୬ (ଅଭୟ ଦାଶ)

ରିଲାଏନ୍ସ ଜୁଏଲ୍ସର ବହୁ ପ୍ରତୀକ୍ଷିତ ତଥା ଆକର୍ଷଣୀୟ ବିଗ୍ ବ୍ୟାଙ୍ଗଲ ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସ୍ୱତନ୍ତ୍ର ପାର୍ବଣ ଅଫର ସହିତ ଶୋ'ରୁମ୍‌ଗୁଡ଼ିକରେ ରଜ ମହୋତ୍ସବ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ସ୍ୱତନ୍ତ୍ର ଭାବେ ନିର୍ମିତ ସୁନ୍ଦର ଚୁଡ଼ି ବା ବ୍ୟାଙ୍ଗଲଗୁଡିକର ଏକ ଆକର୍ଷଣୀୟ ସମ୍ଭାରର ଶୁଭାରମ୍ଭ କରାଯାଇଛି। ସେହିଭଳି ଓଡ଼ିଶାରେ ରିଲାଏନ୍ସ ଜୁଏଲ୍ସର ୧୪ଟି ଏକ୍ସକ୍ଲୁସିଭ ଶୋ'ରୁମ ରହିଛି। ଚଳିତ ବର୍ଷର ରଜ ପର୍ବକୁ ନିଆରା ଢଙ୍ଗରେ ପାଳନ କରିବା ପାଇଁ ରିଲାଏନ୍ସ ଜୁଏଲ୍ସ ସ୍ୱତନ୍ତ୍ର ରିହାତି ପ୍ରଦାନ କରୁଛି। ଏପରିକି ଏହି ଉତ୍ସବର ଅଂଶ ଭାବେ ଗ୍ରାହକମାନେ ସୁନା ଚୁଡ଼ି (ବ୍ୟାଙ୍ଗଲ)ର ମେକିଂ ଚାର୍ଜ ଉପରେ ଫ୍ଲାଟ ୫୦% ରିହାତି ଏବଂ ହୀରା ମୂଲ୍ୟ ଓ ମେକିଂ ଚାର୍ଜ ଉପରେ ୩୫%ର ରିହାତି ଉପଭୋଗ କରିପାରିବେ। ଏହି ଅଫର ୨୦୨୫ ଜୁଲାଇ ୭ ପର୍ଯ୍ୟନ୍ତ ଓଡ଼ିଶାର



ସମସ୍ତ ରିଲାଏନ୍ସ ଜୁଏଲ୍ସ ଶୋ'ରୁମ୍‌ରେ ଏବଂ ଏହାର ୱେବ୍‌ସାଇଟରେ ମଧ୍ୟ ବୈଧ ରହିବ। ସେହିପରି ଏହି ଚୁଡ଼ି ବା ବ୍ୟାଙ୍ଗଲ କଲେକ୍ସନରେ ଅନେକ ପ୍ରକାରର ଡିଜାଇନ ସାମିଲ ରହିଛି। ଚୁଡି-ଷ୍ଟାଇଲ ବ୍ୟାଙ୍ଗଲ, ସୁନ୍ଦର ଭବ୍ୟ କଡା, ଷ୍ଟେଟମେଣ୍ଟ କଙ୍ଗନସ ଭଳି ଟାଇମଲେସ୍ କ୍ଲାସିକ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଓ ଆଧୁନିକ ଡିଜାଇନଗୁଡିକର ବିଶାଳ ସମ୍ଭାର ଅନ୍ତର୍ଭୁକ୍ତ ରହିଛି।


# Classified Everyday 0674-2580101, 9692975378



REAL ESTATE

SALE

Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883. D-76270

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ-3360/-, KEC-2460/-, ଗୁଡ଼ିଆପୋଖରୀ-1760-1560/-. 7978551614, 9439049194. D-76829




Ground Floor single room attached toilet for office space at VSS Nagar. 7873657633. D-781

Marriage Mandap, Hotel, Restaurant, Bar, Lodging, 20,000sqft. Chandrasekharpur, Bhubaneswar. 7653880000. D-884

3 BHK duplex 1750sqft. rent 12,000/- for Family at Krishna Residency near Hi-Tech Plaza, Sundarpada. Car Parking available. 7377549663. D-878




Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

Positively health benefits SPA expert female therapist homely atmosphere. 9114559860. D-883

Newly open Jyoti SPA positively health benefits (expert therapist). 8458067955. D-870

Newly open SPA positively health benefits (expert therapist). Contact- 7327030529. D-76918

Relax, Refresh your body, Mind at Saikrupa SPA with best therapies. 7848011468. D-859

AFFIDAVIT

By this affidavit sworn before Executive Magistrate, Bhubaneswar, dated- 06.06.2025, I, Subani Naik, W/o- Late Manguli Naik, At/P.O.- Janla, P.S.- Jatni, Dist.- Khordha, PIN-752054 declare that I have changed my name from Subani Dei to Subani Naik. Henceforth, I shall be known as Subani Naik for all purposes. D-882

I, Akash Mahapatra, S/o- Santosh Kumar Mahapatra, R/o- Pallahat, Konark Nagar, Khordha, 752056, Odisha declare by this affidavit No.- 845, dated 04.06.2025 before the Notary Public, Khordha, that from now onwards I shall be known as Akash Kumar Mahapatra for all future purposes. D-880

By virtue of an affidavit sworn before the Executive Magistrate, Cuttack, dated- 05.06.2025, I, Bijaya Kumar Sahoo, resident of Khannagar Athagharia sahi, P.O.- Arundaya Market, P.S.- Badambadi, Dist.- Cuttack, PIN- 753012 declare that I have changed my name from Kunja Bihari Sahoo to Bijaya Kumar Sahoo. Henceforth, I shall be known as Bijaya Kumar Sahoo for all purposes. D-881

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରମାକାନ୍ତ ପଣ୍ଡା
ଆବିର୍ଭାବ: ୨୬।୧୨।୧୯୬୯
ତିରୋଧାନ: ୦୪।୦୬।୨୦୨୫
ତାଙ୍କର ବିୟୋଗରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ତର୍ପଣ
ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ସୌଜନ୍ୟ: Satya Seva Foundation, Baripada, Mayurbhanj
Satya Enterprises, Baripada, Mayurbhanj
ଧ-୮୭୯

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ରାଜ୍ୟ ଖବର

## ଚିକିତ୍ସାଧୀନ ଅବସ୍ଥାରେ ଦନ୍ତାର ମୃତ୍ୟୁ

### ତୀରମାଡ଼ରେ ହାତୀ ଆହତ ଘଟଣା

କେନ୍ଦୁଝର,୯।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)


ମୃତ ଦନ୍ତାହାତୀ।

କେନ୍ଦୁଝର ଜିଲା ଅଟେଇ ସଂରକ୍ଷିତ ଜଙ୍ଗଲର କୋଲିମାଟି ନିକଟସ୍ଥ ନୂଆପଡ଼ାଠାରେ ଦୀର୍ଘଦିନ ଧରି ଆହତ ହୋଇ ବୁଲୁଥିବା ଦନ୍ତାହାତୀର ସୋମବାର ଅପରାହ୍ନ ୨ଟାରେ ମୃତ୍ୟୁ ଘଟିଛି। ହାତୀଟି ଚାଲିପାରୁ ନ ଥିବା ବେଳେ ଖାଦ୍ୟ ବି ଖାଉ ନ ଥିଲା। ମୁଷଳ ନଦୀପଠାରେ ଛିଡ଼ା ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିଲା। ବନ ବିଭାଗ ପକ୍ଷରୁ ଶୁକ୍ରବାରଠାରୁ ତା'ର ଚିକିତ୍ସା ଜାରି ରହିଥିଲା। ତେବେ ଦନ୍ତା ଦେହରେ ଗଭୀର କ୍ଷତ ରହିଥିବାରୁ ଶିକାରୀଙ୍କ ତୀରମାଡ଼ରେ ଆହତ ହୋଇଥିବା ଅନୁମାନ କରାଯାଉଛି। ଏ ନେଇ ବନ ବିଭାଗ ଅଧିକାରୀମାନେ ଏ ପର୍ଯ୍ୟନ୍ତ ମୁହଁ ଖୋଲୁନାହାନ୍ତି।

ପ୍ରକାଶ ଯେ, ହାତୀଟି ସାତକୋଶିଆ ଜଙ୍ଗଲରୁ ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଜଙ୍ଗଲ ଦେଇ କେନ୍ଦୁଝର ବନଖଣ୍ଡ ଅଧୀନ ଘଟଗାଁ ରେଞ୍ଜ ଅଟେଇ ଜଙ୍ଗଲରେ ପ୍ରବେଶ କରିଥିଲା। ହାତୀଟି ଛୋଟେଇ ଚାଲୁଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ଅଟେଇ ସଂରକ୍ଷିତ ଜଙ୍ଗଲର କୋଲିମାଟି ନିକଟସ୍ଥ ନୂଆପଡ଼ା ନିକଟରେ ଗତ ଶୁକ୍ରବାର ଏହି ୩୦ ବର୍ଷୀୟ ଆହତ ଦନ୍ତା ଠାବ ହୋଇଥିଲା। ପରେ କୋଲିମାଟି ପଞ୍ଚାୟତ କନ୍ତୋ ନିକଟସ୍ଥ ମୁଷଳ ନଦୀ ନିକଟ ଜଙ୍ଗଲକୁ ପଳାଇଥିଲା। ବନ ବିଭାଗ ପକ୍ଷରୁ ହାତୀଟିକୁ ଦୂରରୁ ଟ୍ରାଙ୍କୁଲାଇଜର ଗନ୍ ଦ୍ୱାରା ଆଣ୍ଟିବାୟୋଟିକ ଦିଆଯାଇଥିଲା। ହାତୀଟି ଚଳପ୍ରଚଳ କମ୍ କରୁଥିଲା, ଦୁଇ ଦିନ ହେଲା ମୁଷଳ ନଦୀପଠା ନିକଟରେ ଛିଡ଼ା ହୋଇ ରହୁଥିଲା। ଯାହା ବି ଖାଉଥିଲା ବାନ୍ତି କରିଦେଉଥିଲା। ମୁଷଳ ନଦୀରେ ପଶି ରହିଥିବା ବେଳେ ସୋମବାର ଅପରାହ୍ନରେ କ୍ରେନ୍ ଯୋଗେ କଢ଼ାଯାଇ ବନପ୍ରାଣୀ ବିଶେଷଜ୍ଞ ଦଳ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା ଆରମ୍ଭ କରିଥିଲା। ଚିକିତ୍ସା ଆରମ୍ଭର ପ୍ରାୟ ୨ ଘଣ୍ଟା ପରେ ହାତୀଟିର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ କରାଯାଇ ସେଠାରେ ପୋତି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ରାଉରକେଲା ପି. ରାମାସ୍ୱାମୀ କହିଛନ୍ତି, ହାତୀ ଦେହରେ ଏକ କ୍ଷତ ହୋଇଥିଲା। ସେଥିରୁ ପୂଜ ବାହାରୁଥିଲା। ଟ୍ରାଙ୍କୁଲାଇଜ କରି ଚିକିତ୍ସା କରାଯାଉଥିବା ବେଳେ ମୃତ୍ୟୁବରଣ କରିଛି। ସେ ଠିକ୍ ଭାବରେ ଖାଇ ବି ପାରୁ ନ ଥିଲା। ମୁହଁରେ କୌଣସି ସମସ୍ୟା ଥିଲା କି ନାହିଁ ବ୍ୟବଚ୍ଛେଦ ଓ ଯାଞ୍ଚ ପରେ ଜଣାପଡ଼ିବ।

## ବିଭିନ୍ନ ଯୋଜନାରେ ଦୁର୍ନୀତି: ବିଜେଡି ପକ୍ଷରୁ ଗଣଧାରଣା

ଔପଦା, ୯।୬(ଧରିତ୍ରୀ ପଣ୍ଡା)



ବାଲେଶ୍ୱର ଜିଲା ଔପଦା ବ୍ଲକରେ ବିଭିନ୍ନ ଉନ୍ନୟନ ଯୋଜନାରେ ଦୁର୍ନୀତି ହେଉଥିବା ଅଭିଯୋଗ କରି ସୋମବାର ବିଜେଡି ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ବିଜେଡିର ବରିଷ୍ଠ ନାରୀନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଗଣଧାରଣାରେ ଯୋଗଦେଇ ଭାଜପା ମିଥ୍ୟା ପ୍ରତାରଣାରେ ଶାସନ ଚଳାଇ ଲୋକମାନଙ୍କୁ ଭଣ୍ଡାଉଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ଜବାବ ଦେବା ପାଇଁ ଧାରଣାକାରୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ସରକାରୀ କାର୍ଯ୍ୟ ଚୟନରେ ସ୍ୱଚ୍ଛତା, ନିରପେକ୍ଷତା ଅବଲମ୍ବନ ଲାଗି ବିଜେଡିର ଦାବି କରିବ ବୋଲି ବକ୍ତବ୍ୟରେ କହିଥିଲେ। କାଣ୍ଡଗରଡ଼ି ପଞ୍ଚାୟତର ସମିତିସଭ୍ୟା ଭାଗବତ ଖିଲାର, ବରିଷ୍ଠ ନେତା ରବୀନ୍ଦ୍ର କୁମାର ପରିଡା, ଶୁଭେନ୍ଦୁ କୁମାର ପଣ୍ଡା, ମଧୁସୂଦନ ମଲ୍ଲିକ, ଭାସ୍କର ଖିଲାର, ଗୟାଧର ସେଠୀ, ପୂର୍ଣ୍ଣଚନ୍ଦ୍ର କଟୁଆଳ ପ୍ରମୁଖ ଭାଜପାର ଅନ୍ୟାୟ ଶାସନ ବିରୋଧରେ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ଔପଦା ବ୍ଲକର ସାଧାରଣ ଲୋକଙ୍କୁ ଉଚିତ୍ ନ୍ୟାୟ ଦେବା ପାଇଁ ପ୍ରଶାସନକୁ ଆହ୍ୱାନ ଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ଜବାବ ଦେବା ପାଇଁ ବକ୍ତବ୍ୟରେ କହିଥିଲେ। ପୂର୍ବତନ ସରପଞ୍ଚ ତଥା ଯୁବନେତା ଉଦୟ କୁମାର ସ, ରାଇରମଚନ୍ଦ୍ର ପୁର ପଞ୍ଚାୟତ ମହିଷାଡାଳି ଗ୍ରାମର ଦିବ୍ୟାଙ୍ଗ ଜନଜାତି କାଣ୍ଡେ ମୁଣ୍ଡା ଦୀର୍ଘ ୪ବର୍ଷ ଧରି ରାଶନରୁ ବଞ୍ଚିତ ରହିଥିବାରୁ ପଞ୍ଚାୟତଠାରୁ ବ୍ଲକ ଓ ଶେଷରେ ଜିଲାପାଳଙ୍କଠାରେ ଗୁହାରି କରିବା ପରେ ଆର୍ଥିକ ସହାୟତା ପାଇଥିଲେ ମଧ୍ୟ ଅଦ୍ୟାବଧି ଏହି ଗରିବ ପରିବାର ରାଶନରୁ ବଞ୍ଚିତ ରହିଛନ୍ତି। ଏହା କି ପ୍ରକାର ବ୍ୟବସ୍ଥା ବୋଲି କହିବା ସହ ଏହି ପଞ୍ଚାୟତରେ ବିଭିନ୍ନ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ କରିଥିଲେ।

# ସ୍ତ୍ରୀଙ୍କ ଗଳା କାଟି ହତ୍ୟା ପରେ ଗଛରେ ଝୁଲିପଡ଼ିଲେ ସ୍ୱାମୀ

**ପାରଳାଖେମୁଣ୍ଡି, ୯।୬(ଗିରଧାରୀ ପରିଛା)**

ଗଜପତି ଜିଲା ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଭୋର ସମୟରେ ସ୍ତ୍ରୀଙ୍କ ଗଳାକାଟି ହତ୍ୟା କରିବା ପରେ ଅପରାହ୍ନରେ ସ୍ୱାମୀ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତା ମହିଳା ହେଲେ ମୋନିକା ପାଇକ ଏବଂ ତାଙ୍କ ସ୍ୱାମୀ ନରେନ୍ଦ୍ର ପାଇକ। ସ୍ତ୍ରୀଙ୍କ ପରକୀୟା ପ୍ରୀତିକୁ ସନ୍ଦେହ କରି ସ୍ୱାମୀ ନରେନ୍ଦ୍ର ଏଭଳି ଘଟାଇଥିବା କୁହାଯାଉଛି। ଘଟଣାସ୍ଥଳରେ ସେରଙ୍ଗ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଝିଅକୁ ହତ୍ୟା କରାଯିବା ନେଇ ମା' ଜି.ସରୋଜିନୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା(ନଂ. ୩୮/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ସନ୍ଧ୍ୟା ହେବାରୁ ନରେନ୍ଦ୍ରଙ୍କ ମୃତଦେହ ଜବତ କରାଯାଇ ପାରି ନ ଥିବା ଥାନା ଅଧିକାରୀ ପ୍ରମୋଦ ଖଣ୍ଡୁଆଳ କହିଛନ୍ତି।

ଖବରରୁ ଜଣାପଡ଼ିଛି, ଗାଇବା ଗ୍ରାମର ମୋନିକାଙ୍କୁ ନୂଆଗଡ଼ ବ୍ଲକ କେରେଡାଙ୍ଗ ଗ୍ରାମର ନରେନ୍ଦ୍ର ପାଇକ ୨୦୧୯ରେ ପ୍ରେମବିବାହ କରିଥିଲେ। ବିବାହ ପରଠାରୁ ନରେନ୍ଦ୍ର ସେଠାରେ ରହି ଏକ ତେଜରାତି ଦୋକାନ କରି ପରିବାର ଚଳାଇ ଆସୁଥିଲେ। ତେବେ ଗତ ଦୁଇବର୍ଷ ହେଲା ନରେନ୍ଦ୍ର ହାଇଦ୍ରାବାଦ ଯାଇ ସେଠାରେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। କେରେଡାଙ୍ଗରେ ଠାକୁରାଣୀ ଯାତ୍ରା ଥିବାରୁ ନରେନ୍ଦ୍ର ହାଇଦ୍ରାବାଦରୁ ଆସି କେରେଡାଙ୍ଗକୁ ସ୍ତ୍ରୀ ଓ ଝିଅକୁ ଧରି ଯାଇଥିଲେ। ଯାତ୍ରା ସରିବା ପରେ ସେ ଗାଇବା ଗ୍ରାମକୁ ଆସି ଶ୍ୱଶୁର ଘରେ ରହୁଥିଲେ। ତେବେ ନରେନ୍ଦ୍ରଙ୍କ ମୋନିକାଙ୍କ ଚରିତ୍ର ଉପରେ ସନ୍ଦେହ ଆସିବାରୁ ସେ ଝିଅକୁ ଧରି ସମସ୍ତେ କେରେଡାଙ୍ଗ ଯାଇ ସେଠାରେ ରହିବାକୁ କହିଥିଲେ। ମାତ୍ର ମୋନିକା ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ପରକୀୟା ପ୍ରୀତିକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ଲାଗି ରହୁଥିଲା। ସୋମବାର ଭୋର୍ ସମୟରେ ଶାଶୁ ଜି.ସରୋଜିନୀ ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ଶ୍ୱଶୁର ନାତୁଣୀକୁ ଧରି ୨ ଦିନ ପୂର୍ବରୁ ଅନ୍ୟ ଏକ ଗାଁକୁ ବୁଲି ଯାଇଥିଲେ। ଏହି ସୁଯୋଗରେ ନରେନ୍ଦ୍ର ମୋନିକାଙ୍କ ଗଳାକାଟି ହତ୍ୟା କରିଥିଲେ। ମୋନିକା ପିନ୍ଧିଥିବା ୨ ଭରିର ସୁନା ମଙ୍ଗଳସୂତ୍ର ଧରି ସେ ଦୌଡ଼ି ପଳାଇବା ସମୟରେ ମା' ଜି.ସରୋଜିନୀ ଦେଖି ସନ୍ଦେହ କରିଥିଲେ। ସେ ଘରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସାହି ପଡ଼ିଶା ପହଞ୍ଚି ସବୁ ଶୁଣି ନରେନ୍ଦ୍ରଙ୍କୁ ଆଖପାଖରେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ।

# ପୁରୀରୁ ଅଭିଯୁକ୍ତ ଶିକ୍ଷକ, ଜାମ୍‌ଶେଦ୍‌ପୁରରୁ ୨ ଗିରଫ

**ବାଲେଶ୍ୱର(ବାଞ୍ଛାନିଧି ଦେ)/ ଉଦଳା(ସନ୍ତୋଷ କୁମାର ବାଛିନୀ),୯।୬**

**କପ୍ତିପଦା ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣା**

- ■ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଲା
- ■ସିସିଟିଭି ଫୁଟେଜରୁ ମିଳିଲା ସଫଳତା

ମୟୂରଭଞ୍ଜ ଜିଲା କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ଥାନା ସମ୍ମୁଖରେ ଆକ୍ରମଣ ଘଟଣାରେ ପୋଲିସ ଆଉ ୩ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ପୂର୍ବରୁ ୬ ଆକ୍ରମଣକାରୀଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଣେ ଶିକ୍ଷକଙ୍କୁ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରୁ ପୋଲିସ ଧରିବାରେ ସକ୍ଷମ ହୋଇଥିବାବେଳେ ଅନ୍ୟ ଦୁଇ ଆକ୍ରମଣକାରୀଙ୍କୁ ଟାଟା ଜାମ୍‌ସେଦ୍‌ପୁର ଅଞ୍ଚଳରୁ ଉଠାଇ ଆଣିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୀପକ ପାଢ଼ୀ, ଅନନ୍ତ ଦାସ ଓ କପ୍ତିପଦା ହାତୀମଣ୍ଡା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଭବାନନ୍ଦ ନାୟକ। ଥାନା ସମ୍ମୁଖରେ ଥିବା ସିସିଟିଭି ଫୁଟେଜ୍ ଓ ଉତ୍ତରାଞ୍ଚଳ ଆଇଜିଙ୍କ ଦ୍ୱାରା ଗଠିତ ସ୍ପେଶାଲ ସ୍କ୍ୱାଡ୍ ମୋବାଇଲ ଟ୍ରାକିଂ ଦ୍ୱାରା ଅଭିଯୁକ୍ତମାନଙ୍କୁ ଧରାଯିବା ସହ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ବାଇକ୍, ମୋବାଇଲ ଓ ଆକ୍ରମଣ, ଭଙ୍ଗାରୁଜାରେ ବ୍ୟବହୃତ ମାରଣାସ୍ତ୍ର ଓ ବିଭିନ୍ନ ସାମଗ୍ରୀ ଜବତ ହୋଇଛି ବୋଲି ବାଲେଶ୍ୱର ପୂର୍ବାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଆଇଜି ସତ୍ୟଜିତ ନାଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

କପ୍ତିପଦା ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗତ ୩ ତାରିଖରେ ଚୋରା ବାଲି ବ୍ୟବସାୟୀ ନୀଳକଣ୍ଠ ନାୟକ, ରଞ୍ଜିତ କୁମାର ମହାନ୍ତି, ମାନସ କୁମାର ପୁହାଣ ଏବଂ ୫ ତାରିଖରେ ହେମନ୍ତ ବେହେରା, ବନମାଳୀ ମହାନ୍ତି ଓ ସମୀର ରାଉତଙ୍କୁ ଗିରଫ କରିଥିଲା ବୋଲି ଡିଆଇଜି ନାୟକ ସୂଚନା ଦେଇଥିଲେ। ପୂର୍ବାଞ୍ଚଳ ଜୋନ୍ ଅଧୀନ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାରେ ଅବସ୍ଥିତ ବିଭିନ୍ନ ସ୍ଥାନରେ ଥିବା ନଦୀ ଅବବାହିକାରୁ ଚୋରା ବାଲି ବ୍ୟବସାୟୀମାନେ ଅଧରାତିରେ ବାଲି ଉତ୍ତୋଳନ କରି ଚୋରାଚାଲାଣ କରିଥାନ୍ତି। କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍ ପାଇଁ ଚୋରାଚାଲାଣକାରୀମାନେ ନିଜର ସହଯୋଗୀଙ୍କ ସହ ସବୁପ୍ରକାର ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତି। ଗତ ବର୍ଷକ ମଧ୍ୟରେ ଏହି ୩ ଜିଲାରେ ବେଆଇନ ବାଲି ଉତ୍ତୋଳନକାରୀଙ୍କ ବିରୋଧରେ ୧୫ ଶହରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି । ୮ଶହରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୧୨ଶହରୁ ଊର୍ଦ୍ଧ୍ୱ ବାଲି ବୋଝେଇ ହାଇୱା, ଟ୍ରାକ୍ଟର, ଚୋରାଚାଲାଣକାରୀଙ୍କ କାର୍, ବାଇକ ଆଦି ଜବତ ହୋଇଥିବା ଡିଆଇଜି ନାଏକ କହିଛନ୍ତି। ଅନ୍ୟ ଆକ୍ରମଣକାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ । ବେଆଇନ ବାଲିଚାଲାଣ ସମ୍ପୂର୍ଣ୍ଣ ବନ୍ଦ ଦିଗରେ ସରକାରୀସ୍ତରରେ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ ।




ଖବରଦାତା ସମ୍ମିଳନୀରେ ଡିଆଇଜି ସତ୍ୟଜିତ ନାଏକ ସୂଚନା ଦେଉଛନ୍ତି।

# ଫେରାର ଅଭିଯୁକ୍ତଙ୍କ ଘର ଆଗରେ ଲାଗିଲା ଲଟ୍‌କା

**ଭୁବନେଶ୍ୱର,୯।୬ (ସତ୍ୟଜିତ୍ ରାଉତ)**

ନିଶା କାରବାର ମାମଲାରେ ୧୩ ବର୍ଷ ହେବ ଫେରାର ଥିବା ଭୁବନେଶ୍ୱର ନାଗେଶ୍ୱରଟାଙ୍ଗୀ ଗୌତମନଗରର ଜଣେ ଅଭିଯୁକ୍ତଙ୍କ ଘର ଆଗରେ ସୋମବାର ଲଟ୍‌କା (ପ୍ରୋକ୍ଲେମେଶନ୍ ନୋଟିସ୍) ଲଗାଇଛି କମିଶନରେଟ୍ ପୋଲିସ। ଫେରାର ଅଭିଯୁକ୍ତ ଜଣକ ହେଲେ ସୁରେନ୍ଦ୍ର ସାମଲଙ୍କ ପୁଅ ଲୋକନାଥ ସାମଲ। ଗଜପତି ପାରଳାଖେମୁଣ୍ଡି ସ୍ୱତନ୍ତ୍ର ଜଜ୍ ତଥା ଦୌରା ଜଜ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀଲିଙ୍ଗରାଜ ପୋଲିସ ଟିମ୍ ଏହି ନୋଟିସ୍ ଲଗାଇଛି। ଏଥିସହ ଅଭିଯୁକ୍ତ ରହୁଥିବା ସ୍ଥାନୀୟ ଅଞ୍ଚଳରେ ଡେଙ୍ଗୁରା ବଜାଇ ମାଇକି ଜରିଆରେ ଚେତାବନୀ ଦେଇଛି। ୩୦ ଦିନ ମଧ୍ୟରେ ଲୋକନାଥ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୨ରେ ପାରଳାଖେମୁଣ୍ଡି କୋର୍ଟ ଲୋକନାଥଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ଜାରି କରିଥିଲେ। ମାତ୍ର ଏହି ୱାରେଣ୍ଟ ସତ୍ତ୍ୱେ ଲୋକନାଥ କୋର୍ଟରେ ହାଜର ହେଉ ନ ଥିଲେ। ତେବେ ଲୋକନାଥଙ୍କ

**ଡେଙ୍ଗୁରା ବଜାଇ ଚେତାବନୀ ଦେଲା ପୋଲିସ**

ଘର ଆଗରେ ନୋଟିସ୍ ଲଗାଇବାକୁ ପାରଳାଖେମୁଣ୍ଡି ସ୍ୱତନ୍ତ୍ର ଜଜ୍ ତଥା ଦୌରା ଜଜ୍ କୋର୍ଟ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ୩୦ ଦିନ ମଧ୍ୟରେ ଲୋକନାଥ କୋର୍ଟରେ ହାଜର ନ ହେଲେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।



ପୋଲିସ ଡେଙ୍ଗୁରା ବଜାଇ ଚେତାବନୀ ଦେବା ସହ ଅଭିଯୁକ୍ତ ଘର ଆଗରେ ଲଟ୍‌କା ଲଗାଇଛି।

# ରାଜଧାନୀରେ ବେଆଇନ ଗର୍ଭପାତ ମେଡିସିନ ବିକ୍ରି

## ଔଷଧ ଦୋକାନରେ ଡ୍ରଗ୍ସ କଣ୍ଟ୍ରୋଲରର ଟିମ୍‌ର ଚଢ଼ାଉ



ଔଷଧ ଦୋକାନରେ ଚଢ଼ାଉ କରାଯାଉଛି।

**ଭୁବନେଶ୍ୱର,୯।୬ (ବନ୍ଦନା ସେଠୀ)**

ରାଜଧାନୀର ଔଷଧ ଦୋକାନଗୁଡ଼ିକରେ ଗ୍ରାହକଙ୍କୁ ବେଆଇନ ଭାବେ ଗର୍ଭପାତ ମେଡିସିନ (ଅନ୍‌ୱାଣ୍ଟେଡ୍ କିଟ୍) ବା ଏମ୍‌ଟିପି (ମେଡିକାଲ୍ ଟର୍ମିନେଶନ୍ ଅଫ୍ ପ୍ରେଗ୍‌ନେନ୍ସି) ବିକ୍ରି ହେଉଛି। ଡାକ୍ତରଙ୍କ ବିନା ପ୍ରେସ୍‌କ୍ରିପ୍ସନ୍ ଏବଂ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ତଦାରଖ ବିନା ଏହି ଗର୍ଭପାତ ବଟିକା ବିକ୍ରି ହେଉଥିବା ଅଭିଯୋଗ ଆସିବା ପରେ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶାଳୟର ନିଦ ଭାଙ୍ଗିଛି। ସୋମବାର ନୟାପଲ୍ଲୀ ଅଞ୍ଚଳରେ ଥିବା ବିଭିନ୍ନ ଔଷଧ ଦୋକାନ ଉପରେ ଜଏଣ୍ଟ ରେଡ୍ କରାଯାଇଛି। ଡ୍ରଗ୍ସ କଣ୍ଟ୍ରୋଲର ମାମିନା ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସର୍କଲ ଏଡିସି ଏବଂ ଡିଆଇ ଏନ୍‌ଫୋର୍ସମେଣ୍ଟ ମିଳିତ ଭାବେ ୩ଟି ଟିମ୍ କରି ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ କରିଥିଲେ। ତେବେ ରୋଜ୍ ଡ୍ରଗ୍ ହାଉସ, ମମତା ପଲ୍ସ ମେଡିଟେକ୍ ପ୍ରାଇଭେଟ୍ ଲିମିଟେଡ୍, ଓଡ଼ିଶା କସ୍‌ମେଟ୍ ଆଦି ଦୋକାନରୁ ୨୭ଟି ଏମ୍‌ଟିପି କିଟ୍ ମିଳିଥିଲା। ସେଥିମଧ୍ୟରୁ କିଛି କିଟ୍‌ର କ୍ୱାଲିଟି ଯାଞ୍ଚ ପାଇଁ ସେଣ୍ଟ୍ରାଲ ଡ୍ରଗ୍ ଲାବରେଟୋରି(ସିଡିଏଲ୍)କୁ ପଠାଯାଇଛି। ସେହିପରି ଡ୍ରଗ୍ସ ଆଣ୍ଡ୍ କସ୍‌ମେଟିକ୍ ଆକ୍ଟ ଅନୁଯାୟୀ ବେଆଇନ ଭାବେ ଏମ୍‌ଟିପି କିଟ୍ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ୍ ହେବା ସହିତ ଆବଶ୍ୟକ ପଡିଲେ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଡ୍ରଗ୍ସ କଣ୍ଟ୍ରୋଲର ପଟ୍ଟନାୟକ କହିଛନ୍ତି। ସେହିପରି ଆଗାମୀ ଦିନରେ କଟକ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଏଭଳି ରେଡ୍ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନିୟମ ଅନୁସାରେ ଡାକ୍ତରଙ୍କଠାରୁ ଅନୁମତି ନେଇ ବା ଡାକ୍ତରଙ୍କ ପ୍ରେସିକ୍ରିପ୍ସନ ନେଇ ଗ୍ରାହକ ଏମ୍‌ଟିପି କିଣି ପାରିବେ। ମାତ୍ର ଅଧିକାଂଶ ଷ୍ଟୋର୍‌ରେ ଏମ୍‌ଟିପି ବିକ୍ରି ସମୟରେ ପ୍ରେସିକ୍ରିପ୍ସନ୍ ମାଗୁ ନାହାନ୍ତି। ଏହି କିଟ୍ ବ୍ୟବହାର ଫଳରେ ଅତ୍ୟଧିକ ରକ୍ତସ୍ରାବ ହେବା ସହ ମହିଳାମାନଙ୍କ ପାଇଁ ବିପଦ ହୋଇପାରେ। ଏପରିକି ଅନେକ ସମୟରେ ସ୍ୱାସ୍ଥ୍ୟ ସମସ୍ୟା ଓ ଜୀବନ ଚାଲିଯିବାର ଭୟ ରହୁଛି। ସେହିପରି ଟଙ୍କା ଲୋଭରେ ଅନେକ ମେଡିସିନ ଷ୍ଟୋର ଦାମ୍‌ଠାରୁ ଦୁଇଗୁଣା ମୂଲ୍ୟରେ ବିକ୍ରି ବେଶ୍ ମୁନାଫା କମାଉଥିବା ଅଭିଯୋଗ ହେଉଛି।

# ସାନଭାଇ ଆକ୍ରମଣରେ ବଡ଼ଭଉଣୀ ମୃତ

**ଘରୋଇ କଳିକୁ କେନ୍ଦ୍ରକରି ହତ୍ୟା**

**ବଣାଇଁ,୯।୬(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ମହୁଲପଦା ଥାନାର ଜିନକଳା ଗ୍ରାମରେ ରବିବାର ରାତିରେ ସାନଭାଇର ଲୁହାଛଡ଼ ଆକ୍ରମଣରେ ବଡ଼ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ହେମଗିରି ମାହାନ୍ତ। ମହୁଲପଦା ଥାନା ଅଧିକାରୀ ସୁରେଶ କୁମାର ପ୍ରଧାନ ଅଭିଯୁକ୍ତ ସାନଭାଇ ବିଜୟ ମାହାନ୍ତଙ୍କୁ ଗିରଫ କରିଛନ୍ତି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୨୭/୨୫) ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଧାନ କହିଛନ୍ତି। ଘରୋଇ କଳିକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ପୋଲିସ ସୂଚନା ଅନୁଯାୟୀ, ରବିବାର ରାତିରେ ସାନଭାଇ ବିଜୟ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଏଥିରେ ବିଜୟଙ୍କ ବଡ଼ ବାପାଙ୍କ ଝିଅ ହେମଗିରି ଆସି ମଧ୍ୟସ୍ଥତା କରିଥିଲେ। ଏହାକୁ ନେଇ ବିଜୟ ଉତ୍ତ୍ୟକ୍ତ ହୋଇ ଏକ ଲୁହାଛଡ଼ରେ ହେମଗିରିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଆକ୍ରମଣକାରୀ ଭାଇ ବିଜୟ ତାଙ୍କୁ ଚିକିତ୍ସା ପାଇଁ ବଣାଇଁ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ପୋଲିସ ଖବର ପାଇ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।


GOVERNMENT OF ODISHA No. O-249

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA**

email: serwsbd2003@yahoo.com

**e-Procurement Notice for Road with Bridge Works**

1. Name of the Work : Construction of Road with Bridge Works - (07 Nos.)
2. Class of Contractor : "B", "A", Special Class of (Odisha PWD) or relevant class of other licensing authority
3. Estimated Cost : Various from Rs.271.67 lakhs to Rs.1606.08 lakhs (Approximately)
4. Details project as per annexure attached :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online - 04/2025-26 | 09.06.2025 at 11.00 A.M. | 01.07.2025 upto 5.00 P.M. | 30.06.2025 upto 2.00 P.M. | 02.07.2025 at 10.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**.
6. Any Corrigendum/Addendum will be displayed in the above e-tender website.

OIPR-25182/11/0061/2526 Sd./- Chief Construction Engineer, Rural Works Circle, Sunabeda



**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**

E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore

No. O-260

**"e" Procurement Notice for Road Work**

Identification No. Online Tender - Road NCB No. 11 for 2025-26

Letter No. 1931 Date: 04.06.2025

1. Name of the Work : (MMSY - CMRL)
2. Total No. of Work : 02 Nos. of Work.
3. Estimated Cost : From Rs.127.57 Lakh & Rs.428.09 lakh (Approximately)
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 11 of 2025-26 | 11.06.2025 at 11.00 A.M. | 26.06.2025 upto 5.00 P.M. | 25.06.2025 upto 5.00 P.M. | 30.06.2025 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.

OIPR-25105/11/0055/2526 Sd./- Chief Construction Engineer, R.W. Circle, Balasore



**ODISHA LIFT IRRIGATION CORPORATION LTD.**

(A GOVT. OF ODISHA UNDERTAKING)

**OFFICE OF THE EXECUTIVE ENGINEER, L.I.DIVISION, BALANGIR**

E-mail: www. eeolicbgr@rediffmail.com

**"E"-Procurement Notice**

**BID IDENTIFICATION NO. OLIC-BLGR-01/2025-26, Dt. 05.06.2025.**

**No.CAD-693:**Bids are invited from intending tenderers having valid license as specified against the work for revival/ reinforcement of R.L.Projects with supply of all materials under Percentage rate contract on turn-key basis.

**1.Name of Works:** Revival/ reinforcement of R.L.Projects with supply of all materials on Turnkey basis. **2. Total Nos. of Packages:** 34. **3. Approximate Estimated Cost:** Rs. 12.90 Lakhs to 44.36Lakhs. **4. Class of Contractor:** As mentioned in packages. **5. Period of completion:** 90 days for all Projects from the date of issue of work order. **6. Other details as follows.**

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I.Division, Balangir | OLIC-BLGR -01 /2025-26 | 17.06.2025 at 11 Hrs. | 24.06.2025 upto 17 Hrs. | 23.06.2025 upto 17 Hrs. | 25.06.2025 at 11 Hrs. |

- Details can be seen from the Website www.tendersodisha.gov.in
- Any Corrigendum/ Addendum will be displayed in the above website only.

Sd./- Executive Engineer
L.I.Division, Balangir

OIPR-32153/11/0001/2526



**ZILLA PARISHAD, KANDHAMAL**

(Panchayati Raj & Drinking Water Department)

TCN No.2193/2025-26/XLVIII-13/2025, Dated 5.6.2025

**TENDER CALL NOTICE**

**No.CAD-700:**Sealed tender (Percentage Rate) are invited from the interested "C" & "D" Class Contractors in respected to each works, registered with the Govt. for execution of civil works under Zilla Parishad, Kandhamal, Phulbani. The detail notification is available at official website kandhamal.Odisha. gov.in. Interested Contractors fulfilling the eligibility criteria may submit their proposal(s) with EMD, Tender Paper Cost and document as per tender call notice. The bidder(s) have to submit their complete proposal(s) in all respect through Registered Post/ Speed Post at the Zilla Parishad, Kandhamal, Phulbani should reach the undersigned on or before 20.06.2025 at 5.30 PM. The undersigned reserves the right to reject any or all the tenders without assigning any reason thereof.

Sd./- C.D.O.-cum-E.O.,
OIPR-10015/11/0028/2526 Zilla Parishad, Kandhamal, Phulbani



**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751007, Tel:2545586/2545852
email-serifedodisha@gmail.com, website:www.serifedodisha.in

**INVITATION FOR BIDS (e-Procurement)**

**Bid Identification No.:-VI-08(01)/SERIFED/2025-26/702**

**No.CAD-674:**The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only, from the registered contractors for the work 01 (One) no. of work at Bargarh. The bid documents such as DTCN/BOQ etc. can be seen/downloaded from the government website: www. tendersodisha.gov.in. during the period dt.10.06.2025 to 17.00 hours upto dt. 04.07.2025. Online bids shall be received till 17.00 hours dt.04.07.2025 & shall be opened at 11.30 AM on Dt.05.07.2025. Any addendum/ corrigendum/ cancellation of tender can also be seen in the said website.

Sd./-
OIPR-31005/11/0004/2526 MANAGING DIRECTOR



**MISSION SHAKTI, BALANGIR**

No.236/Date : 03.06.2025

**SHORT TENDER CALL NOTICE**

**No.g-44** : Additional District Co-ordinate-cum-DSWO Mission Shakti, Balangir on behalf of Department of Mission Shakti, Govt. of Odisha invite proposal for Tentage, Allied and other works with certain terms & conditions from reputed & registered Tent Houses / agencies / event management having GSTIN no. may apply for the Tentage, allied and other works for the Subhadra Shakti Traditional Food Festival (Subhadra Shakti Paramparika Khadya Utsav) to be organized from 12.06.2025 to 18.06.2025. The tender papers along with details documents, terms & conditions, criteria, format etc. for Tentage, allied and other works can be downloaded from District portal http://balangir.odisha.gov.in and the applicant shall furnish demand draft for an amount of Rs.10,000.00 (Rupees ten thousand) only in favour of DSWO, Balangir towards the cost of tender paper. The sealed tenders will be received latest up to 11.00 A.M. on 10.06.2025 at Office of Zilla Parishad, Balangir. The tenders will be opened in the Office of Zilla Parishad, Balangir on 10.06.2025 at 12.30 P.M. in the presence of the tenderers or their authorized representatives. The undersigned reserves the right to accept or reject any or all the tenders without assigning any reason thereof.

Sd./- Additional District Coordinate-cum-DSWO
OIPR-33066/11/0001/2526 Mission Shakti, Balangir



**GOVT. VOCATIONAL H.S.SCHOOL, MAHIMUNDA**
**DIST- BALANGIR**

Email ID: gvhssmahimunda@gmail.com, Contact No.7894774222

**Engagement of Guest Faculty during the session 2025-26**

**No.N-76:** Candidates have requisite qualification and Eligibility as per Letter No.7053, Dt.02.06.2025 of Director, DHSE, Odisha can attend in the office of the Principal, Govt. Vocational Higher Secondary School, Mahimunda for verification of certificates in SPEFL (Sports, Physical Education, Fitness & Leisure) and Tourism & Hospitality (T&H) Trade on date 17.06.2025 time 11 AM. No TA/DA will be admissible.

Sd./- Principal
Govt. Voc.H.S.School
OIPR-11174/11/0001/2526 Mahimunda, Balangir



**OFFICE OF THE PRINCIPAL**
**BHADRAK HIGHER SECONDARY SCHOOL, BHADRAK**

Letter No.1606/Date 06.06.25

**ADVERTISEMENT FOR ENGAGEMENT OF GUEST FACULTIES IN DIFFERENT SUBJECTS FOR THE SESSION 2025-26**

**No.CAD-692:**Eligible candidates are invited to report for engagement of Guest faculty in Home Science Subject, Bhadrak Higher Secondary School, Bhadrak for the session 2025-26 as per the following schedule. Selection of candidates, period of engagement and payment of remuneration shall be as per the Government guidelines issued vide letter No. 6819, dt.28.05.2025. Candidates are required to report with all Original Testimonials/ Documents alongwith one set of self-attested photocopies in support of their qualification, Computer Knowledge and experiences. Candidates are instructed to visit college website at www.bhadrakcollege.ac.in for detail information/ Guidelines.

**Interview Schedule**

| Sl. No. | Date of Interview | Reporting Time | Venue | Subject |
|---|---|---|---|---|
| 01 | 17.06.2025 | 10.00 AM to 2.00 PM | Home Science Department | Home Science |

Sd./- Principal
OIPR-11173/11/0001/2526 Bhadrak H.S.School, Bhadrak



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-705

**ODISHA INDUSTRIAL INFRASTRUCTURE DEVELOPMENT CORPORATION**

(A Government of Odisha Undertaking)
8th Floor, Main Building, IDCO Tower, Janpath, Bhubaneswar-751022, Odisha, India, Mob:9861049357
Email: dhelectrical@idco.in | Web:www.idco.in

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No.BBSR/ELECT/E-4555/23-25/P1/1715 Dt.04.06.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, Installation, Testing & Commissioning of 11KV OH and UG line for power supply to Worker's Hostel at Somnathpur IID under electrical section Balasore, Odisha.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID.No. BBSR/ ELECT/ e-143/2025-26 | 10.06.2025 at 17.00 Hrs. | 19.06.2025 at 17.00 Hrs. |

Further details can be seen from the e-Procurement portal: **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website.**

Sd./-Divisional Head (Elect),
OIPR-14003/11/0169/2526 IDCO, Bhubaneswar

# ଫରେଷ୍ଟ କମିଶନ ଗଠନ ଦାବି

- ଓଡ଼ିଶା ଅଣଗେଜେଟେଡ ବନ ସେବା ସଂଘ ପକ୍ଷରୁ ବିକ୍ଷୋଭ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଜିଲାପାଳଙ୍କୁ ଦାବିପତ୍ର
- ଦାବି ପୂରଣ ନ ହେଲେ ୨୨ରୁ ସାମୂହିକ ଛୁଟି ଚେତାବନୀ



ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଅନୁଗୋଳ,୯।୬(ମାନସ ବିଶ୍ୱାଳ)**

ଓଡ଼ିଶା ଅଣଗେଜେଟେଡ ବନ ସେବା ସଂଘ ପକ୍ଷରୁ ସୋମବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଫରେଷ୍ଟ କମିଶନ ଗଠନ ସହ ଅନ୍ୟ ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୨୨ ତାରିଖରୁ ଅନୁଗୋଳ ଫରେଷ୍ଟ ସର୍କଲ ଅନ୍ତର୍ଗତ ସମସ୍ତ କ୍ଷେତ୍ରର ବନ ଅଧିକାରୀ ଛୁଟିରେ ଯିବାକୁ ଚେତାବନୀ ଦିଆଯାଇଛି।

ଅନୁଗୋଳ ଜିଲା ବନ ବିଭାଗର କ୍ଷେତ୍ର କାର୍ଯ୍ୟରତ କର୍ମଚାରୀ, ଫରେଷ୍ଟଗାର୍ଡ, ଫରେଷ୍ଟର, ଡେପୁଟି ରେଞ୍ଜର ପ୍ରମୁଖ ସହରସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସ ଯାଏ ଯାଇଥିଲେ। ସେଠାରେ ଅନୁଗୋଳ ସର୍କଲ ଜୋନ୍ ସଭାପତି ବୀରେନ୍ଦ୍ର ଦେହୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ସମ୍ପାଦକ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ନାଏକ, ସହ ସମ୍ପାଦକ ସାବିତ୍ରୀ ନାୟକ ପ୍ରମୁଖ ଦାବି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କର୍ମକର୍ତ୍ତାମାନେ କହିଥିଲେ, ବାରମ୍ବାର ବନ କର୍ମଚାରୀମାନଙ୍କୁ ଗୁଳି କରି ହତ୍ୟା କରାଯାଉଥିବା ବେଳେ ଓଡ଼ିଶା ଅଣଗେଜେଟେଡ ବନସେବା ସଂଘ ଗତ ୨୫ ତାରିଖରେ ଜରୁରୀ ବୈଠକ କରି ବିଭାଗର ଅବ୍ୟବସ୍ଥାର ପ୍ରତିକାର ନିମନ୍ତେ ୩ଟି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଥିଲା। ଜୁନ ୮ ସୁଦ୍ଧା ସରକାର କୌଣସି ପ୍ରତିକାର କଲେ ନାହିଁ। ଏଣୁ ସଂଘର ନିଷ୍ପତ୍ତିନାମା ନଂ. ୧୮୯ ଅନୁଯାୟୀ, ଅନୁଗୋଳ ଫରେଷ୍ଟ ସର୍କଲ ଅନ୍ତର୍ଗତ ସମସ୍ତ କ୍ଷେତ୍ରର ବନ ଅଧିକାରୀ (ଫରେଷ୍ଟଗାର୍ଡ, ଫରେଷ୍ଟର, ଡେପୁଟି ରେଞ୍ଜର) ସାମୂହିକ ଛୁଟିରେ ରହି ଅନଶନ କରିବାକୁ ବାଧ ହେଉଛୁ। ଗତ ମେ ୨୪ ତାରିଖରେ ଢେଙ୍କାନାଳ ଡିଭିଜନ ହିନ୍ଦୋଳ ରେଞ୍ଜ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କ ହତ୍ୟା ପରେ ମୃତକଙ୍କ ପରିବାରକୁ ୯ କୋଟି ଟଙ୍କା ଅନୁକମ୍ପା ସହାୟତା, ତାଙ୍କ ନାବାଳିକା ଝିଅର ପାଠପଢ଼ା ସହ ଥଇଥାନ, ଚାକିରି ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଛି। ବନ ବିଭାଗର ବିଭିନ୍ନ ଅବ୍ୟବସ୍ଥାର ପ୍ରତିକାର ନିମନ୍ତେ ଏକ ଫରେଷ୍ଟ କମିଶନ ଗଠନ କରାଯାଉ। ଆବଶ୍ୟକତା ଅନୁସାରେ ତାଲିମ ଓ ନିଯୁକ୍ତି ପ୍ରକ୍ରିୟାରେ ଉନ୍ନତି ଏବଂ କ୍ଷେତ୍ର କର୍ମଚାରୀଙ୍କ କଲ୍ୟାଣ ଓ ଦକ୍ଷତା ବୃଦ୍ଧି କରିବା, ସମସ୍ତ ଉଇଙ୍ଗକୁ ଇଣ୍ଟିଗ୍ରେଟ କରି କିମ୍ବା ସର୍କଲସ୍ତରରେ ଗୋଟିଏ ଛାତ ତଳେ କିପରି ପରିଚାଳନା କରାଯିବା, ଘଞ୍ଚ ଜଙ୍ଗଲରେ ବିପଦପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରୁଥିବା ବନ କର୍ମଚାରୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ପୋଲିସ ବିଭାଗ ଭଳି ଇନସ୍ୟୁରାନ୍ସ ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ୨୨ ତାରିଖ ଠାରୁ ସାମୂହିକ ଛୁଟିରେ ରହି ପ୍ରତିବାଦ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସିନ୍ ରିକ୍ରିଏଶନ କଲା ପୋଲିସ



**ଛେଣ୍ଡିପଦା,୯।୬ (ଅଜିତ ଧଳ)**

### ପିକ୍‌ଅପ୍ ଭ୍ୟାନ୍ ଧକ୍କାଦେଇ ଯୁବକଙ୍କୁ ହତ୍ୟା ଘଟଣା

ଅନୁଗୋଳ ଜିଲା ବାଗଡ଼ିଆ ଥାନା ନୂଆଗାଁ ଛକ ନିକଟ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଗତ ଏପ୍ରିଲ ୨୨ ସନ୍ଧ୍ୟାରେ ଫାଷ୍ଟଫୁଡ ଦୋକାନୀ ନୂଆଗାଁ ଗ୍ରାମର ବିନୋଦ ସାହୁଙ୍କୁ ପିକ୍‌ଅପ୍ ଭ୍ୟାନରେ ଧକ୍କା ଦେଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ପୂର୍ବରୁ ୨ ଜଣଙ୍କୁ ଗିରଫ କରିଥିଲା। ତେବେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ଜଣେ ଧରାପଡ଼ିଥିବାରୁ ପୋଲିସ ସୋମବାର ଘଟଣାର ସିନ ରିକ୍ରିଏଶନ କରିଛି।

ସୂଚନା ଅନୁଯାୟୀ, ବାଗଡ଼ିଆ ଥାନା ନୂଆଗାଁର ଫାଷ୍ଟଫୁଡ ଦୋକାନୀ ବିନୋଦଙ୍କୁ ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିବା ମୃତକଙ୍କ ଭାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପୂର୍ବରୁ ନୂଆଗାଁ ତେଲିସାହିର ଅଭିରାମ ବେହେରା ଓ ଭଜମନ ଚନ୍ଦନଙ୍କୁ ଗିରଫ କରିଥିଲା। ଏଥିସହ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ମାନସ ମାଝୀ ଓ ଅଖିଳ ମହାରଣାଙ୍କୁ ଗିରଫ କରିଥିବା ପରେ ଘଟଣାସ୍ଥଳକୁ ନେଇ ସିନ ରିକ୍ରିଏଶନ କରିଛି। ବିନୋଦଙ୍କୁ କିପରି ରାସ୍ତାରୁ ହଟାଇବା ପାଇଁ ସାଙ୍ଗମାନଙ୍କ ସହ ଏକ ଆମ୍ବତୋଟାରେ ଭୋଜି କରି ଯୋଜନା କରିଥିଲେ ଓ ଗାଡ଼ି ଧକ୍କା ଦେଇଥିଲେ ସେ ବିଷୟରେ ମୁଖ୍ୟ ଅଭିଯୁକ୍ତ ପୋଲିସକୁ ତଥ୍ୟ ଦେଇଥିଲେ। ଏହି ଘଟଣାରେ ଅଭିଯୁକ୍ତମାନେ ଲୁଚାଇ ରଖିଥିବା ପିକଅପ ଭ୍ୟାନ ଓ ମୋବାଇଲକୁ ପୋଲିସ ଜବତ କରିଛି। ସିନ ରିକ୍ରିଏଶନ ପରେ ପୋଲିସ ଅଭିଯୁକ୍ତ ୨ଜଣଙ୍କୁ କୋର୍ଟ ଚାଲାଣ କରିଛି। ମାର୍ଚ୍ଚ ୧୫ ଦୋଳ ପୂର୍ଣ୍ଣିମାର ଝଗଡ଼ା ଓ ରାଜନୈତିକ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ବାଗଡିଆ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଅଙ୍ଗପଡ଼ାରେ ଜନଶୁଣାଣି କାର୍ଯ୍ୟକ୍ରମ



**ବଇଣ୍ଡା,୯।୬(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଙ୍ଗପଡ଼ା ପଞ୍ଚାୟତ ସଭାଗୃହ ପରିସରରେ ସୋମବାର ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ସମସ୍ତ ଅଭିଯୋଗର ବିଚାର କରି କିଭଳି ଶୀଘ୍ର ସମାଧାନ ହେବ ସେନେଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବିଭିନ୍ନ ଗ୍ରାମରୁ ଲୋକେ ଯୋଗଦେଇ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋରନଗର ସିଡ଼ିପିଓ ଆରତି ସିଂ, ଅଙ୍ଗପଡ଼ା ସରପଞ୍ଚ ଜିତେନ୍ଦ୍ର ସାହୁ, ସମିତିସଭ୍ୟା ଶୈଳଭାମା ପ୍ରଧାନ, ସୁଜିତ କୁମାର ପ୍ରଧାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୱାଲ୍ ନିର୍ମାଣର ସମୀକ୍ଷା କଲେ ଅଧିକାରୀ

**ବଇଣ୍ଡା, ୯।୬(ପରିକ୍ଷିତ ସାହୁ)**



ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତଠାରେ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ପାର୍ଶ୍ୱରେ ଥିବା ଚନ୍ଦନ ପୋଖରୀରେ ୱାଲ୍ ନିର୍ମାଣ ପାଇଁ ସୋମବାର ଜାତୀୟ ରାଜପଥ କାର୍ଯ୍ୟାଳୟ ସମ୍ବଲପୁରର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମୀକ୍ଷା କରିଛନ୍ତି। ପିଏମ୍ ପ୍ରେମ ସାହୁଙ୍କ ସହ ମୋଟ ୩ ଜଣ ଅଧିକାରୀ ପୋଖରୀରେ କିପରି ୱାଲ୍ ନିର୍ମାଣ ହେବ ତାହା ଦେଖିଥିଲେ। ସୂଚନା ଅନୁଯାୟୀ, ଚନ୍ଦନ ପୋଖରୀରେ ୱାଲ୍ ନିର୍ମାଣ ପାଇଁ ବାରମ୍ବାର ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏଥିସହ ବଇଣ୍ଡାଠାରେ ନିର୍ମାଣ ହେଉଥିବା ରାସ୍ତା କାମକୁ ବିରୋଧ କରି ଆନ୍ଦୋଳନ କରିଥିଲେ। ଫଳରେ ଜାତୀୟ ରାଜପଥ କାର୍ଯ୍ୟାଳୟର ଅଧିକାରୀମାନେ ଆସି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହ କିଭଳି ୱାଲ ନିର୍ମାଣ କରାଯିବ ତାହାର ସମୀକ୍ଷା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦ୍ୱିତୀୟ ୱାଲ ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ପୋଖରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କା ଦେଖାଦେଇଛି। ଗ୍ରାମ ଉପ ସଭାପତି ଅରବିନ୍ଦ ସାହୁ, ସହ ସମ୍ପାଦକ ପରିକ୍ଷିତ ସାହୁ, ରାଜେଶ ପ୍ରଧାନ, ସନ୍ତୋଷ ପ୍ରଧାନଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ ପାଳିତ

**ବଇଣ୍ଡା,୯।୬ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକଚି ପଥପ୍ରାନ୍ତ କାର୍ଯ୍ୟାଳୟ ନିକଟରେ ସୋମବାର ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ସଞ୍ଜୀବ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ଭାଜପା ନେତା ହୃଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ଶହୀଦ ବିର୍ସା ମୁଣ୍ଡାଙ୍କ ୧୨୫ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ବଳିଦାନ ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସାହୁ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ଭାଜପା ସଂଯୋଜକ ଡାକ୍ତର ଅଲେଖ ପ୍ରଧାନ, ଶଙ୍କର ହୋତା, ପୂର୍ବତନ ସରପଞ୍ଚ ସିଦ୍ଧେଶ୍ୱର ସାହୁ, ଚୈତନ୍ୟ ପ୍ରଧାନ, କାଳିଆ ସାହୁ, ପୂର୍ବତନ ସମିତି ସଭ୍ୟ ଜେନାମଣି ପ୍ରଧାନ, ଧନେଶ୍ୱର ସାହୁ, ସରପଞ୍ଚ, ସମିତିସଭ୍ୟ ଓ ଭାଜପା ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ ପାଳନ କରାଯାଉଛି।

## କାର୍ ଧକ୍କାରେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଗୁରୁତର



**ବନ୍ତଲା,୯।୬(ସୁଶିତ୍ ସାହୁ)**

ଅନୁଗୋଳ ବ୍ଲକ ଧୋକୁଟା ଗାଁର ଅବସରପ୍ରାପ୍ତ ପୋଲିସ କର୍ମଚାରୀ ପୁରନ୍ଦର ବେହେରା(୬୬) ରବିବାର ଏକ କାର୍ ଧକ୍କାରେ ଗୁରୁତର ହୋଇଛନ୍ତି। ସେ ସନ୍ଧ୍ୟା ଭ୍ରମଣରେ ଫେରୁଥିବା ବେଳେ ଧୋକୁଟା ଶିବମନ୍ଦିର ସମ୍ମୁଖରେ ତାଙ୍କୁ ଏକ କାର୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା କାର୍‌କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ବନ୍ତଲା ଥାନା ଅଧିକାରୀ ନଟବର ନନ୍ଦ ପହଞ୍ଚି ଉକ୍ତ କାର୍‌କୁ ଜବତ କରିବା ସହ ମାମଲା ରୁଜୁକରି ତଦନ୍ତ ଜାରି ରଖିଛନ୍ତି।

## ବଜ୍ରପାତରେ ୨ ନାବାଳକ ଭାଇ ଆହତ

**ବନ୍ତଲା,୯।୬(ସୁଶିତ ସାହୁ)**

ଅନୁଗୋଳ ବ୍ଲକ ବେଡ଼ାଶାସନ ପଞ୍ଚାୟତ ହମାମୀରା ଗାଁରେ ସୋମବାର ବଜ୍ରପାତରେ ୨ ନାବାଳକ ଭାଇ ଆହତ ହୋଇଛନ୍ତି। ସେମାନେ ହେଲେ ଚନ୍ଦନ ସାହୁ (୧୪) ଓ ଚନ୍ଦନଙ୍କ ବଡ଼ବାପା ପୁଅ ଅମିତ ସାହୁ(୧୪)। ସୂଚନା ଅନୁଯାୟୀ, ଚନ୍ଦନ ଓ ଅମିତ ଆମ୍ବ ତୋଟାରେ ଥିଲାବେଳେ ଅପରାହ୍ନରେ କାଳବୈଶାଖୀ ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ହେବାରୁ ଆମ୍ବଗଛ ମୂଳେ ଠିଆ ହୋଇଥିବା ୨ ଭାଇ ଆହତ ହୋଇଥିଲେ। ଖବରପାଇ ଘର ଲୋକେ ତୁରନ୍ତ ସେଠାରେ ପହଞ୍ଚି ଆହତ ୨ ଜଣଙ୍କୁ ଉଦ୍ଧାର କରି ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଚନ୍ଦନ ଘରକୁ ଫେରିଥିବାବେଳେ ଅମିତଙ୍କ ଚିକିତ୍ସା ଜାରି ରହିଛି।

## ଅବକାରୀ ସଚେତନତା ରଥ ଶୁଭାରମ୍ଭ


ଅଧିକାରୀମାନଙ୍କ ଦ୍ୱାରା ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

**ତାଳଚେର,୯।୬(ମନୋଜ ନନ୍ଦ)**

ବେଆଇନ ଓ ଅପମିଶ୍ରିତ ମଦ, ଡ୍ରଗ୍ସ, ତମାଖୁ ସହ ଅନ୍ୟାନ୍ୟ ନିଶା ଦ୍ରବ୍ୟର ଅପକାରିତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଏବଂ ଏହାର ବ୍ୟବହାର ତଥା ଚାଲାଣ ଉପରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ତାଳଚେର ଉପଖଣ୍ଡ ଅବକାରୀ ବିଭାଗ ପକ୍ଷରୁ ସୋମବାର ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ତାଳଚେର ଉପଜିଲାପାଳ ସମୀର କୁମାର ଜେନା ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅବକାରୀ ଉପ ଅଧୀକ୍ଷକ ନୀଳାଦ୍ରି ବିହାରୀ ନାୟକ, ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁ, ଭାରପ୍ରାପ୍ତ ଅଧିକାରୀ ହଟିଆ ବେହେରା ଓ କର୍ମଚାରୀ ମାନସ ରଞ୍ଜନ ପ୍ରଧାନ, ସରୋଜ କୁମାର ସାହୁ, ପପୁନ ପ୍ରଧାନ, କାହ୍ନୁ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ତାଳଚେର ଉପଖଣ୍ଡର ବିଭିନ୍ନ ବ୍ଲକ, ପଞ୍ଚାୟତ ଓ ଗ୍ରାମ ପରିକ୍ରମା କରିବା ସହ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବ।

## ୪ର୍ଥ ମିଳିତ ଅଭିଯୋଗ ଶୁଣାଣି

**ତାଳଚେର,୯।୬ (ମନୋଜ ନନ୍ଦ)**

ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ (ଏମ୍‌ସିଏଲ୍)ର ସ୍ୱତନ୍ତ୍ର ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ଜମିହରା ପ୍ରଜାଙ୍କ ପାଇଁ ତାଳଚେର ଉପଜିଲାପାଳଙ୍କ ସଭାଗୃହଠାରେ ଚତୁର୍ଥ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣି ଶିବିରରେ ଉପଜିଲାପାଳ ସମୀର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଶିବିରରେ ଏମ୍‌ସିଏଲ୍‌ର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ପ୍ରତାପହରି ପ୍ରଧାନ, ସମସ୍ତ କ୍ଷେତ୍ରର ଭୂମି ଅଧିଗ୍ରହଣ ଅଧିକାରୀ, ପୁନଃସ୍ଥାପନ ଏବଂ ପୁନଃଥଇଥାନ ଅଭିଯୋଗ ସମାଧାନ କାର୍ଯ୍ୟାଳୟର ଅଧିକାରୀ ପ୍ରେମାନନ୍ଦ ପ୍ରଧାନଙ୍କ ସହ ବିଭିନ୍ନ ଗ୍ରାମର ଜମିହରା ପ୍ରଜା ଉପସ୍ଥିତ ରହି ଅଭିଯୋଗ ଦାଖଲ କରିଥିଲେ। ଶିବିରରେ ସମୁଦାୟ ୧୬ଟି ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣି ହୋଇଥିଲା। ଏହି ୧୬ଟି ଅଭିଯୋଗ ମଧ୍ୟରୁ ୧୧ଟି ଅଭିଯୋଗର ତୁରନ୍ତ ସମାଧାନ ନିମନ୍ତେ ନିଷ୍ପତ୍ତି କରାଯାଇଥିଲା।

## କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ହେଉ ପ୍ରକଳ୍ପ କାର୍ଯ୍ୟ

**ଆଠମଲ୍ଲିକ,୯।୬ (ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତର ନାଏକପଡ଼ା ଗ୍ରାମୀଣ ହାଟ ନିର୍ମାଣ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ଥିବା ଅଭିଯୋଗ କରି ମହାତ୍ମା ଗାନ୍ଧୀ ସାପ୍ତାହିକ ଗ୍ରାମୀଣ ବଜାର କମିଟି ପକ୍ଷରୁ ବିଡିଓ ଟିଟସ ମହାନନ୍ଦିଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୧୦ ଲକ୍ଷ ଟଙ୍କା ଅନୁଦାନରେ ନିର୍ମିତ ଏହି ପ୍ରକଳ୍ପ କାର୍ଯ୍ୟ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ କରାଯିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜ କୁମାର ସାହୁ, ନିରଞ୍ଜନ ସାହୁ, ଦେବ ରଞ୍ଜନ ପ୍ରଧାନ, ଧନଞ୍ଜୟ କର୍ମୀ, ଅଲେଖ ମହାପାତ୍ରଙ୍କ ସମେତ ସଦସ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓ ମହାନନ୍ଦିଆ କହିଛନ୍ତି, ଏହାର ସ୍ଥାୟୀ ସମାଧାନ କରାଯିବ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ପାଲଲହଡ଼ା,୯।୬ (ଦିବ୍ୟଜ୍ୟୋତି ଦାଶ)**


ଶିବିରରେ ଉପସ୍ଥିତ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଅନୁଗୋଳ ଜିଲା ପାଲଲହଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲାପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ, ଜିଲା ଆରକ୍ଷୀ ଅଧିକାରୀ ରାହୁଲ ଜୈନ, କସ୍ତୁରୀ ସା, ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ଉପଖଣ୍ଡ ପୋଲିସ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଓ ଉପଖଣ୍ଡ ସ୍ତରୀୟ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ସମୁଦାୟ ୯୬ଟି ମାମଲାର ଶୁଣାଣି କରାଯାଇଥିଲା। ସେଥିରୁ ୪ଟି ମାମଲାର ସମାଧାନ ଶିବିରରେ କରାଯାଇଥିଲା। ବନ୍ଧକାନି ଗାଁର ରଶ୍ମିତା ପ୍ରଧାନଙ୍କୁ ୫ ହଜାର ଟଙ୍କା ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ପାଲଲହଡ଼ା ଟାଉନସ୍ଥିତ କାଉଁସିରିପାଲି ଗାଁର ଶୈଳାଳା ଜେନାଙ୍କୁ ୧୦୦୦ ଟଙ୍କା ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ପ୍ରଦାନ କରାଯାଇଥିଲା।

## ଜାଲ୍ ପ୍ରମାଣପତ୍ର ଦେଇ ଚାକିରି ଅଭିଯୋଗ

**ପାଲଲହଡ଼ା,୯।୬ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ରୋହିଲା ପଞ୍ଚାୟତରେ ମିଶନଶକ୍ତି ସଙ୍ଗଠନ ଅନ୍ତର୍ଭୁକ୍ତ ପ୍ରାଣୀମିତ୍ର ପଦବୀରେ କାର୍ଯ୍ୟରତ ଜଣେ ମହିଳା ନକଲି ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରି ନିଯୁକ୍ତି ପାଇଥିବା ସରପଞ୍ଚ ଦିବ୍ୟ ଲୋଚନ ନାଏକ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତା ପ୍ରାଣୀମିତ୍ର କହିଛନ୍ତି, ଏପରି ଅଭିଯୋଗରେ କୌଣସି ସତ୍ୟତା ନାହିଁ। ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପଢ଼ି ୧୯୯୭ ମସିହାରେ ମାଟ୍ରିକ ପରୀକ୍ଷା ଦେଇଥିଲେ। ସରପଞ୍ଚ କେଉଁ କାରଣରୁ ଏପରି ଅଭିଯୋଗ ଆଣିଛନ୍ତି ଜାଣିନାହିଁ। ଏହାର ତଦନ୍ତ କରାଗଲେ ସତ୍ୟ ପଦାକୁ ଆସିବ। ମିଶନଶକ୍ତିର ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଜିଲାପାଳ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କ୍ଷତିଗ୍ରସ୍ତ ଜମିହରା ପ୍ରଜାସଂଘର ବିକ୍ଷୋଭ



ଟିଟିପିଏସ୍ (ତାଳଚେର ଥର୍ମାଲ) ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ତାଳଚେର,୯।୬ (ମନୋଜ ନନ୍ଦ)**

ଏନ୍‌ଟିପିସି ପରିଚାଳନାଧୀନ ଟିଟିପିଏସ୍ (ତାଳଚେର ଥର୍ମାଲ) ଗେଟ୍ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତାଳଚେର ବ୍ଲକ ସନ୍ଥପଡ଼ା ଗ୍ରାମର କ୍ଷତିଗ୍ରସ୍ତ ଜମିହରା ପ୍ରଜାସଂଘ ପକ୍ଷରୁ ଠିକା ଶ୍ରମିକ ଭାବରେ ନିଯୁକ୍ତି ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଗଣଧାରଣା ଦିଆଯାଇଛି। ପ୍ରଜାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି, ୨୦୧୬ ମସିହାରୁ ଗ୍ରାମବାସୀ ନିଯୁକ୍ତି ଦାବିରେ ଅନେକବାର ଦାବି, ଆପତ୍ତି ଜଣାଇବା ସହ ଆନ୍ଦୋଳନ କରିଛନ୍ତି। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଛି। ପାଉଁଶ ପୋଖରୀ ନିର୍ମାଣ ପାଇଁ ବିଭିନ୍ନ ପର୍ଯ୍ୟାୟରେ ଗ୍ରାମବାସୀଙ୍କ ଜମି ଅଧିଗ୍ରହଣ କରାଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ଜମିହରା ପ୍ରଜାଙ୍କୁ ଠିକା ଶ୍ରମିକ ଭାବେ ନିଯୁକ୍ତି ଦେବାରେ କମ୍ପାନୀ ବିଫଳ ହୋଇଛି। ବାହାର ଲୋକ ନିଯୁକ୍ତି ପାଉଥିବା ବେଳେ କ୍ଷତିଗ୍ରସ୍ତଙ୍କୁ ଉପେକ୍ଷା କରାଯାଉଛି। ନିଯୁକ୍ତି ପ୍ରଦାନ ଯାଏ ଆନ୍ଦୋଳନ ଜାରି ରହିବ ବୋଲି କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ନନ୍ଦିନୀ ଦେବୀଙ୍କ ଜୀବନୀ ଉପରେ ଆଲୋକପାତ

## ଢେଙ୍କାନାଳ ଜିଲା କଂଗ୍ରେସ ତରଫରୁ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳନ

ଢେଙ୍କାନାଳ,୯।୬(ରତନ ନାୟାର)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୪ତମ ଜନ୍ମ ବାର୍ଷିକୀ ଢେଙ୍କାନାଳ ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ନେତୃତ୍ୱରେ ସୋମବାର ପାଳିତ ହୋଇଯାଇଛି। ସହରର ମୁଖ୍ୟ ଷ୍ଟାଡିୟମ ନିକଟସ୍ଥ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ପୂର୍ବତନ ନେତ୍ରୀଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ନନ୍ଦିନୀ ଦେବୀଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା। ମାତ୍ର ୮ ବର୍ଷ ବୟସରେ ସେ ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରି ଜେଲ୍ ଯିବା ଠାରୁ ରାଜନୈତିକ ଜୀବନରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶାସନରେ ସୂଚନା ପ୍ରସାରଣ ବିଭାଗର ମନ୍ତ୍ରୀ ହେବା, ବାଂଲାଦେଶ ମୁକ୍ତି ସଂଗ୍ରାମରେ


ଢେଙ୍କାନାଳ ଜିଲା କଂଗ୍ରେସ ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳନ କରାଯାଉଛି।

ଭାରତର ସହଯୋଗ ଏବଂ ପାକିସ୍ତାନ ସହିତ ଲଢ଼େଇ ସମୟରେ ଶତ୍ରୁପକ୍ଷକୁ ଠିକଣା ଜବାବ ଦିଆଯିବା ଘଟଣାକୁ ଅଲ୍ ଇଣ୍ଡିଆ ରେଡିଓରେ ସୁଚାରୁ ରୂପେ ପରିଚାଳନା କରି ପ୍ରଶଂସିତ ହେବା କଥା ଆଲୋଚିତ ହୋଇଥିଲା। ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ (୧୯୭୨ରୁ ୧୯୭୬) ଥିବା ସମୟରେ ପ୍ରଶାସନିକ, ସଂସ୍କାର ବିଶେଷକରି ସାମନ୍ତବାଦୀ ଜମିଦାରୀ ପ୍ରଥାକୁ ବିଲୋପ କରି ଭୂମିହୀନ ଆଦିବାସୀ ଓ ଦଳିତ ବର୍ଗର ବ୍ୟକ୍ତି ବିଶେଷଙ୍କୁ ଜମି ପଟ୍ଟା ପ୍ରଦାନ କରିବା, ମହିଳା ସଶକ୍ତୀକରଣ, ଦୁର୍ନୀତି ବିରୋଧରେ କଠୋର କାର୍ଯ୍ୟକ୍ରମ ପାଇଁ ନନ୍ଦିନୀ ଦେବୀ ପ୍ରସିଦ୍ଧି ଲାଭ କରିଛନ୍ତି। ନନ୍ଦିନୀ ଶତପଥୀ ଢେଙ୍କାନାଳ ଏବଂ ଗଁଦିଆ ନିର୍ବାଚନମଣ୍ଡଳୀରୁ ୭ଥର ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ଢେଙ୍କାନାଳ ଜିଲାରେ ଶିଳ୍ପ ପ୍ରତିଷ୍ଠା ଠାରୁ ଆରମ୍ଭ କରି ମହିଳା କଲେଜ, ଷ୍ଟାଡିୟମ ଆଦି ନିର୍ମାଣ କରି ଜିଲାବାସୀଙ୍କ ସ୍ମୃତିରେ ସାଇତା ହୋଇ ରହିଛନ୍ତି। ଜଣେ ପ୍ରଖ୍ୟାତ ଲେଖିକା ଭାବେ ସେ ତସଲିମା ନସରିନଙ୍କ 'ଲଜ୍ଜା'କୁ ଓଡ଼ିଆରେ ଅନୁବାଦ କରିଥିଲେ ଏବଂ ସାମାଜିକ ସମସ୍ୟା ଉପରେ କାହାଣୀ ଲେଖିଥିଲେ। ୧୯୯୮ରେ ସାହିତ୍ୟ ଭାରତୀ ସମ୍ମାନ ପାଇଥିଲେ ବୋଲି ଆଲୋଚନା ହୋଇଥିଲା। ଜୟନ୍ତୀ ଅବସରରେ ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ବରିଷ୍ଠ ନେତା ଡାକ୍ତର ତୁଷାରକାନ୍ତି ନାୟକ, ବିନୟ ସାହୁ, ନିଶାକର ସାହୁ, ଜିତେନ୍ଦ୍ର ସାହୁ, ଜବୀର ବକ୍ସ, ସରୋଜ ଶତପଥୀ, ପ୍ରିୟବ୍ରତ ସାସମାଲ, ବିଶ୍ୱଭୂଷଣ ନାୟକ, ଶକ୍ତି ପ୍ରସାଦ ବେହେରା ଓ ହାପି ସାହୁ ପ୍ରମୁଖ ଯୋଗଦାନ କରି ନନ୍ଦିନୀ ଶତପଥୀଙ୍କ ଜୀବନୀ ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସର୍ବଦା ସ୍ମରଣୀୟ ହୋଇ ରହିବେ ନନ୍ଦିନୀ


ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳନ କରାଯାଉଛି।

ଢେଙ୍କାନାଳ,୯।୬(ରତନ ନାୟାର)

ଢେଙ୍କାନାଳର ସାମାଜିକ ଅନୁଷ୍ଠାନ ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ ସୋମବାର ପାଳନ କରାଯାଇଛି। ସକାଳେ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯିବା ପରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ସ୍ୱର୍ଗତା ନନ୍ଦିନୀ ଶତପଥୀ ଥିଲେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ଢେଙ୍କାନାଳ ମାଟିର ସୁକନ୍ୟା, ଲୌହ ମାନବୀ, ପ୍ରଚଣ୍ଡ ଜ୍ଞାନ ସମ୍ପନ୍ନ ଓ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ନିର୍ଭୀକତା, ସାହସିକତା ଓ ଦୃଢ଼ ମାନସିକତା ସମ୍ପନ୍ନ ବ୍ୟକ୍ତିତ୍ୱ, ନାରୀ ମାନସିକତାର ଏକ ତେଜୋଦୀପ୍ତ ସ୍ୱର। କେନ୍ଦ୍ରରେ ସୂଚନା ପ୍ରସାରଣ ମନ୍ତ୍ରୀ ଥିବାବେଳେ ଅନେକ ସଂସ୍କାର ମୂଳକ କାର୍ଯ୍ୟ କରି ନିଜକୁ ପରିଚିତ କରିପାରିଥିଲେ। ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ପରିପକ୍ୱ ରାଜନୀତି, ଭୂ-ସଂସ୍କାର ଆଇନ ବ୍ୟତୀତ ଓଡ଼ିଶାର ସାମଗ୍ରିକ ପ୍ରଗତି ଏବଂ ଲୋକଙ୍କ କଲ୍ୟାଣ ଦିଗରେ ଅବଦାନ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ଜଗତକୁ ସମୃଦ୍ଧ କରିଥିବା ତାଙ୍କ କାଳଜୟୀ ସୃଜନ ସୃଷ୍ଟି ପାଇଁ ନନ୍ଦିନୀ ଶତପଥୀ ସର୍ବଦା ସ୍ମରଣୀୟ ହୋଇ ରହିବେ। ସର୍ବୋପରି ଢେଙ୍କାନାଳ ଜିଲାରେ ପ୍ରଥମ ଥର ପାଇଁ ଶିଳ୍ପ ବିପ୍ଳବ ଆରମ୍ଭ କରି ନିଜର ଏକ ଅନନ୍ୟ ପ୍ରତିଭା ଛାଡି ଯାଇଛନ୍ତି ବୋଲି ସେ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ସଦାନନ୍ଦ ସେଠୀ, ସଦାଶିବ ମହାପାତ୍ର, ବିମଳ ଶତପଥୀ, ପ୍ରତାପ ଦାସ, ବାଦଲ ପଟ୍ଟନାୟକ, ଜିତେନ୍ଦ୍ର ପଟ୍ଟନାୟକ, ଶେଖର ସେଠୀ, ବିଶ୍ୱଜିତ ସାହୁ, କୁନା, ଦୁଷ୍ମନ୍ତ ମହାନ୍ତି, ସୂର୍ଯ୍ୟାଂଶୁ ଶେଖର ରାଉତ, ବିଶ୍ୱଜିତ୍ ବେହେରା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ନନ୍ଦିନୀ ଦେବୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଖବରଦାତାଙ୍କୁ ଅସଦାଚରଣ, ଧମକ ଅଭିଯୋଗ



ଢେଙ୍କାନାଳ,୯।୬(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ କୋଇ ସଂରକ୍ଷିତ ଜଙ୍ଗଲ ତର୍ଣ୍ଣିଚିରାଠାରେ ଏକ ମାଈ ହାତୀ ମୃତ୍ୟୁ ଘଟଣାର ଖବର ସଂଗ୍ରହ କରିବାକୁ ଯାଇଥିବା ହିନ୍ଦୋଳ ଜର୍ଣ୍ଣାଲିଷ୍ଟ ଆସୋସିଏଶନର ସଦସ୍ୟଙ୍କୁ ସ୍ଥାନୀୟ ରେଞ୍ଜର ଅସଦାଚରଣ ସହିତ ବନ୍ଧୁକ ଦେଖାଇ ଧମକ ଦେଇଥିବା ଆସୋସିଏଶନ ପକ୍ଷରୁ ସୋମବାର ଅଭିଯୋଗ କରାଯାଇଛି। ହିନ୍ଦୋଳ ସାମ୍ବାଦିକ ସଂଘ ପକ୍ଷରୁ ସୋମବାର ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଘଟଣାକୁ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଭାପତି ଦୀପ୍ତିକାନ୍ତ ପ୍ରଧାନ, ସମ୍ପାଦକ ସୁମନ୍ତ ଦେହୁରୀଙ୍କ ସମେତ ସଦସ୍ୟମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନଙ୍କୁ ତାଙ୍କ ମୋବାଇଲ ନମ୍ବର-୮୯୧୭୬୮୨୦୦୭ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିବାରୁ ମତାମତ ମିଳିପାରି ନାହିଁ।

# ସୋଲାର କରେଣ୍ଟ ଲାଗି ହାତୀ ଛୁଆ ମୃତ

ଢେଙ୍କାନାଳ,୯।୬(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ କୋଇ ସଂରକ୍ଷିତ ଜଙ୍ଗଲର ତର୍ଣ୍ଣିଚିରା ନିକଟରେ ରବିବାର ରାତିରେ ଏକ ମାଈ ହାତୀଛୁଆ ପ୍ରାଣ ହରାଇଛି। ମୃତ ହାତୀ ଛୁଆଟିର ବୟସ ୨ରୁ ୩ବର୍ଷ ହେବ। ସୋଲାର ତାରବାଡ଼ ସଂସ୍ପର୍ଶରେ ଆସି ତାର ମୃତ୍ୟୁ ହୋଇଥିବା ଜଣାପଡିଥିବା ବେଳେ ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଚାଲୁଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। ଖବରପାଇ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଓ ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ କହିଛନ୍ତି, ସୋଲାର ତାର ସଂସ୍ପର୍ଶରେ ଆସି ହାତୀଟିର ମୃତ୍ୟୁ ହୋଇଥିବା ଜଣାପଡିଥିବା ବେଳେ ଏହାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ମୃତ ହାତୀ ଶରୀରର କିଛି ଅଂଶ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ସୋଲାର ଫେନ୍‌ସିଂ ସାମଗ୍ରୀଗୁଡ଼ିକ ଜବତ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଏମ୍‌ପିଙ୍କ କୃତଜ୍ଞତା

ଢେଙ୍କାନାଳ,୯।୬(ରତନ ନାୟାର)

ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ୬ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ସୋମବାର କୃତଜ୍ଞତା ଜଣାଇଛନ୍ତି। ଢେଙ୍କାନାଳ ଏମ୍‌ପି ଏହି କ୍ଷତିପୂରଣ ରାଶି ବୃଦ୍ଧି କରିବା ପାଇଁ ଲୋକ ସଭାରେ ଲଗାତର ଦାବି ଉପସ୍ଥାପନ କରିଥିଲେ ଏବଂ ଏ ସଂକ୍ରାନ୍ତରେ ମଧ୍ୟ ସେ ଗତ ଅନୁଗୋଳ ମହୋତ୍ସବ ଏବଂ ନିକଟରେ ଢେଙ୍କାନାଳ ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ସହିତ ବ୍ୟକ୍ତିଗତ ଭାବେ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ହାତୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ରାଶି ବୃଦ୍ଧି କରିଥିବାରୁ ଢେଙ୍କାନାଳ ଏମ୍‌ପି ତାଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ବିକଶିତ କୃଷି ସଂକଳ୍ପ ଅଭିଯାନ ସମ୍ପର୍କିତ କର୍ମଶାଳା

ଢେଙ୍କାନାଳ,୯।୬(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ସଭାଗୃହ ପରିସରରେ ବିକଶିତ କୃଷି ସଂକଳ୍ପ ଅଭିଯାନ ସମ୍ପର୍କିତ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବ୍ଲକ କୃଷି ଅଧିକାରୀ ଶୁଭ୍ରାଂଶୁ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଫାର ବୈଜ୍ଞାନିକ ଶ୍ରୀପ୍ରସାଦ ମହାନ୍ତି ମାଛଚାଷ, ଖାଦ୍ୟ ପକ୍ରିୟାକରଣ, ଜଳର ନମୁନା ସଂଗ୍ରହ ଓ ରୋଗ ନିରୂପଣ, ମାଛ ଯାଆଁଳ ଓ ସରକାରୀ ସହାୟତା ସମ୍ପର୍କରେ କହିଥିଲେ। ପରେ ଭାରତ ସରକାରଙ୍କ ଫାଟୁଆ ନିରାକରଣ ଯୋଜନା ସମ୍ପର୍କରେ ବୈଜ୍ଞାନିକ ମନୋରଞ୍ଜନ ରାଉତ ଆଲୋଚନା କରି ଫାଟୁଆ ରୋଗର ନିରାକରଣ ପାଇଁ ସରକାରଙ୍କ ତରଫରୁ ଦୁଇଟି ପର୍ଯ୍ୟାୟରେ ଟିକା କରଣପାଇଁ ମାଗଣାରେ ଟିକା ଦିଆଯାଉଛି ବୋଲି ସୂଚନା ଦେଇଥିଲେ। କରମୂଳ



ବିକଶିତ କୃଷି ସଂକଳ୍ପ ଅଭିଯାନ ସମ୍ପର୍କିତ କର୍ମଶାଳାରେ ଅଧିକାରୀମାନେ।

ସରପଞ୍ଚ ସୌଭାଗିନୀ ବେହେରା, ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ଚିନରା, ଗ୍ରାମ୍ୟ କୃଷି କର୍ମଚାରୀ ମନୋଜା ମଞ୍ଜରୀ ଶତପଥୀ ମଞ୍ଚାସୀନ ଥିଲେ। କରମୁଳ, ମକୁନ୍ଦପୁର, ଭାଲିଆକଣ, ହାତିବାରୀ, ଆମ୍ବପଡା, ରାଇପାଳ, ଗୋରଡାପାଳ ଓ ଆଶ୍ୱଖୋଲା ଆଦି ଗ୍ରାମର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚାଷୀ କର୍ମଶାଳାରେ ଯୋଗଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଢେଙ୍କାନାଳର ବୈଜ୍ଞାନିକ ଡ. ଦିବ୍ୟ ସୁନ୍ଦର କର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ।

# ଜନଜାତି ଜୁଆଙ୍ଗ ଆଦିବାସୀଙ୍କ ପକ୍ଷରୁ ସ୍ମାରକପତ୍ର

ଢେଙ୍କାନାଳ,୯।୬(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକର ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର ଆଦିବାସୀମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଚାହିଁଲେ ମଧ୍ୟ ହୋଇପାରୁନାହାନ୍ତି। ପ୍ରତ୍ୟେକ ଗ୍ରାମରେ ସରକାରୀ ସୁବିଧା ପହଞ୍ଚୁଥିଲେ ମଧ୍ୟ ସେମାନଙ୍କ ଜୁଆଙ୍ଗ ବସ୍ତି ଓ ଅଞ୍ଚଳରେ ସମସ୍ୟା ଲାଗି ରହିଛି। ଏହି ସମସ୍ୟାଗୁଡିକର ସମାଧାନ କରିବା ଦାବିରେ ଆଦିମ ଜନଜାତି ଜୁଆଙ୍ଗ ଅଧିବାସୀମାନେ ସୋମବାର ସଦର ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଭିଯୋଗରେ ସେମାନେ ଦର୍ଶାଇଛନ୍ତି, ପଞ୍ଚାୟତ କର୍ମଚାରୀଙ୍କ ଅବେହଳା ଓ ଅହେତୁକ ମନୋଭାବ ପାଇଁ ଆଦିବାସୀ ଜୁଆଙ୍ଗ ଲୋକମାନେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏ ସଂକ୍ରାନ୍ତରେ ପଦକ୍ଷେପ ନେଇ ପାନୀୟଜଳ ଯୋଗାଣ, ରାସ୍ତା, ଘରଡିହ ପଟ୍ଟା, ସୋଲାର ଲାଇଟ୍ ଓ କୋଠାଘର ସୁବିଧା ଦେବା ପାଇଁ ଜନଜାତି ଜୁଆଙ୍ଗ ଅଧିବାସୀଙ୍କ ପକ୍ଷରୁ ନିରାକାର ପଧାନ, ଭାମା ବେହେରା, ସୁକାନ୍ତି ପଧାନ, ଟିଙ୍କିଲି ପଧାନ, ସୁଜା ପଧାନଙ୍କ ସମେତ ବହୁ ଅଧିବାସୀ ଦାବି କରିଛନ୍ତି।


ଜନଜାତି ଜୁଆଙ୍ଗ ଆଦିବାସୀମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ତୈଳିକ ବୈଶ୍ୟ ସମାଜ କାର୍ଯ୍ୟକାରିଣୀ ବୈଠକ



ପରଜଙ୍ଗ,୯।୬(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କନ୍ତୁର ପଞ୍ଚାୟତ ଚାନ୍ଦପୁର ନୂଆଁସାହିଠାରେ ପରଜଙ୍ଗ ମଣ୍ଡଳ ଆନୁକୂଲ୍ୟରେ ଢେଙ୍କାନାଳ ଏବଂ ଅନୁଗୋଳ ଜିଲା ସମନ୍ୱୟ ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା ଢେଙ୍କାନାଳ ଓ ଅନୁଗୋଳ ଜିଲାର ତୈଳିକ ସମାଜ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ୨ ଜିଲାର ସମନ୍ୱୟ ସଭାପତି ସଞ୍ଜୟ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ନିର୍ମଳ ଚନ୍ଦ୍ର ସାହୁ, ସମ୍ପାଦକ ଲିଙ୍ଗରାଜ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଜାତିଭାଇ ଉପସ୍ଥିତ ଥିଲେ। ପରେ ପରଜଙ୍ଗ ମଣ୍ଡଳ ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ କୃପାସିନ୍ଧୁ ଖୁଣ୍ଟିଆ, ଉପ ସଭାପତି ଅନାଦି ସାହୁ, ସମ୍ପାଦକ ସନ୍ତୋଷ ସାହୁ, ସହ ସମ୍ପାଦକ ଅଦ୍ୱୈତ ସାହୁ, କୋଷାଧ୍ୟକ୍ଷ ରବିନାରାୟଣ ସାହୁ, ଆଇନ ପରାମର୍ଶଦାତା ଭାବେ ବେଣୁଧର ସାହୁଙ୍କ ସମେତ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ମଣ୍ଡଳର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ସହ ସମାଧାନ କରାଯାଇଥିଲା। ମଣ୍ଡଳ ନୂତନ ସଭାପତି ଧନ୍ୟବାଦ ଦେଇଥିଲେ।

# ୩୧ ଅଭିଯୋଗର ସମାଧାନ

ଢେଙ୍କାନାଳ,୯।୬(ରତନ ନାୟାର)


ଢେଙ୍କାନାଳ ଜିଲା ସଦର ବ୍ଲକ କାର୍ଯ୍ୟାଳୟରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୭୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୩୧ଟି ଅଭିଯୋଗର ତତକ୍ଷଣାତ୍ ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ୬୬ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୩ଟି ଗ୍ରାମ୍ୟ ସମସ୍ୟା, ୭ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା, ୧ଟି ରେଡକ୍ରସ ସହାୟତା ସମ୍ପର୍କିତ ଆଦି ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଓ ରେଡକ୍ରସ ପାଣ୍ଠିରୁ ୪୬ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକରଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




# ପ୍ରଥମ ଆନ୍ତଃଜିଲା ଟେନିସ ପ୍ରତିଯୋଗିତା ଉଦ୍‌ଯାପିତ

ଢେଙ୍କାନାଳ,୯।୬(ରତନ ନାୟାର)

ଢେଙ୍କାନାଳ ଲନ୍ ଟେନିସ କ୍ଲବ ଆନୁକୂଲ୍ୟରେ ପ୍ରଥମ ଆନ୍ତଃଜିଲା ଟେନିସ ଚାମ୍ପିୟନଶିପ୍ ୭ ଓ ୮ ତାରିଖ ଦୁଇଦିନ ଧରି ଭାଗୀରଥି ସାଗର ପୋଖରୀ ନକଟସ୍ଥ ଟେନିସ୍ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ୭ ତାରିଖରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା ଲନ ଟେନିସ ଆସୋସିଏଶନ ସଭାପତି ତଥା ଜିଲା କ୍ରୀନା ସଂଘ ସମ୍ପାଦକ ନଳିନୀ ଦାସ, ମୁଖ୍ୟବକ୍ତା ଭାବେ ଶିଳ୍ପପତି ଜୟକାନ୍ତ ଦାସ ଏବଂ ଜିଲା କ୍ରୀଡ଼ାସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୮ଟି ଡବଲ୍ସ ଦଳ ଓ ୧୬ ସିଙ୍ଗଲ୍ସ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତାରେ ସେହେନାଜ ଅକତର ଚାମ୍ପିୟନ ହୋଇଥିବା ବେଳେ ମଳୟ ପଟ୍ଟନାୟକ ରନର୍ସ ଅପ୍ ହୋଇଥିଲେ। ପୁରୁଷ ଡବଲ୍ସ ପ୍ରତିଯୋଗିତାରେ ସେହେନାଜ ଅକତର ଓ ମଳୟ ପଟ୍ଟନାୟକଙ୍କ ଯୋଡ଼ି ଚାମ୍ପିୟନ, ସୁଧାଂଶୁ ଶେଖର ପଣଅଡା ଓ ଅଟଳ ବିହାରୀ ନାଥଙ୍କ ଯୋଡ଼ି ରନର୍ସଅପ ହୋଇଥିଲେ। ସେହିପରି ପ୍ରଦର୍ଶନୀ ମ୍ୟାଚରେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଓ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ରନର୍ସଅପ୍ ହୋଇଥିବା ବେଳେ ମନୋଜ କୁମାର ପଟ୍ଟନାୟକ ଓ ପ୍ରଶାନ୍ତଙ୍କ ଯୋଡ଼ି ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ଅଭିନବ ସୋନକର, ମୁଖ୍ୟବକ୍ତା ଭାବେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା କ୍ରୀଡ଼ା ସଂଘର କର୍ମକର୍ତ୍ତାଙ୍କ ସମେତ ପ୍ରିୟବ୍ରତ ମହାପାତ୍ର, ବିପିନ ବିହାରୀ ସିଂହ, ଉମାକାନ୍ତ ପୃଷ୍ଟି, କିଶାନ ହିଣ୍ଡୋଚା, ଚିତରଞ୍ଜନ ରାଉତ, ମହମ୍ମଦ ସାକିର, ମିଲନ ସିଂହ, ଦୀପକ ଦଳେଇ ଓ ଶୁଭ୍ରାଂଶୁ ଦଳେଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରଥମ ଆନ୍ତଃଜିଲା ଟେନିସ ପ୍ରତିଯୋଗିତା ଉଦ୍‌ଯାପନୀ ଅବସରରେ ଅତିଥିଙ୍କ ସହ କୃତୀ ଖେଳାଳିମାନେ।

# ଓଡ଼ିଶାବାସୀଙ୍କ ପାଇଁ ନନ୍ଦିନୀଙ୍କ ଦିଗ୍‌ଦର୍ଶନ ଅବିସ୍ମରଣୀୟ

## ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳିତ

ଢେଙ୍କାନାଳ,୯।୬(ରତନ ନାୟାର)


ଢେଙ୍କାନାଳ କଣ୍ଟାନାଳୀ ବାଇପାସସ୍ଥିତ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନରେ ପୂର୍ବତନ ମୁଖ୍ୟମନ୍ତ୍ରୀ, ମହାନ ଜନନାୟିକା ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଯୋଗଦେଇ କହିଲେ, ନନ୍ଦିନୀ ଦେବୀଙ୍କ ନେତୃତ୍ୱ ଏବଂ କାର୍ଯ୍ୟଶୈଳୀ ଆଜି ବି ଲୋକମୁଖରେ ଚର୍ଚ୍ଚିତ। ଓଡ଼ିଶାବାସୀଙ୍କ ପାଇଁ ତାଙ୍କର ଦିଗ୍‌ଦର୍ଶନ ଅବିସ୍ମରଣୀୟ। ଏହି ଅବସରରେ ସଭାଗୃହରେ 'ସ୍ମୃତିରେ ନନ୍ଦିନୀ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ନନ୍ଦିନୀ ଦେବୀଙ୍କ ନୂତନ ପ୍ରତିକୃତିରେ 'ଅକ୍ଷମ କଲ୍ୟାଣ ସମିତି'ର ସଭାପତି ପ୍ରଦ୍ୟୁମ୍ନ ରଥ ମାଲ୍ୟାର୍ପଣ କରିଥିଲେ। ଡ. ଧୀରେନ୍ଦ୍ର କୁମାର ଷଡ଼ଙ୍ଗୀଙ୍କ ରଚିତ



ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳନ ଅବସରରେ ତ୍ରିଭାଷୀ ବ୍ରେଲି ବର୍ଣ୍ଣବୋଧ ପୁସ୍ତକ ଉନ୍ମୋଚନ କରାଯାଉଛି।

ତ୍ରିଭାଷୀ ବ୍ରେଲି ବର୍ଣ୍ଣବୋଧ (ଓଡ଼ିଆ, ହିନ୍ଦୀ ଓ ଇଂଲିଶ) ପୁସ୍ତକ ଏବଂ 'ଦୃଷ୍ଟିହୀନ ଶିଶୁଙ୍କ ଲାଳନପାଳନ ଓ ବୌଦ୍ଧିକ ବିକାଶ' ଶୀର୍ଷକ ୨ଟି ପୁସ୍ତକକୁ ମୁଖ୍ୟ ଅତିଥି ଲୋକାର୍ପଣ କରିଥିଲେ। ସଭାରେ ଅଧ୍ୟକ୍ଷତା କରି ଅକ୍ଷମ କଲ୍ୟାଣ ସମିତିର ସଭାପତି ପ୍ରଦ୍ୟୁମ୍ନ ରଥ ଢେଙ୍କାନାଳର ଶିକ୍ଷା, ଶିଳ୍ପ ଓ କୃଷି କ୍ଷେତ୍ରରେ ନନ୍ଦିନୀ ଦେବୀଙ୍କ ଅବଦାନ ସ୍ମରଣ କରି ଢେଙ୍କାନାଳରେ ମହିଳା ମହାବିଦ୍ୟାଳୟ, ଷ୍ଟାଡିୟମ୍, ଉପଗ୍ରହ ପ୍ରସାରିତ ଶିକ୍ଷା କାର୍ଯ୍ୟକ୍ରମ, ଗୋବିନ୍ଦପୁର ସୂତାକଳ, ସିମିନଇ କଳତନ୍ତ ଓ ଉତ୍କଳ ଆଜବେଷ୍ଟସ୍ ଆଦି ପ୍ରତିଷ୍ଠାରେ ନନ୍ଦିନୀ ଦେବୀ ଅଗ୍ରଦୂତ ଥିଲେ ବୋଲି କହିଥିଲେ। ଆଲୋଚନାଚକ୍ରରେ ଢେଙ୍କାନାଳ ଜିଲା ଓକିଲ ସଂଘର ଉପସଭାପତି ଟଙ୍କଧର ବେହେରା, ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର ସାହୁ, ସମାଜବାଦୀ ନେତା ସରୋଜ ଶତପଥୀ, କବୟିତ୍ରୀ ନିର୍ମଳା ମହାପାତ୍ର, ରାଜ ପରିବାର ସଦସ୍ୟ ରାଜୀବ ଲୋଚନ ସିଂହଦେଓ, ଆଇନଜୀବୀ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ପଦ୍ମଲୋଚନ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଦିବାକର ସାହୁ, ପ୍ରଧାନ ଶିକ୍ଷକ ମନୋଜ ପାଣିଗ୍ରାହୀ ଓ ଅକ୍ଷମ କଲ୍ୟାଣ ସମିତିର କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ ପ୍ରମୁଖ ଭାଗନେଇ ନନ୍ଦିନୀ ଦେବୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରିଚାଳନା କମିଟି ସଭ୍ୟ ଶରତ ସାହୁ ସଭା ସଂଯୋଜନା କରିଥିଲେ। ଦୃଷ୍ଟିହୀନ ବିଭାଗର ପ୍ରଧାନ ଶିକ୍ଷକ ମନୋଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୦/୨୦୨୫ Bhubaneswar, Tuesday, June 10/ 2025




# ଡବ୍ଲ୍ୟୁଟିସି ଫାଇନାଲ: ଅଷ୍ଟ୍ରେଲିଆ-ଦ. ଆଫ୍ରିକା ପ୍ରସ୍ତୁତ

ଲଣ୍ଡନ,୯।୬(ଏପି)

ଯେତେବେଳେ ଆଇସିସି ଟୁର୍ନାମେଣ୍ଟ ଫାଇନାଲ କଥା ଆସେ, ଅଷ୍ଟ୍ରେଲିଆ ଦଳକୁ ବାଦ୍ ଦିଆଯାଇପାରିବ ନାହିଁ। କେବଳ ଅଷ୍ଟ୍ରେଲିଆ ଦଳ ଆଇସିସିର ସମସ୍ତ ୪ ଟ୍ରଫି ଜିତିଛି। ଏହି ଦଳକୁ ଫାଇନାଲରେ ପରାସ୍ତ କରିବା କଷ୍ଟକର। ୫୦ ଓଭର ବିଶ୍ୱକପ୍, ଟି୨୦ ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫି ଓ ଡବ୍ଲ୍ୟୁଟିସିକୁ ମିଶାଇ ଅଷ୍ଟ୍ରେଲିଆ ୧୩ ଥର ଫାଇନାଲ ଖେଳିଥିବା ବେଳେ ୧୦ ଥର ବିଜୟୀ ହୋଇଛି। ପୁରୁଷ ଦଳଠାରୁ ଅଷ୍ଟ୍ରେଲିଆ ମହିଳା ଦଳର ରେକର୍ଡ ଆହୁରି ଭଲ ରହିଛି। ୧୧ତମ ଆଇସିସି ଟ୍ରଫି ଲକ୍ଷ୍ୟରେ ଥିବା ପୁରୁଷ ଦଳ ଆସନ୍ତା ବୁଧବାରଠାରୁ ଲର୍ଡ୍ସରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଡବ୍ଲ୍ୟୁଟିସି ଫାଇନାଲ ଖେଳିବ। ଆଇସିସି ଇଭେଣ୍ଟ ଫାଇନାଲରେ ଅଷ୍ଟ୍ରେଲିଆ ଅତ୍ୟନ୍ତ ଭୟଙ୍କର ଦଳ ଥିବାବେଳେ ଦକ୍ଷିଣ ଆଫ୍ରିକା ଦଳର ରେକର୍ଡ ଅନ୍ୟ ଯେକୌଣସି ଦଳ ତୁଳନାରେ ଖରାପ ରହିଛି। ଫାଇନାଲ ଓ ସେମିଫାଇନାଲ ଭଳି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଫଳତା ଯୋଗୁ ଦକ୍ଷିଣ ଆଫ୍ରିକା ଦଳ ଚୋକର୍ସ ଭାବେ ପରିଚିତ। ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ କେବଳ ଗୋଟିଏ ଆଇସିସି ଟ୍ରଫି ଜିତିଛି। ୧୯୯୮ରେ ଅନୁଷ୍ଠିତ ପ୍ରଥମ ଚାମ୍ପିୟନ୍ସ ଟ୍ରଫିରେ ଦଳ ଚାମ୍ପିୟନ ହୋଇଥିଲା। କିନ୍ତୁ ଏଥର ଦକ୍ଷିଣ ଆଫ୍ରିକା ଦଳରେ ସ୍ଥାନ ପାଇଥିବା ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ହେୟଜ୍ଞାନ କରି ହେବ ନାହିଁ। ୨୦୨୩-୨୫ ଡବ୍ଲ୍ୟୁଟିସି ସାଇକେଲରେ ପ୍ରୋଟିଜ ଦଳରେ ୩୦ ଖେଳାଳିଙ୍କୁ ବ୍ୟବହାର କରାଯାଇଥିଲା, ଯାହାକି ଅନ୍ୟ ଯେକୌଣସି ଦଳ ତୁଳନାରେ ଖୁବ୍ ଅଧିକ। ଦଳକୁ ଉଚିତ ସମୟରେ ଭଲ ରନ ସ୍କୋରର ଓ ଉଇକେଟ ନେଇପାରୁଥିବା ବୋଲର ମିଳିଛନ୍ତି। ଏହି ଦଳ ତା'ର ଅନ୍ତିମ ୭ ଟେଷ୍ଟ ଜିତି ଡବ୍ଲ୍ୟୁଟିସି ଫାଇନାଲରେ ସ୍ଥାନ ପକ୍କା କରିଥିଲା।



ଟେଷ୍ଟ ମେସ୍ ସହ ଟେମ୍ବା ବଭୁମା ଓ ପ୍ୟାଟ୍ କମିନ୍ସ।

## ଖ୍ୱାଜାଙ୍କ ସହ କିଏ କରିବ ଓପନିଂ

୨୦୨୩ ଡବ୍ଲ୍ୟୁଟିସି ଫାଇନାଲରେ ଭାରତକୁ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ସେହି ଦଳର ୧୧ରୁ ୧୦ ଖେଳାଳି ଚଳିତ ଥର ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଛନ୍ତି। କେବଳ ଡେଭିଡ୍ ୱାର୍ନର ଅବସର ନେଇଛନ୍ତି। ମିଡିୟମ ପେସର ଜୋଶ ହାଜେଲଉଡ ଇଞ୍ଜୁରି ଯୋଗୁ ଖେଳି ନ ଥିଲେ। କିନ୍ତୁ ସେ ସ୍କଟ ବୋଲାଣ୍ଡଙ୍କ ସ୍ଥାନ ନେବେ ବୋଲି ଆଶା କରାଯାଉଛି। ହାଜେଲଉଡ୍ କାନ୍ଧଜନିତ ସମସ୍ୟାରୁ ମୁକ୍ତ ହୋଇ ଆଇପିଏଲ୍‌ରେ ଖେଳିଥିଲେ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପ୍ରଥମ ଟ୍ରଫି ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ୧୨ ମ୍ୟାଚ୍‌ରେ ୨୨ ଉଇକେଟ ନେଇଥିଲେ। ୱାର୍ନରଙ୍କ ସ୍ଥାନ ନେବା ପାଇଁ ଦଳକୁ ଏପର୍ଯ୍ୟନ୍ତ ଜଣେ ସ୍ଥାୟୀ ଓପନର ମିଳି ନାହିଁ। ସାମ କନଷ୍ଟାସ ୧୯ ବର୍ଷ ବୟସରେ ବିସ୍ଫୋରକ ପଦାର୍ପଣ କରିଥିଲେ। କିନ୍ତୁ ଗତ ଫେବୃଆରୀରେ ଶ୍ରୀଲଙ୍କା ବିପକ୍ଷରେ ଟ୍ରାଭିସ ହେଡ୍ ଓପନିଂ କରିଥିଲେ। ଏଣୁ ଏହି ଦୁଇ ଜଣ ମୁଖ୍ୟ ଦାବିଦାର ରହିବେ। ଦଳରେ ଅଲରାଉଣ୍ଡର କାମେରନ ଗ୍ରୀନ ସ୍ଥାନ ପାଇଛନ୍ତି। ସେ ଲୋୟର ସ୍ପାଇନ ସର୍ଜରି ଯୋଗୁ ୬ ମାସ ବ୍ୟବଧାନରେ ଫେରିବା ପରେ କାଉଣ୍ଟି କ୍ରିକେଟରେ ଓପନର ଭାବେ ଭଲ ପ୍ରଦର୍ଶନ କରିଥିଲେ। ଏତଦ୍‌ବ୍ୟତୀତ ଅଷ୍ଟ୍ରେଲିଆ ଦଳର ମିଡିଲ ଅର୍ଡରରେ କୌଣସି ସମସ୍ୟା ନାହିଁ। ଷ୍ଟିଭ ସ୍ମିଥ ନଂ-୪ରେ ଖେଳିବେ। ଗତ ସପ୍ତାହରେ ୩୬ ବର୍ଷରେ ପଦାର୍ପଣ କରିଥିବା ସ୍ମିଥ ଗତ ୫ ଟେଷ୍ଟରେ ୪ ଶତକ ହାସଲ କରିଛନ୍ତି ଏବଂ ନିକଟରେ ୧୦ ହଜାର ଅତିକ୍ରମ କରିଛନ୍ତି। ବୋଲିଂ ବିଭାଗରେ ଅଷ୍ଟ୍ରେଲିଆର ସର୍ବକାଳୀନ ୪ ସଫଳ ବୋଲର ରହିଛନ୍ତି। ନାଥନ ଲାୟନ (୫୫୩ ଉଇକେଟ ସହ ତୃତୀୟ), ମିଚେଲ ଷ୍ଟାର୍କ (୩୮୨, ଚତୁର୍ଥ), ଅଧିନାୟକ ପ୍ୟାଟ କମିନ୍ସ (୨୯୪, ଅଷ୍ଟମ) ଓ ହାଜେଲଉଡ୍ (୨୭୯, ଦଶମ) ବୋଲିଂ ବିଭାଗ ସମ୍ଭାଳିବେ।

## ରାବାଡାଙ୍କ ଉପରେ ରହିବ ନଜର

ଖ୍ୱାଜାଙ୍କ ସହିତ ଯିଏ ବି ଓପନିଂ କରିବ, ତାଙ୍କୁ ନୂଆ ବଲରେ କାଗିଶୋ ରାବାଡାଙ୍କ ସମ୍ମୁଖୀନ ହେବାକୁ ପଡ଼ିବ। ୧୦ ମ୍ୟାଚ୍‌ରେ ଖ୍ୱାଜା ଓ ରାବାଡା ପରସ୍ପରକୁ ଭେଟିଥିବା ବେଳେ ଖ୍ୱାଜା ୫ ଥର ରାବାଡାଙ୍କ ବଲରେ ଆଉଟ୍ ହୋଇଛନ୍ତି। ୩୨୭ ଉଇକେଟ ନେଇଥିବା ରାବାଡା ଦକ୍ଷିଣ ଆଫ୍ରିକାର ସର୍ବକାଳୀନ ଟେଷ୍ଟ ଉଇକେଟ ହାସଲକାରଙ୍କ ମଧ୍ୟରେ ଚତୁର୍ଥ ସ୍ଥାନରେ ଥିବା ଆଲାନ ଡୋନାଲ୍ଡଙ୍କଠାରୁ ୩ ଉଇକେଟ ପଛରେ ରହିଛନ୍ତି। ତାଙ୍କ ସହିତ ବାମହାତୀ ମାର୍କୋ ଜାନସେନ ନୂଆ ବଲରେ ବୋଲିଂ କରିବେ। ସେ ଗତ ୬ ମ୍ୟାଚ୍‌ରେ ୨୯ ଉଇକେଟ ନେଇଛନ୍ତି। ଲୁଙ୍ଗି ଏନ୍‌ଗିଡି ଓ ଡେନ ପାଟରସନଙ୍କ ମଧ୍ୟରୁ ଜଣେ କେହି ତୃତୀୟ ପେସର ଭାବେ ଖେଳିବ। ଏଡେନ ମାରକ୍ରାମ ଓ ର୍ୟାନ ରିକଲଟନ ଓପନିଂ କରିବେ ଏବଂ ଅଧିନାୟକ ଟେମ୍ବା ବଭୁମା ନଂ-୪ରେ ଖେଳିବେ। ମଧ୍ୟକ୍ରମରେ ଡେଭିଡ ବେଡିଂହାମ ରହିଛନ୍ତି, ସେ ୨୦୨୩-୨୫ ଡବ୍ଲ୍ୟୁଟିସି ସାଇକେଲରେ ଦକ୍ଷିଣ ଆଫ୍ରିକା ଲାଗି ସର୍ବାଧିକ ରନ କରିଛନ୍ତି।

## ଲର୍ଡ୍ସର ଇତିହାସ

କ୍ରିକେଟର ଅନ୍ତୁଡ଼ିଶାଳ ଭାବେ ପରିଚିତ ଲର୍ଡ୍ସରେ ଦକ୍ଷିଣ ଆଫ୍ରିକାର ରେକର୍ଡ ଭଲ ରହିଛି। ଦଳ ଏଠାରେ ୭ ଟେଷ୍ଟ ଖେଳିଥିବା ବେଳେ କେବଳ ଥରେ ପରାଜିତ ହୋଇଛି। ଗତ ଥର ୨୦୨୨ରେ ଏଠାରେ ଇଂଲଣ୍ଡ ବିପକ୍ଷରେ ଖେଳିଥିବା ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ୩ ଦିନ ମଧ୍ୟରେ ଏକ ଇନିଂସ ବ୍ୟବଧାନରେ ଜିତି ନେଇଥିଲା।

# ବାଳିକାରେ ୩, ବାଳକରେ ୮ ମିଳିତ ଅଗ୍ରଣୀ



ଦ୍ୱିତୀୟ ଦିବସ ଖେଳ ଅବସରରେ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୯।୬ (ତପନ ସ୍ୱାଇଁ)

**୧୫ ବର୍ଷରୁ କମ୍ ରାଜ୍ୟ ଚେସ**

ଟ୍ରିପଲ 'ସି' ଚେସ କ୍ଲବ ଆନୁକୂଲ୍ୟରେ କଟକର ଜବାହାର ଲାଲ ନେହେରୁ ଇନ୍‌ଡୋର ଷ୍ଟାଡ଼ିୟମରେ ଚାଲିଥିବା ରାଜ୍ୟ ୧୫ ବର୍ଷରୁ କମ ଚେସ୍ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡ ଖେଳ ସୋମବାର ଶେଷ ହୋଇଛି। ୪ ରାଉଣ୍ଡ ଶେଷସୁଦ୍ଧା ବାଳିକାରେ ୩ ଓ ବାଳକରେ ୮ ଖେଳାଳି ଅଗ୍ରଣୀ ହାସଲ କରିଛନ୍ତି। ବାଳିକା ବର୍ଗରେ ସୃଷ୍ଟି ଶ୍ରେୟାସୀ,ସ୍ନେହସ୍ମିତା ରାମ ଓ ଜ୍ୟୋତିକା ସାହୁ ପୂରା ୪ ପଏଣ୍ଟ ଲେଖାଏ ପାଇଛନ୍ତି। ଅନୁଶ୍ରୀ ପାଢ଼ୀ ଓ ଏବଂ ତନଭି ମିଶ୍ର ୩.୫ ସହ ୨ୟ ସ୍ଥାନରେ ଅଛନ୍ତି । ସେହିପରି ବାଳକ ବର୍ଗରେ ସାତ୍ୱିକ ସ୍ୱାଇଁ, ଆଦିତ୍ୟ ଜେନା, ହିମାଂଶୁ ନାୟକ, ଦେବପ୍ରିୟ ବିଶ୍ୱାଳ, ବିଶ୍ୱପ୍ରିତ୍ ରାୟ, ସୂର୍ଯ୍ୟାଂଶୁ ମହାକୁଡ଼, ସୁମିତ କୁମାର ସିହ୍ନା ଓ ସାଇ ଶକ୍ତି ପଣ୍ଡା ୪ ପଏଣ୍ଟ ଲେଖାଏ ଅର୍ଜନ କରି ମିଳିତ ଅଗ୍ରଣୀ ରହିଛନ୍ତି। ଏହି ମର୍ଯ୍ୟାଦାଜନକ ରାଜ୍ୟ ସବ୍‌ଜୁନିୟର ପ୍ରତିଯୋଗିତା ପ୍ରଥମଥର ପାଇଁ ଫିଡେ ରେଟିଂର ମାନ୍ୟତା ପାଇଛି। ପ୍ରତିଯୋଗିତାରେ ୨୦ ଜିଲାରୁ ମୋଟ ୨୬୦ ପ୍ରତିଯୋଗୀ ଭାଗନେଇଛନ୍ତି। ଆନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ରଙ୍କ ସହିତ ସିନିୟର ଜାତୀୟ ଅର୍ବିଟର ସୁରଜ କୁମାର ମହାରଣା, ସତ୍ୟଜିତ ବାରିକ ଓ ଚନ୍ଦ୍ର ଶେଖର ପଣ୍ଡା ଖେଳ ପରିଚାଳନା କରୁଛନ୍ତି। ପ୍ରତିମା ଆପାତ୍ ଓ ପ୍ରଣିତା ସେନ ସହଯୋଗ କରୁଛନ୍ତି।

# ପୋଲାଣ୍ଡରୁ ଖେଳିବେନି ଲିୱାଣ୍ଡୋସ୍କି

ୱାରସ, ୯।୬ (ଏପି): ମିଚାଲ ପ୍ରୋବ୍ରିଜ୍ ଯେପର୍ଯ୍ୟନ୍ତ ମୁଖ୍ୟ କୋଚ୍ ରହିଥିବେ ସେପର୍ଯ୍ୟନ୍ତ ରବର୍ଟ ଲିୱାଣ୍ଡୋସ୍କି ପୋଲାଣ୍ଡ ଫୁଟ୍‌ବଲ ଦଳ ତରଫରୁ ଖେଳିବେ ନାହିଁ। ବାର୍ସିଲୋନାର ଏହି ଷ୍ଟାର ଷ୍ଟ୍ରାଇକର ଏକଥା ସ୍ପଷ୍ଟ କରିଦେଇଛନ୍ତି। ପୋଲାଣ୍ଡର ଏହି ୩୬ବର୍ଷୀୟ ଅଧିନାୟକ ତାଙ୍କ ଦେଶ ତରଫରୁ ରେକର୍ଡ ୧୫୮ ଗେମ୍ ଖେଳିଛନ୍ତି। ୮୫ଗୋଲ୍ ସହ ସେ ଅଗ୍ରଣୀ ଗୋଲ୍ ସ୍କୋରର ରହିଛନ୍ତି। ବାର୍ସିଲୋନା ଟିମ୍ ସହ ଲା-ଲିଗା ଟାଇଟଲ ଜିତିସାରିବା ପରେ ସେ କ୍ଳାନ୍ତ ଦର୍ଶାଇ ଗତ ଶୁକ୍ରବାର ମୋଲଡୋଭା ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଏବଂ ଫିନ୍‌ଲାଣ୍ଡ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାୟରରୁ ଓହରିଯାଇଛନ୍ତି।

# ବୋଇସନଙ୍କ ୨୯୬ ସ୍ଥାନ ପଦୋନ୍ନତି

ପ୍ୟାରିସ, ୯।୬ (ଏପି)

ବିଶ୍ୱ ଟେନିସ ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗରେ ସବୁଠାରୁ ଅଧିକ ୨୯୬ ପଦୋନ୍ନତି ପାଇଛନ୍ତି ଲୋଇସ୍ ବୋଇସନ। ଫ୍ରେଞ୍ଚ ମହିଳା ଖେଳାଳି ଗତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ କ୍ଲେକୋର୍ଟ ଟୁର୍ନାମେଣ୍ଟରେ ସେମିଫାଇନାଲରେ ପ୍ରବେଶ କରିବା ପୂର୍ବରୁ ର୍‍ୟାଙ୍କିଙ୍ଗ ତାଲିକାର ୩୬୧ତମ ସ୍ଥାନରେ ରହିଥିଲେ। ସୋମବାର ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ ତାଲିକାରେ ତାଙ୍କୁ ୬୫ତମ ସ୍ଥାନ ମିଳିଛି। ବୋଇସନଙ୍କୁ ସେମିଫାଇନାଲରେ ପରାସ୍ତ କରି କୋକୋ ଗଫ୍ ତାଙ୍କର ପ୍ରଥମ ଫ୍ରେଞ୍ଚ ଓପନ ଟାଇଟଲ ହାସଲ କରିଥିଲେ। ଟପ୍ ର୍‍ୟାଙ୍କିଙ୍ଗରେ କୌଣସି ପରିବର୍ତ୍ତନ ଘଟିନାହିଁ। ଗଫ୍ ଆଗରେ ଆରିନା ସାବାଲେଙ୍କା ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଆମେରିକାର ଜେସିକା ପେଗୁଲା ତୃତୀୟ ସ୍ଥାନରେ ଅଛନ୍ତି।

## ନମ୍ବର ୱାନ ରହିଲେ ସିନର

ରବିବାର ରୋଲାଣ୍ଡ ଗ୍ୟାରୋସଠାରେ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଜାନିକ ସିନରଙ୍କ ବିପକ୍ଷରେ ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲ ଜିତି ମଧ ଏଟିପି ର୍‍ୟାଙ୍କିଙ୍ଗରେ କାର୍ଲୋସ ଅଲ୍‌କାରାଜ ତାଙ୍କ ଇଟାଲିଆନ ପ୍ରତିଦ୍ୱନ୍ଦ୍ୱୀଙ୍କ ପଛରେ ପୂର୍ବଭଳି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସିନର ପରାଜିତ ହୋଇଥିଲେ ମଧ ନମ୍ବର ୱାନ ସ୍ଥାନ ବଜାୟ ରଖିଛନ୍ତି।

# ପ୍ରିମିୟର ଲିଗ୍‌ର ପ୍ରଥମ କୃଷ୍ଣକାୟ ରେଫରିଙ୍କ ପରଲୋକ

ଶିଫିଲ୍ଡ (ଇଂଲଣ୍ଡ), ୯।୬ (ଏପି): ପ୍ରିମିୟର ଫୁଟ୍‌ବଲ ଲିଗ୍‌ର ପ୍ରଥମ କୃଷ୍ଣକାୟ ରେଫରି ଉରିଆ ରେନିଙ୍କର ପରଲୋକ ଘଟିଛି। ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ଉରିଆ ପ୍ରିମିୟର ଲିଗ୍‌ର ପ୍ରଥମ କୃଷ୍ଣକାୟ ରେଫରି ଭାବେ ୩୦୦ରୁ ଊର୍ଦ୍ଧ୍ୱ ଶୀର୍ଷ ସ୍ତରୀୟ ମ୍ୟାଚ ପରିଚାଳନା କରି ଇତିହାସ ସୃଷ୍ଟି କରିଥିଲେ। ଜାମାଇକାରେ ଜନ୍ମ ଗ୍ରହଣ କରିଥିବା ଉରିଆ ୧୯୯୭ ଅଗଷ୍ଟରେ ଡର୍ବି-ୱିମ୍ବେଲଡନ ମ୍ୟାଚରେ ପ୍ରଥମ ଥର ରେଫରି ଦାୟିତ୍ୱ ମିଳିଥିଲା। ଗତବର୍ଷ ତୁର୍କୀକୁ ଛୁଟି କଟାଇବା ଲାଗି ଯାଇଥିବା ବେଳେ ରେନି ଏକ ସାକ୍ଷାତ୍କାର ଦେଉଥିବା ବେଳେ ପିଠିରେ ଖୁବ୍ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ସ୍ନାୟବିକ ସମସ୍ୟା ଦେଖାଦେଇଥିବା ଡାକ୍ତରମାନେ କହିଥିଲେ।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୯।୬ (ତପନ ସ୍ୱାଇଁ)

ବିଶାଖାପାଟଣାରେ ଚାଲିଥିବା ଆନ୍ତଃ ରାଜ୍ୟ ଦୃଷ୍ଟିହୀନ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀକୁ ହରାଇଥିବା ଓଡ଼ିଶା ସୋମବାର

**ଆନ୍ତଃ ରାଜ୍ୟ ଦୃଷ୍ଟିହୀନ ମହିଳା ଟି୨୦**

ଦ୍ୱିତୀୟ ମ୍ୟାଚରେ କେରଳକୁ ୯ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା କେରଳ ୧୫ ଓଭରରେ ୯ ଉଇକେଟ ହରାଇ ୬୭ ରନ କରିଥିଲା। ଓଡ଼ିଶାର ସୁକାନ୍ତ ଦଳପତି ୨ଟି ଉଇକେଟ ନେଇଥିଲେ। ୬୮ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ଅତି ସହଜରେ ୭.୧ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଝୁଲି ବିରୁଆ ୨୮ ଓ ଯମୁନା ରାଣୀ ଟୁଡୁ ୨୨ ରନ କରିଥିଲେ। ଝିଲି ବିରୁଆ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଏହାର ଶେଷ ଲିଗ୍ ମ୍ୟାଚ ମଙ୍ଗଳବାର ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବ।



ଝିଲି ବିରୁଆ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# 'ପ୍ରେମ୍, ରାଜକୁମାରଙ୍କୁ ପଦକ ଦୃଢ଼ ସଂକଳ୍ପର ନିଦର୍ଶନ': ଜିନ୍ଦଲ





ପ୍ରେମ ମୁଣ୍ଡା ଓ ରାଜକୁମାର ମୁଣ୍ଡା।

ଭୁବନେଶ୍ୱର, ୯।୬ (ତପନ ସ୍ୱାଇଁ)

ମସ୍କୋରେ ଅନୁଷ୍ଠିତ ଉଷୁ ଷ୍ଟାର ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ବଡବିଲସ୍ଥିତ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଦୁଇ କ୍ରୀଡ଼ାବିତ ପ୍ରେମ ମୁଣ୍ଡା ଓ ରାଜକୁମାର ମୁଣ୍ଡା। ସିନିୟର ପୁରୁଷ ୪୮ କେଜିରେ ପ୍ରେମ୍ ଓ ୫୨ କେଜି ବର୍ଗରେ ରାଜକୁମାର ଚମତ୍କାର କୌଶଳ ପ୍ରଦର୍ଶନ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ଏମାନେ ଆୟୋଜକ ରୁଷର ଶୀର୍ଷସ୍ତରୀୟ ପ୍ରତିଯୋଗୀଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଦୁହିଁଙ୍କ ସଫଳତା ଓଡ଼ିଶା ଓ ଭାରତୀୟ ଉଷୁ କ୍ରୀଡ଼ା ପାଇଁ ବିଶ୍ୱସ୍ତରରେ ଏକ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଶାଲୁ ଜିନ୍ଦଲଙ୍କ ମାର୍ଗଦର୍ଶନରେ ପରିଚାଳିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପ୍ରୋତ୍ସାହନରେ ପରିଚାଳିତ ହଷ୍ଟେଲର ଦୁଇ ଅନ୍ତେବାସୀ ହେଉଛନ୍ତି ପ୍ରେମ ଓ ରାଜକୁମାର ମୁଣ୍ଡା। ଏହି ସଫଳତାରେ ଏମ୍‌ପି ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧକ୍ଷ ନବୀନ ଜିନ୍ଦଲ କହିଛନ୍ତି ଯେ, ''ଏହା ଆମ ପାଇଁ ଅତ୍ୟନ୍ତ ଗୌରବର ମୁହୂର୍ତ୍ତ। ପ୍ରେମ ଓ ରାଜକୁମାରଙ୍କ ସଫଳତା କେବଳ ଭାରତୀୟ କ୍ରୀଡ଼ାର ବିଜୟ ନୁହେଁ ବରଂ ସମସ୍ତଙ୍କୁ ସମାନ ସୁଯୋଗର ସାମର୍ଥ୍ୟ ଓ ଦୃଢ଼ ସଂକଳ୍ପର ସାର୍ଥକ ନିଦର୍ଶନ। ଗ୍ରାମୀଣ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାର ପ୍ରତିଶ୍ରୁତିବଦ୍ଧତା ପାଇଁ ଜିନ୍ଦଲ ଫାଉଣ୍ଡେଶନର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି''। ଅନ୍ୟପକ୍ଷରେ ଏକ ଗ୍ରାମୀଣ ଅଞ୍ଚଳରୁ ବିଶ୍ୱ ଦରବାର ଯାଏ ସେମାନଙ୍କ ଯାତ୍ରା ନିଶ୍ଚିତ ଭାବେ ପ୍ରେରଣାଦାୟୀ ବୋଲି ଜିନ୍ଦଲ ଫାଉଣ୍ଡେଶନର ଅଧକ୍ଷା ଶାଲୁ ଜିନ୍ଦଲ ପ୍ରକାଶ କରିଛନ୍ତି। ଜିନ୍ଦଲ ଫାଉଣ୍ଡେଶନ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ପ୍ରେମ ଓ ରାଜକୁମାରଙ୍କ ସମେତ ଶ୍ୱେତା ରାଣୀ, ବବଲୁ ଓ ମଞ୍ଜୁ ମୁଣ୍ଡା ମଧ୍ୟ ପ୍ରଶିକ୍ଷିତ ହୋଇ ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତ। ଫାଉଣ୍ଡେସନ ପକ୍ଷରୁ ଦେଶର ୩୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ମହିଳା ଓ ପୁରୁଷ ହକି, ମହିଳା ଓ ପୁରୁଷ ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି।

# ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ, କଟକ 'ବି' ବିଜୟୀ

ଭୁବନେଶ୍ୱର, ୯।୬ (ତପନ ସ୍ୱାଇଁ)



ଅଭିଷେକ ସେନାପତି



ରାହୁଲ ହରିଜନ



ସେଖ୍ ତନଭୀର



ସଞ୍ଜୀବ ବଡ଼ନାଏକ

**୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବିଭିନ୍ନ ପଡ଼ିଆରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ ଓ କଟକ 'ବି' ବିଜୟୀ ହୋଇଛି। ବର୍ଷା ଯୋଗୁ ଅନ୍ୟ ୨ଟି ମ୍ୟାଚ ବାତିଲ ହୋଇଛି।

ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର ୧୦୧ ରନରେ କଳାହାଣ୍ଡିକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ସମ୍ବଲପୁର ଅର୍ମାନ ବହିଦାରଙ୍କ ୯୦ ଓ ସେକ୍ ମୌସିନଙ୍କ ୫୦ ରନ ସତ୍ତ୍ୱେ ୨୮.୩ ଓଭରରେ ୨୦୨ ରନରେ ସମସ୍ତ ଉଇକେଟ ହରାଇଥିଲା। ବିପକ୍ଷ ଦଳର ରାହୁଲ ହରିଜନ ୫ଟି ଓ ଗୋବିନ୍ଦ ବାଗ ୪ଟି ଉଇକେଟ ନେଇଥିଲେ। ଜବାବରେ କଳାହାଣ୍ଡି ୨୭.୨ ଓଭରରେ ୧୦୧ ରନକରି ଅଲ୍‌ଆଉଟ ହୋଇଥିଲା। ବିଜୟୀ ଦଳର ସେକ୍ ତନଭୀର ୫ ଓଭରରେ ମାତ୍ର ୧୦ ରନ ଦେଇ ୪ଟି ଉଇକେଟ ନେଇଥିଲେ। ଅଡ଼ଶପୁର ପଡ଼ିଆରେ ଆୟୋଜିତ ମ୍ୟାଚରେ ସୁନ୍ଦରଗଡ଼ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ବଲାଙ୍ଗୀରକୁ ୨ ଉଇକେଟରେ ହରାଇ ଦେଇଛି। ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବଲାଙ୍ଗୀର ସମରପ୍ରୀତ ପଟେଲଙ୍କ ୫୩ ରନ ସତ୍ତ୍ୱେ ୩୬.୩ ଓଭରରେ ୧୨୬ ରନକରି ସମସ୍ତ ଉଇକେଟ ହରାଇଥିଲା। ପ୍ରତିପକ୍ଷ ଦଳର ସଞ୍ଜୀବ ବଡ଼ନାୟକ ୪ଟି ଓ କିଶନ କୁମାର ଅହିର ୩ଟି ଉଇକେଟ ନେଇଥିଲେ। ୧୨୭ ରନ ବିଜୟ ଲକ୍ଷ୍ୟରେ ସୁନ୍ଦରଗଡ଼ ୩୦.୨ ଓଭରରେ ୮ ଉଇକେଟ ହରାଇ ୧୧୩ ରନ କରିଥିବାବେଳେ ବର୍ଷା ହୋଇଥିଲା। ଆଉ ଖେଳ ସମ୍ଭବ ନ ହେବାରୁ ସୁନ୍ଦରଗଡ଼କୁ ବିଜୟୀ ଘୋଷିତ କରାଯାଇଥିଲା। ଆଦିତ୍ୟ ଆନନ୍ଦ ସର୍ବାଧିକ ୬୦ ରନ କରିଥିବାବେଳେ ବିପକ୍ଷ ଦଳର ଯୋଗେଶ୍ୱର ବାଗ୍ ୪ଟି ଉଇକେଟ ନେଇଥିଲେ।

ଡ୍ରିମ୍ସ ଗ୍ରାଉଣ୍ଡରେ ମୟୂରଭଞ୍ଜ ଡିଏଲ୍‌ଏସ୍ ପଦ୍ଧତିରେ ୬୩ ରନରେ ଗଜପତିକୁ ପରାସ୍ତ କରିଛି। ମୟୂରଭଞ୍ଜ ଦଳ ୪୩ ଓଭରରେ ୯ ଉଇକେଟ ହରାଇ ୨୦୧ ରନ କରିଥିଲା। ଦଳ ପକ୍ଷରୁ ରୋଶନ ଚୌଧୁରୀ ସର୍ବାଧିକ ୪୬ ରନ କରିଥିଲେ। ଜବାବରେ ଗଜପତି ୨୧ ଓଭରରେ ୫ ଉଇକେଟ ହରାଇ ୫୪ ରନ କରିଥିବାବେଳେ ବର୍ଷା ଯୋଗୁ ମ୍ୟାଚ ବନ୍ଦ ରହିଥିଲା। ମୟୂରଭଞ୍ଜର ପ୍ରିୟଙ୍କ ପଟ୍ଟନାୟକ ୩ଟି ଉଇକେଟ ନେଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ କଟକ 'ବି' ୧୫୮ ରନରେ ମାଲକାନଗିରିକୁ ହରାଇ ଦେଇଛି। କଟକ ଦଳ ୪୭ ଓଭରରେ ୨୪୯ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ରଞ୍ଜନ ସାମଲ ସର୍ବାଧିକ ୮୧ ଓ ଅଭିଷେକ କାଳିଆ ୫୩ ରନ କରିଥିଲେ। ୨୫୦ ରନ ବିଜୟ ଲକ୍ଷ୍ୟରେ ମାଲକାନଗିରି ୨୯.୨ ଓଭରରେ ୯୧ ରନ କରି ଅଲ୍‌ଆଉଟ ହୋଇଥିଲା। ବିଜୟୀ ଦଳର ଅଭିଷେକ ସେନାପତି ୯.୨ ଓଭରରେ ମାତ୍ର ୧୫ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ